ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK

ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak

FOLLOW US ON TWITTER twitter.com/paryabekhyak

Vol.25 . No.155 Bhubaneswar Thursday Auguest 04 2022 | ୨୫ତମ ବର୍ଷ ସଂଖ୍ୟା–୧୫୫ ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୦୪, ୨୦୨୨ (୮ ପୃଷ୍ଠା) ₹ମୂଲ୍ୟ–୧.୫୦ 1.50 (Air Surcharge - 0.50P) Member-INS

## ତାଇୱାନ ଏୟାର ଡିଫେନ୍ସ ଜୋନରେ ପଶିଲା ଚାଇନାର ୨୭ ଯୁଦ୍ଧ ବିମାନ



ବେଜିଂ,୩।୮(ପି.ଏନ): ତାଇୱାନକୁ ନେଇ ଆମେରିକା ଓ ଚାଇନା ମଧ୍ୟରେ ସୃଷ୍ଟି ହୋଇଥିବା ତିକ୍ତତା ଏବେ ଚରମ ସୀମାରେ ପହଞ୍ଚିଛି। ଆମେରିକା ସିନେଟର ବାଚସ୍ପତି ନାନ୍ସି ପେଲୋସି ତାଇୱାନ ଗସ୍ତ କରିଥିବାରୁ ଚାଇନା ରାଗରେ ପଞ୍ଚମ ହୋଇଛି। ଏବେ ନାନ୍ସି ତାଇୱାନରୁ ଯିବା ପରେ ବେଜିଂ ତା'ର ଆକ୍ରମଣାତ୍ମକ ଆଭିମୁଖ୍ୟ ଦେଖାଇଛି। ଏଥିପାଇଁ ଆଜି ତାଇୱାନର ଏୟାର ଡିଫେନ୍ସ ଜୋନରେ ଉଡାଣ କରିଛି ଚାଇନାର ୨୭ଟି ଯୁଦ୍ଧ ବିମାନ। ଗତକାଲି ନାନ୍ସି ତାଇପେଇରେ ପହଞ୍ଚିବା ପୂର୍ବରୁ ଚାଇନା ସୀମାନ୍ତ ଅଞ୍ଚଳରେ ୨୧ଟି ଯୁଦ୍ଧ ବିମାନ ଉଡାଇଥିଲା। ଏବେ ଏହି ସଂଖ୍ୟା ବୃଦ୍ଧି କରିଥିବା ତାଇୱାନ ପ୍ରତିରକ୍ଷା ବିଭାଗ ପକ୍ଷରୁ କୁହାଯାଇଛି।ବିଭାଗ କହିଛି ଯେ ପିଏଲଏର ୨୭ଟି ଯୁଦ୍ଧ ବିମାନ ରିପବ୍ଲିକ ଅଫ ଚାଇନାର ଚାରିପାଖରେ ଥିବା ଅଞ୍ଚଳଗୁଡିକରେ ପ୍ରବେଶ କରିଛି। ଚାଇନା ପକ୍ଷରୁ ୬ଟି ଜେ-୧୧ ଯୁଦ୍ଧ ବିମାନ, ୫ଟି ଜେ-୧୬ ଯୁଦ୍ଧ ବିମାନ ଓ ୧୬ଟି ଏସ୍‌ୟୁ-୩୦ ଯୁଦ୍ଧ ବିମାନକୁ ଏକକାଳୀନ ଉଡାଣ କରାଯାଇଥିଲା। ଏଗୁଡିକ ତାଇୱାନ ଏୟାର ଡିଫେନ୍ସ ଜୋନରେ ପଶି ଦୀର୍ଘ ସମୟ ଧରି ଚକ୍କର ମାରିଥିଲେ।ତେବେ ଏହାର ମୁକାବିଲା ପାଇଁ ତାଇୱାନ ମଧ୍ୟ ତା'ର ନିଜସ୍ୱ ଯୁଦ୍ଧ ବିମାନକୁ ବେସ୍ ?ରୁ ଉଡାଣ କରିଛି। ସେହିପରି ଏୟାର ଡିଫେନ୍ସ ମିସାଇଲକୁ ମଧ୍ୟ ମୁତୟନ କରିଥିବା ତାଇପେଇ ପକ୍ଷରୁ କୁହାଯାଇଛି। ତଇୱାନ ସେନା ଚାଇନାର ସବୁ ଆକ୍ରମଣ କରିବାକୁ ପ୍ରସ୍ତୁତ ବୋଲି ତାଇପେଇ କହିଛି।ଅନ୍ୟପକ୍ଷରେ ତାଇୱାନ ସୀମାନ୍ତକୁ ଲାଗିଥିବା ୬ଟି ଅଞ୍ଚଳରେ ଚାଇନା ସେନା ପକ୍ଷରୁ ଯୁଦ୍ଧାଭ୍ୟାସ ଆରମ୍ଭ କରାଯାଇଛି। ରବିବାର ଯାଏ ଏହି କାର୍ଯ୍ୟକ୍ରମ ଚାଲିବ। ନାନ୍ସି ପେଲୋସି ତାଇୱାନ ଗସ୍ତ କରିଥିବାରୁ ଏହାର ପ୍ରତିଶୋଧ ନେବାକୁ ପ୍ରତିଜ୍ଞା କରିଛି ଚାଇନା। ନାନ୍ସିଙ୍କ ଏପରି ଗସ୍ତ ଚାଇନାର ସାର୍ବଭୌମତ୍ୱ ଓ ଅଖଣ୍ଡତାକୁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ତେଣୁ ଚାଇନା ଏହାର ପରିଣାମ ଉଭୟ ଆମେରିକା ଓ ତାଇୱାନ ଭୋଗିବେ ବୋଲି ମଧ୍ୟ କହିଛି। ଏପରି କଥା କହିବା ପରେ ହିଁ ଚାଇନିଜ ଯୁଦ୍ଧ ବିମାନ ତାଇୱାନ ଏୟାର ଡିଫେନ୍ସ ଜୋନ ମଧ୍ୟରେ ପଶିଥିବା ଜଣାପଡିଛି।

## ଦରବୃଦ୍ଧି : ୫ରେ କଂଗ୍ରେସର ରାଜଭବନ ଘେରାଉ, ବିଜେପି କହିଲା ନାଟକବାଜି



ଭୁବନେଶ୍ୱର(ଓଡିଶା ରିପୋର୍ଟର): ଖାଦ୍ୟସାମଗ୍ରୀର ଆକାଶଛୁଆଁ ଦରବୃଦ୍ଧି, ବେକାରୀ ସମସ୍ୟା, ମନଇଚ୍ଛା ଜିଏସଟି ଓ ଅଗ୍ନିପଥ ଯୋଜନା ଲାଗୁ ପ୍ରତିବାଦରେ ଆସନ୍ତା ୫ ତାରିଖ ଶୁକ୍ରବାର ରାଜଭବନ ଘେରାଉ କରାଯିବ ବୋଲି କଂଗ୍ରେସ ଘୋଷଣା କରିଛି । କଂଗ୍ରେସର ଏହି ପ୍ରତିବାଦ କାର୍ଯ୍ୟକ୍ରମକୁ ବିଜେପି ସମାଲୋଚନା କରିବା ସହ ଆନ୍ଦୋଳନ ନାଁରେ କଂଗ୍ରେସ ନାଟକବାଜି କରୁଛି ବୋଲି କହିଛି ।ପିସିସି ସଭାପତି ଶରତ ପଟ୍ଟନାୟକ ଆଜି କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ ଏବଂ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଅହେତୁକ ମୂଲ୍ୟବୃଦ୍ଧି, ବେକାରୀ ସମସ୍ୟା, ଅଗ୍ନିପଥ ଯୋଜନା ଏବଂ ମୁ?, ଗୁଡ, ଖଇ ପ୍ରଭୃତି ଉପରେ ଜିଏସ୍ ?ଟି ଲାଗୁ ବିରୁଦ୍ଧରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତାକୁ ନେଇ କଂଗ୍ରେସ ଦଳ ପକ୍ଷରୁ ଆସନ୍ତା ୫ ତାରିଖରେ 'ରାଜଭବନ ଘେରାଉ' କରାଯିବ ।୨୦୧୪ ମସିହାରେ ନରେନ୍ଦ୍ର ମୋଦି ସରକାର ଭାରତବର୍ଷର ଜନସାଧାରଣଙ୍କୁ 'ଅଚ୍ଛେଦିନ'ର ସ୍ୱପ୍ନ ଦେଖାଇଥିଲେ । କିନ୍ତୁ ଏହି ୮ବର୍ଷ ଭିତରେ 'ଅଚ୍ଛେଦିନ'ପରିବର୍ତ୍ତେ ? ଭାରତର ଜନସାଧାରଣର ଦୁର୍ବିସହ ଜୀବନ ବିତାଉଛନ୍ତି । ୨୦୧୪ ମସିହାରେ ୧୪.୨ କେଜି ଘରୋଇ ରନ୍ଧନ ଗ୍ୟାସର ଦାମ ଓଡିଶାରେ ୪୧୦ ଟଙ୍କା ଥିବାବେଳେ ଆଜି ଏହା ୧୦୮୦ ଟଙ୍କା ପାର ହୋଇ ସାରିଲାଣି । ପେଟ୍ରୋଲ, ଡିଜେଲର ଦାମ ୧୦୦ ଟଙ୍କାକୁ ଅତିକ୍ରମ କରିସାରିଛି । ଲୋକଙ୍କୁ ପେଟକୁ ଲାତମାରି କେନ୍ଦ୍ର ସରକାର ପେଟ୍ରୋଲ ଓ ଡିଜେଲରୁ ୨୫ ଲକ୍ଷ ୫୦ ହଜାର କୋଟିରୁ ଅଧିକ ରାଜସ୍ୱ ଆୟ କରିସାରିଛନ୍ତି ।ସେହିଭଳି ଭାବରେ ରାଜ୍ୟ ସରକାର ପେଟ୍ରୋଲ ଓ ଡିଜେଲ ଉପରୁ ଭ୍ୟାଟ୍ ଲଗାଇ ହଜାର ହଜାର କୋଟି ଟଙ୍କା ରାଜସ୍ୱ ଆୟ କରୁଛନ୍ତି । ଶେଷରେ ଲୋକଙ୍କର ସର୍ବନିମ୍ନ ଆବଶ୍ୟକତା ଚୂଡା, ମୁ?, ଗୁଡ, ଚାଉଳ, ଚୂନା, ପନିର, ଅଟା, ପେନସିଲ କଟର,ଖାତା ଇତ୍ୟାଦି ଉପରେ ମଧ୍ୟ ୫% ଜିଏସଟି ଲଗାଇବାକୁ ପଛାଇଲେ ନାହିଁ । ଓଡିଶାର ଅର୍ଥମନ୍ତ୍ରୀ ଏ ବାବଦରେ ଥରୁଟିଏ ପ୍ରତିବାଦ କଲେ ନାହିଁ । ଯଦିଓ ଓଡିଶାର ସାଧାରଣ ଲୋକଙ୍କର ମୂ?, ଚୁଡା ନିତିଦିନିଆ ଖାଦ୍ୟ ।ନବୀନ ପଟ୍ଟନାୟକ ସରକାର ଖୋଲାଖୋଲି ଭାବେ କେନ୍ଦ୍ର ସରକାରଙ୍କୁ ଏଥିରେ ମଧ୍ୟ ଜିଏସଟି ଲାଗୁ କରିବାପାଇଁ ସହଯୋଗ କଲେ । ମୋଦି ସରକାର ପ୍ରତିବର୍ଷ ୨କୋଟି ଚାକିରି ଦେବାରେ ପ୍ରତିଶ୍ରୁତି ଦେଇଥିଲା ୮ ବର୍ଷରେ ୧୬ କୋଟି ଚାକିରି ଦେବା ପରିବର୍ତ୍ତ ? ଆଜି ପାଂଖାପାଖି ୧୩ କୋଟିରୁ ଅଧିକ ଲୋକ ନିଜର ଚାକିରି ଓ ରୋଜଗାର ହରାଇଛନ୍ତି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଏଭଳି ଆଭିମୁଖ୍ୟକୁ ବିରୋଧ କରି ରାଜ୍ୟ କଂଗ୍ରେସ ଆସନ୍ତା ୫ତାରିଖରେ ରାଜଭବନ ଘେରାଉ କରିବ । ସେହିଭଳି ଜିଲ୍ଲାସ୍ତରରେ ଜିଲ୍ଲାପାଳଙ୍କ ଅଫିସ ବା ଅତିରିକ୍ତ ଜିଲ୍ଲାପାଳଙ୍କ ଅଫିସକୁ ଘେରାଉ କରାଯିବ । ସେହିପରି ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ମଧ୍ୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତାକୁ ନେଇ କଡା ସମାଲୋଚନା କରିଥିଲେ। ଅନ୍ୟପକ୍ଷରେ ବିଜେପି ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ପ୍ରଦୀପ ପୁରୋହିତ କଂଗ୍ରେସକୁ ସମାଲୋଚନା କରି କହିଛନ୍ତି ଯେ କଂଗ୍ରେସ କ'ଣ ଆନ୍ଦୋଳନ କରିବ, ତାହା ଦେଶବାସୀ ଜାଣିସାରିଛନ୍ତି । କ୍ଷମତାରେ ଥିବାବେଳେ କଂଗ୍ରେସ ନେତାମାନେ ଦୁର୍ନୀତିରେ ବୁଡି ରହିଥିଲେ । କଂଗ୍ରେସ ହାଇକମାଣ୍ଡ ସୋନିଆ ଗାନ୍ଧିଙ୍କୁ ଏବେ ଇଡି ଜେରା କରୁଛି । ସେହି ପ୍ରସଙ୍ଗ ଲୋକଙ୍କ ମନରୁ ହଟାଇବାକୁ ଆନ୍ଦୋଳନ ନାଁରେ କଂଗ୍ରେସ ନାଟକବାଜି କରୁଛି ବୋଲି ସେ କହିଛନ୍ତି ।

## ରାଷ୍ଟ୍ରପତିଙ୍କୁ ଭେଟିଲେ ଓଡିଶାର ବିଧାୟକ

ଭୁବନେଶ୍ୱର, ୩।୮ (ପି.ଏନ): ଓଡିଶା ବିଧାନସଭାର ବାଚସ୍ପତି ବିକ୍ରମ କେଶରୀ ଆରୁଖଙ୍କ ନେତୃତ୍ୱରେ ବିଧାୟକ ମାନେ ରାଷ୍ଟ୍ରପତି ଭବନ ଯାଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରିଛନ୍ତି । ସେମାନେ ତାଙ୍କୁ ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା ପରେ ବିଧାନସଭା ପକ୍ଷରୁ ଅଭିନନ୍ଦନ ଜଣାଇଛନ୍ତି। ଏହାସହ ବିଧାୟକମାନେ ରାଜ୍ୟରୁ ନିଜ ସହ ନେଇଥିବା ବିଭିନ୍ନ ଉପହାରକୁ ରାଷ୍ଟ୍ରପତିଙ୍କୁ ପ୍ରଦାନ କରିଥିଲେ। କଂଗ୍ରେସ ବିଧାୟକ ତାରାବାହିନୀପତି କୋଟପାଡ଼ର ପ୍ରସିଦ୍ଧ ଶାଢ଼ୀ ରାଷ୍ଟ୍ରପତିଙ୍କୁ ପ୍ରଦାନ କରିଥିବା ବେଳେ ପ୍ରମିଳା ମଲ୍ଲିକ ବି ଶାଢ଼ୀ ଉପହାର ଦେଇଥିଲେ। ସେହିପରି ବିଜେପି ବିଧାୟକ ବିଷ୍ଣୁ ସେଠୀ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଲେଖିଥିବା ଏକ କବିତା ପାଠ କରିବା ସହ କବିତା ସଙ୍କଳନକୁ ଫ୍ରେମ୍ କରି ରାଷ୍ଟ୍ରପତିଙ୍କୁ ଭେଟି ଦେଇଥିଲେ। ବିଧାନସଭା କମିଟି ପକ୍ଷରୁ ରାଷ୍ଟ୍ରପତିଙ୍କୁ ତାରକସୀରେ ତିଆରି ଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ପ୍ରଦାନ କରାଯାଇଛି । ସାକ୍ଷାତ ପରେ ରାଷ୍ଟ୍ରପତିଙ୍କ ସହ ସମସ୍ତେ ଜଳପାନ କରିଥିଲେ। ଏହି ଅବସରରେ ସବୁ ବିଧାୟକମାନେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ଗ୍ରୁପ୍ ଫଟୋ ଉଠାଇଥିଲେ।ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଓଡ଼ିଶାବାସୀଙ୍କୁ ଧନ୍ୟବାଦ ଜଣାଇବା ସହ ସାମ୍ବିଧାନିକ ବିଧିବ୍ୟବସ୍ଥା ମୁତାବକ ଓଡ଼ିଶାର ବିକାଶ ପାଇଁ ତାଙ୍କର ପୂର୍ଣ୍ଣ ସହଯୋଗ ରହିବ ବୋଲି ପ୍ରକାଶ କରିଥିଲେ। ଏଥି ସହିତ ରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ତାଙ୍କ ପ୍ରତି ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଥମ କରି ଶୁଭେଚ୍ଛା ଓ ସହଯୋଗର ହାତ ବଢ଼ାଇଥିବାରୁ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଥିଲେ । ରାଷ୍ଟ୍ରପତିଙ୍କ ସହ ସାକ୍ଷାତକୁ ଅତ୍ୟନ୍ତ ଆନନ୍ଦଦାୟକ, ଗର୍ବ ଓ ଗୌରବର ଅବସର ବୋଲି ବାଚସ୍ପତି ଶ୍ରୀ ଆରୁଖ ଉଲ୍ଲେଖ କରିଛନ୍ତି । ଏଥି ସହ ଓଡ଼ିଶାବାସୀଙ୍କ ଉନ୍ନତି ପାଇଁ ରାଷ୍ଟ୍ରପତି ଆନ୍ତରିକତାର ସହ କାର୍ଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବାରୁ ଶ୍ରୀ ଆରୁଖ ତାଙ୍କୁ କୃତଜ୍ଞତା ଜଣାଇଛନ୍ତି । ବାଚସ୍ପତିଙ୍କ ନେତୃତ୍ୱରେ ଦିଲ୍ଲୀ ଯାଇଥିବା ଏହି ସର୍ବଦଳୀୟ କମିଟିରେ ଅର୍ଥ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀମତୀ ପ୍ରମିଳା ମଲ୍ଲିକ, ସରକାରୀ ଦଳ ମୁଖ୍ୟ ସଚେତକ ପ୍ରଶାନ୍ତ କୁମାର ମୁଦୁଲି, ବିରୋଧି ଦଳର ମୁଖ୍ୟସଚେତକ ମୋହନ ଚରଣ ମାଝୀ, ବିରୋଧି ଦଳର ଉପନେତା ବିଷ୍ଣୁଚରଣ ସେଠୀ, କଂଗ୍ରେସ ଦଳର ବରିଷ୍ଠ ବିଧାୟକ ତାରାପ୍ରସାଦ ବାହିନୀପତି ଓ ସନ୍ତୋଷ ସିଂ ସାଲୁଜାଙ୍କ ସମେତ ସର୍ବଦଳୀୟ କମିଟିର ୨୪ ଜଣ ସଦସ୍ୟ ରାଷ୍ଟ୍ରପତିଙ୍କୁ ସାକ୍ଷାତ କରିଥିଲେ ଓ ରାଷ୍ଟ୍ରପତି ଭବନ ବୁଲି ଦେଖିଥିଲେ । ସୂଚନାଯୋଗ୍ୟ ଯେ ଗତକାଲି ସକାଳେ ବିଜେଡି ଓ କଂଗ୍ରେସ ବିଧାୟକମାନେ ଦିଲ୍ଲୀ ଯାଇଥିଲେ। ସନ୍ଧ୍ୟାରେ ବିଜେପି ବିଧାୟକମାନେ ବି ଦିଲ୍ଲୀ ଗସ୍ତରେ ଯାଇଥିଲେ। ଆସନ୍ତାକାଲି ସମସ୍ତେ ଭୁବନେଶ୍ୱର ଫେରିବେ।

## ରତ୍ନ ସିଂହାସନରୁ ଖସିଲା ପ୍ଲାଷ୍ଟର : ରାଜ୍ୟ ପାଇଁ ବିପଦ

ପୁରୀ,୩।୮(ପି.ଏନ): ଶ୍ରୀମନ୍ଦିର ଗର୍ଭଗୃହର ରତ୍ନ ସିଂହାସନ ପଛପଟୁ ଚୁନ ପ୍ଲାଷ୍ଟର ଖସିଥିବା ଶ୍ରୀମନ୍ଦିର ପ୍ରଶାସନ ଆଜି ସୂଚନା ଦେଇଛି । କୌଣସି ପଥର ଖସିନାହିଁ ବୋଲି ପ୍ରଶାସନ ପକ୍ଷରୁ ସଫେଇ ଦିଆସରିଛି । ରଥଯାତ୍ରା ସମୟରେ ଏ.ଏସ୍.ଆଇ ପକ୍ଷରୁ କେମିକାଲ ପ୍ଲାଷ୍ଟର କରାଯାଇଥିଲା ତାହା ଆର୍ଦ୍ରତା ଯୋଗୁଁ ଖସିଯାଇଥିବା ଜଣାପଡ଼ିଛି । ଏହି ପ୍ଲାଷ୍ଟରର ଓଜନ ଦେଢ଼କେଜିରୁ ଅଧିକ ହେବ । ଏ ସମ୍ପର୍କରେ ଶ୍ରୀମନ୍ଦିର ପ୍ରଶାସନ ଏ.ଏସ୍.ଆଇ କର୍ତ୍ତୃପକ୍ଷଙ୍କୁ ଜଣାଇଦିଆଯାଇଛି। ଏ ସମ୍ପର୍କରେ ଖୁବ୍ ଶୀଘ୍ର ଯାଂଚ କରାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ସଫେଇ ଦେଇଛି । ଏ.ଏସ୍.ଆଇ ପକ୍ଷରୁ ନିମ୍ନମାନର କାର୍ଯ୍ୟ କରାଯାଇଥିବାରୁ ଏହା ବହୁଦିନ ଧରି ତିଷ୍ଠି ରହୁନାହିଁ ବୋଲି କୁହାଯାଇଛି ।

## ଚାକରି ଦେବା ନାମରେ ୨୧ ଲକ୍ଷ ଲୁଟ, ଠକ ଗିରଫ

ମାଲକାନଗିରି,୩।୮ (ପି.ଏନ): ଚାକିରି ଦେବା ନାଁରେ ୨୧ ଲକ୍ଷ ଲୁଟ । ମାଲକାନଗିରି ଜିଲା ମାଥିଲି ଅଞ୍ଚଳରୁ ଏପରି ଠକାମୀର ଶୀକାର ହୋଇଛନ୍ତି ଶିକ୍ଷିତ ୪ ଯୁବକ ଏବଂ ଜଣେ ମହିଳା । ସରକାରୀ ପଦ ପଦବିରେ ରହିବାକୁ ଯୋଜନା ରଖି ମନରେ ବିଶ୍ୱାସ ଜନ୍ମାଇ ୨୧ ଲକ୍ଷ ଚଲୁ କରିଦେଲା ଠକ । ଏପଟେ ସଂପୃକ୍ତ ଠକକୁ ମଧ୍ୟ ପୋଲିସ ଧରିବାରେ ସକ୍ଷମ ହୋଇଛି । ଠକ ଜଣକ ହେଲେ ଚିନ୍ମୟ ମହାପାତ୍ର । ବାଲେଶ୍ୱରର ଗେଙ୍ଗୁଟି ଅଂଚଳରେ । ଭୁବନେଶ୍ୱର ସ୍ଥିତ ଓଏସଏ ନିକଟରୁ ତାଙ୍କୁ ଗିରଫ କରାଯାଇଛି । ମାଥିଲି ଅଂଚଳର କିଛି ଯୁବକ ଓ ଜଣେ ମହିଳାଙ୍କୁ ଏଫସିଆଇ , ବିଏସଏସଓ , ଏସଆଇ , କିରାଣୀ ଏବଂ ଆଦର୍ଶ ବିଦ୍ୟାଳୟର ଶିକ୍ଷୟତ୍ରୀ କରାଇ ଦେବାକୁ ପୃଥକ ପୃଥକ ଭାବେ ଲକ୍ଷ ଲକ୍ଷ ଟଙ୍କା ଅର୍ଥ ଏମାନଙ୍କ ଠାରୁ ଲୁଟି ଥିଲା ଠକ । ଠକର ପ୍ରରୋଚ ନାରେ ପଡି ଲକ୍ଷ ଲକ୍ଷ ଟଙ୍କା ଦେଇଥିବା ଅଭିଯୋଗକାରୀ ଅଭିଯୋଗ କରିଛନ୍ତି । ଅଭିଯୋଗ ଆଧାରରେ ପୋଲିସର ସ୍ୱତନ୍ତ୍ର ଟିମ୍ ଭୁବନେଶ୍ୱରରୁ ଉକ୍ତ ଠକ କୁ ଠାବ କରିବାରେ ସକ୍ଷମ ହୋଇଛି । ମାମଲା ଦାୟର ପରେ କୋର୍ଟ ଚାଲାଣ ମଧ୍ୟ କରିଛି ମାଥିଲି ପୋଲିସ ।

## ପୁଣି ବଢିବ ବର୍ଷା

ଭୁବନେଶ୍ୱର, ୩।୮ (ପି.ଏନ): ମୌସୁମୀ ନିମ୍ନ ଚାପ ରେଖା ଆଜି ପଞ୍ଜାବର ଅମୃତସରରୁ ବାହାରି ଚଣ୍ଡିଗଡ, ବରେଲୀ, ଫୁରସତଗଞ୍ଜ, ବାରଣାସୀ, ଝାଡ଼ଖଣ୍ଡ ର ଡଲଟନଗଞ୍ଜ ମଧ୍ୟଦେଇ ଓଡ଼ିଶାର ବାଲେଶ୍ୱର ରୁ ପୂର୍ବ-ଦକ୍ଷିଣ-ପୂର୍ବ ଦିଗରେ ଉତର-ପୂର୍ବ ବଙ୍ଗୋପସାଗର ଯାଏଁ ଲମ୍ବିଛି । ଏହାର ପ୍ରଭାବରେ ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ସମସ୍ତ ୩୦ ଜିଲ୍ଲାଗୁଡ଼ିକରେ ବଜ୍ରପାତ ସହ ବର୍ଷା ହେବାର ସମ୍ଭାବନା ରହିଛି। ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି ।ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆଗାମୀ ୨୪ ଘଂଟା ମଧ୍ୟରେ ରାଜ୍ୟର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରପଡ଼ା, କଟକ, ଜଗତସିଂହପୁର, ସୁନ୍ଦରଗଡ଼, ଝାରସୁଗୁଡା, ବରଗଡ, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ଢ଼େଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଂଜାମ, ଗଜପତି, ସୋନପୁର, ବୌଦ୍ଧ, ନୂଆପଡା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡ଼ା, କୋରପୁଟ ଓ ମାଲକାନଗିରି ପ୍ରଭୃତି ୩୦ ଟି ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବିଜୁଳି, ଘଡ଼ଘଡ଼ି ଓ ବର୍ଷା, ପବନ ସହ କାଳବୈଶାଖୀ ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଏହି ୩୦ଟି ଜିଲ୍ଲାକୁ ୟେଲୋଓ୍ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ ।ସେହିପରି ୪ରୁ ୫ ତାରିଖ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରପଡ଼ା, କଟକ, ଜଗତସିଂହପୁର,ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଂଜାମ, ଗଜପତି, ମାଲକାନଗିରି, କୋରାପୁଟ, ରାୟଗଡା, କନ୍ଧମାଳ, ଢେଙ୍କାନାଳ, କେନ୍ଦୁଝର ଓ ମୟୁରଭଂଜ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବଜ୍ରପାତ ସହ ବର୍ଷା ହେବାର ସମ୍ଭାବନା ରହିଛି। ଏହି ଜିଲ୍ଲାଗୁଡିକୁ ମଧ୍ୟ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

## ଦରବୃଦ୍ଧି, ବେକାରୀ ସମସ୍ୟା ଓ ଜିଏସଟି ପ୍ରତିବାଦରେ ୫ରେ ରାଜଭବନ ଘେରିବ କଂଗ୍ରେସ

ଭୁବନେଶ୍ୱର, ୩।୮(ପି.ଏନ): ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ ଏବଂ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଅହେତୁକ ମୂଲ୍ୟବୃଦ୍ଧି, ବେକାରୀ ସମସ୍ୟା, ଅଗ୍ନିପଥ ଯୋଜନା ଏବଂ ମୁଢ଼ି, ଗୁଡ଼, ଖଇ ପ୍ରଭୃତି ଉପରେ ଜିଏସ୍‌ଟି ଲାଗୁ ବିରୁଦ୍ଧରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଫଳତାକୁ ନେଇ କଂଗ୍ରେସ ଦଳ ପକ୍ଷରୁ ଆସନ୍ତା ଅଗଷ୍ଟ ୫ ତାରିଖରେ "ରାଜଭବନ ଘେରାଉ" କରାଯିବ ବୋଲି କଂଗ୍ରେସ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପିସିସି ସଭାପତି ଶରତ ପଟ୍ଟନାୟକ କହିଛନ୍ତି। ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ୨୦୧୪ ମସିହାରେ ନରେନ୍ଦ୍ର ମୋଦି ସରକାର ଜନସାଧାରଣଙ୍କୁ "ଅଚ୍ଛେଦିନ"ର ସ୍ୱପ୍ନ ଦେଖାଇଛନ୍ତି। ୨୦୧୪ ମସିହାରେ ୧୪.୨ କେଜି ଘରୋଇ ରନ୍ଧନ ଗ୍ୟାସର ଦାମ ଓଡ଼ିଶାରେ ୪୧୦ ଟଙ୍କା ଥିବାବେଳେ ଆଜି ଏହା ୧୦୮୦ ଟଙ୍କା ପାର ହୋଇ ସାରିଲାଣି। ପେଟ୍ରୋଲ, ଡିଜେଲର ଦାମ ୧୦୦ ଟଙ୍କାକୁ ଅତିକ୍ରମ କରିସାରିଛି। ଜନସାଧାଣରଙ୍କୁ ଏଭଳି ମହଙ୍ଗାମାଡ଼ରୁ ରକ୍ଷା କରିବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କୌଣସି ଠୋସ ପଦକ୍ଷେପ ନେଉନାହାନ୍ତି। ଲୋକଙ୍କର ସର୍ବନିମ୍ନ ଆବଶ୍ୟକତା ଚୂଡ଼ା, ମୁଢ଼ି, ଗୁଡ଼, ଚାଉଳ, ଚୂନା, ପନିର, ଅଟା, ପେନସିଲ, କଟର ଖାତା ଇତ୍ୟାଦି ଉପରେ ମଧ୍ୟ ୫% ଜିଏସଟି ଲଗାଇଛନ୍ତି। ୫% ଜିଏସଟି ସାଧାରଣ ଖାଦ୍ୟପଦାର୍ଥ ଉପରେ ଲାଗୁ କରାଗଲା, ହେଲେ ଓଡ଼ିଶାର ଅର୍ଥମନ୍ତ୍ରୀ ଏ ବାବଦରେ ଥରୁଟିଏ ପ୍ରତିବାଦ କଲେ ନାହିଁ।

## ବାପାଙ୍କ ଶୁଦ୍ଧିକ୍ରିୟା ସାରି ଫେରିଲା ବେଳେ ଝିଅ ଓ ନାତୁଣୀଙ୍କ ମୃତ୍ୟୁ



ଯାଜପୁର ,୩।୮(ପି.ଏନ): ବାପାଙ୍କ ଶୁଦ୍ଧିକ୍ରିୟା ସାରି ଫେରିଲା ବେଳେ ଝିଅ ଓ ନାତୁଣୀଙ୍କ ମୃତ୍ୟୁ ଘଟିଛି। ଆଜି ଅପରାହ୍ନରେ ଏପରି ମର୍ମନ୍ତୁଦ ସଡକ ଦୁର୍ଘଟଣା ୫୩ ନମ୍ବର ଜାତୀୟ ରାଜପଥରେ ଘଟିଛି। ମହାକାଳପଡ଼ାରୁ ଶୁଦ୍ଧିକ୍ରିୟା ସାରି ସୁକିନ୍ଦା ଫେରିଲା ବେଳେ ଦୁର୍ଘଟଣା ଘଟିଛି ।କିଛି ଦିନ ତଳେ ଯାଜପୁର ଜିଲ୍ଲା ସୁକିନ୍ଦା ଅଞ୍ଚଳର ଅଶୋକ ଚକ୍ରବର୍ତ୍ତୀଙ୍କ ଶ୍ୱଶୁରଙ୍କ ମୃତ୍ୟୁ ଘଟିଥିଲା। ତାଙ୍କ ଶୁଦ୍ଧିକ୍ରିୟାରେ ସାମିଲ ହେବା ପାଇଁ ଅଶୋକଙ୍କ ପତ୍ନୀ ଶୃତି ଚକ୍ରବର୍ତ୍ତୀ ଓ ତାଙ୍କ ଝିଅ ଲିପିକା ଚକ୍ରବର୍ତ୍ତୀ କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ଅଞ୍ଚଳକୁ ଯାଇଥିଲେ। ଶୁଦ୍ଧିକ୍ରିୟା ସରିବା ପରେ ଆଜି ଅପରାହ୍ନ ପ୍ରାୟ ୨ଟା ବେଳେ ସେମାନେ ସ୍କୁଟିରେ ସୁକିନ୍ଦା ଫେରୁଥିଲେ। ତେବେ ୫୩ ନମ୍ବର ଜାତୀୟ ରାଜପଥର ଜେନାପୁର ଥାନା ଅନ୍ତର୍ଗତ ବରଡ଼ା ଛକ ନିକଟରେ ଗୋଟିଏ ଦଶ ଚକିଆ ଟ୍ରକ୍ ଭାରସାମ୍ୟ ହରାଇ ସେମାନଙ୍କ ଉପରେ ଓଲଟି ପଡିଥିଲା। ଟ୍ରକ୍ ? ତଳେ ଚାପି ହୋଇ ଯାଇଥିଲେ ମାଆ ଓ ଝିଅ। ଖବର ପାଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଟ୍ରକ୍ ତଳୁ ମାଆ ଓ ଝିଅଙ୍କ ମୃତ୍ୟୁ ଉଦ୍ଧାର କରିଛି।

## ପୁଲିସ୍‌ର ନିଷ୍କ୍ରିୟତା ଭଦ୍ରକ ଜିଲାରେ ଧଳା ହଜାର ଗ୍ୟାଙ୍ଗକୁ ସକ୍ରୀୟ କରୁଛି, ୧୦୫ ଗ୍ରାମ ବ୍ରାଉନସୁଗାର ଜବତ, ନାବାଳକ ସମେତ ୩ ଗିରଫ

ଭଦ୍ରକ, ୩।୮ (ପି.ଏନ): ସମଗ୍ର ରାଜ୍ୟରେ ଭଦ୍ରକ ଜିଲା ଧୀରେ ଧୀରେ ଧଳା ଜହରର ହବ୍ ପାଲଟିବାକୁ ଯାଉଛି। କାହିଁକିନା ନିକଟରେ ଏସ୍‌ଟିଏଫ୍ ଟିମ୍ କୋଟିଏରୁ ଉର୍ଦ୍ଧ୍ୱ ମୂଲ୍ୟର ବ୍ରାଉନସୁଗାର ଜବତ କରି ଜିଲା ପୁଲିସ୍ ପ୍ରଶାସନର ଅପାରଗତାକୁ ପଦାରେ ପକାଇଥିଲା। ତେବେ ଘଟଣା ଏତିକିରେ ସୀମିତ ରହିନାହିଁ। ପ୍ରତିମାସ ଜିଲା ପୁଲିସ୍ ପ୍ରଶାସନ ଗ୍ରାମା ଳ ଓ ସହରା ଳ ଥାନା ଅଧୀନସ୍ଥ ବିଭିନ୍ନ ସ୍ଥାନ ସମେତ ଏହି ରାକେଟ୍ ତାର ବ୍ୟବସାୟର ମୁଖ୍ୟ ମାଧ୍ୟମ କରିଥିବା ୧୬ନଂ ଜାତୀୟ ରାଜପଥର ବିଭିନ୍ନ ସ୍ଥାନରୁ ବିପୁଳ ପରିମାଣର ଧଳା ଜହର ଜବତ କରିଆସୁଥିଲେ ମଧ୍ୟ ଏହା ଥମିବାର ନା ଗନ୍ଧ ଧରୁନାହିଁ। ବିଶେଷକରି ଚରମ୍ପା ଅଂଚଳର କେତେକ ମାଫିଆ ଏହାକୁ ଏକ କୁଟୀର ଶିଳ୍ପରେ ପରିଣତ କରି ଏହାର ଶାଖା ଜିଲାର ବିଭିନ୍ନ ଅଂଚଳକୁ ଖେଳାଇ ସାରିଛନ୍ତି। ଯାହାଫଳରେ କଲେଜ ପଢୁଆ ଛାତ୍ରଙ୍କ ଠାରୁ ଆରମ୍ଭ କରି ବହୁ ଯୁବଗୋଷ୍ଠୀ ଏହାର ଶୀକାର ହୋଇ ଚାଲିଛନ୍ତି। ଗତକାଲି ରାତିରେ ପୁଣି ଥରେ ଏଭଳି ଏକ ରାକେଟ୍‌କୁ ଠାବ କରିଛି ଭଦ୍ରକ ଗ୍ରାମା ଳ ପୁଲିସ୍। ଏ ସଂପର୍କରେ ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ଯତିନ ପଣ୍ଡା ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମକୁ ଦେଇଥିବା ସୂଚନା ଅନୁସାରେ ଗତକାଲି ବିଳମ୍ବିତ ରାତିରେ ଭଦ୍ରକ ଗ୍ରାମା ଳ ଥାନା ପୁଲିସ୍ ଏମ୍‌ଭିଆଇ ଚେକିଂ କରୁଥିବା ସମୟରେ ରାଣୀତାଳ ଛକ ନିକଟରେ ବାଲେଶ୍ୱରରୁ ଭଦ୍ରକ ଅଭିମୁଖେ ଆସୁଥିବା ଏକ ଆପାଚି ମୋଟର ସାଇକେଲ୍‌ର ଦୁଇଜଣ ଯୁବକ ବିନା ହେଲମେଟ୍‌ରେ ଆସୁଥିବାର ଦେଖି ସନ୍ଦେହରେ ଅଟକାଇଥିଲେ। ଯାଞ୍ଚ ସମୟରେ ସେମାନଙ୍କ ନିକଟରୁ ୧୦୫ ଗ୍ରାମ ଓଜନର ବ୍ରାଉନସୁଗାର ସହ ଗୋଟିଏ ଛୁରୀ, ୨ଟି ମୋବାଇଲ୍, ୩୦୦ ଟି ଖାଲି ପୁଡିଆ ଓ ନଗଦ ୨ ହଜାର ଟଙ୍କା ଜବତ କରିଥିଲା। ଗିରଫ ଦୁଇ ଅଭିଯୁକ୍ତ ହେଲେ ଭଦ୍ରକ ଗ୍ରାମା ଳ ଥାନା ଅଧୀନସ୍ଥ ଚରମ୍ପା ବଉଳପୋଖରୀର ବିଜୟ ମଲ୍ଲିକଙ୍କ ପୁତ୍ର ଅନୀଲ (୨୫) ଓ ଗଣେଶ ମଲ୍ଲିକଙ୍କ ପୁତ୍ର ଉମାକାନ୍ତ ଓରଫ ଚୁଇଁ (୨୨)। ଏମାନଙ୍କ ସମେତ ଜଣେ ନାବାଳକକୁ ମଧ୍ୟ ପୁଲିସ୍ ଗିରଫ କରିଛି। ଏହି ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ଭଦ୍ରକ ଗ୍ରାମା ଳ ଥାନାରେ କେଶ୍ ନଂ ୨୫/୨୨, ୧୮୪/୨୨, ୩୧୫/୨୨ ରେ ତିନୋଟି ମାମଲା ରହିଥିବାବେଳେ ଗତକାଲିର ଘଟଣାରେ କେଶ୍ ନଂ ୪୦୧/୨୨, ଦଫା ୨୧ (ବି) / ୨୯ ଏନ୍‌ଡିପିଏସ୍ ଆକ୍ଟ ମୂଳେ ମାମଲା ରୁଜୁ ହୋଇ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ପ୍ରାୟ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାପଡିଛି।

## ଆଇଏଏସ୍ ସ୍ତରରେ ଅଦଳବଦଳ

ଭୁବନେଶ୍ୱର , ୩।୮ (ପି.ଏନ): ରାଜ୍ୟ ସରକାର ଆଜି ବରିଷ୍ଠ ଆଇଏଏସ୍ ସ୍ତରରେ ଅଦଳବଦଳ କରିଛନ୍ତି। ଏନେଇ ସାଧାରଣ ପ୍ରଶାସନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। କେନ୍ଦ୍ରୀୟ ଡେପୁଟେସନରୁ ଫେରିଥିବା ବରିଷ୍ଠ ଆଇଏଏସ୍ ଅଧିକାରୀ ଅରବିନ୍ଦ ପାଢ଼ୀଙ୍କୁ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ସଚିବ ଭାବେ ନିଯୁକ୍ତି ମିଳିଛି। ଏଥିସହ ତାଙ୍କୁ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗରେ ଅତିରିକ୍ତ ଦାୟିତ୍ୱ ମିଳିଛି। ତାଙ୍କ ପୂର୍ବରୁ ସଂଜୀବ ଚୋପ୍ରା ଏହି ଦାୟିତ୍ୱରେ ଥିଲେ। ସେହିପରି କେନ୍ଦ୍ରୀୟ ଡେପୁଟେସନରୁ ଫେରିଥିବା ଅଶ୍ୱଥୀ ଏସ୍ ଙ୍କୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ପୂର୍ବରୁ ବିଷ୍ଣୁପଦ ସେଠୀ ଏହି ଦାୟିତ୍ୱରେ ଥିଲେ। ବିଷ୍ଣୁପଦ ସେଠୀଙ୍କୁ ଉଚ୍ଚଶିକ୍ଷା ବିଭାଗର ପ୍ରମୁଖ ସଚିବ ଭାବେ ନିଯୁକ୍ତି ମିଳିଛି। ଏଥିସହ ସେ ପୂର୍ବଭଳି ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ସଚିବ ଭାବେ ଅତିରିକ୍ତ ଦାୟିତ୍ୱରେ ରହିବେ। ପୂର୍ବରୁ ଶାଶ୍ୱତ ମିଶ୍ର ଉଚ୍ଚଶିକ୍ଷା ବିଭାଗ ଦାୟିତ୍ୱରେ ଥିଲେ । ସେହିପରି ସଂଜୟ କୁମାର ସିଂହଙ୍କୁ ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଭାବେ ଅବସ୍ଥାପିତ କରାଯାଇଛି। ଏଥି ସହିତ ପୂର୍ବଭଳି ସୂଚନା ଓ ଲୋକସଂପର୍କ ବିଭାଗ ସଚିବ ଓ ବିଡିଏ ଉପାଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ମିଳିଛି। ପୂର୍ବରୁ ପ୍ରଦୀପ ଜେନା ଏହି ବିଭାଗର ଅତିରିକ୍ତ ଦାୟିତ୍ୱରେ ଥିଲେ ।

## ଶ୍ରୀମନ୍ଦିରରେ ଅନୁଷ୍ଠିତ ହେବ ମହାପ୍ରଭୁଙ୍କର ବନକଲାଗି ନୀତି

ଭୁବନେଶ୍ୱର,୩।୮(ପ.ଏନ): ଆଜି ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ବନକଲାଗି ନୀତି ଅନୁଷ୍ଠିତ ହେବ । ଏହା ଏକ ଗୁପ୍ତ ସେବା ନିତି ହୋଇଥିବାରୁ ଆଜି ଅପରାହ୍ନ ୫ ଟାରୁ ରାତି ୯ ଟା ପର୍ଯ୍ୟନ୍ତ ଚାରିଘଣ୍ଟା ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।ବନକଲାଗି ନିତି ପରେ ଠାକୁରଙ୍କୁ ମହାସ୍ନାନ କରାଯିବା ପରେ ପୁନର୍ବାର ଦର୍ଶନ ଆରମ୍ଭ ହେବ ।








# ଟି ଟାଇମ୍

## ଜୋକ୍ସ



ଶିକ୍ଷକ-କାଲି ସ୍କୁଲ କାହିଁକି ଆସି ନଥିଲ ?
ଛାତ୍ର-କାଲି ପରା ମୁଁ ପଡିଗଲି । ଆଉ ଲାଗିଗଲା
ଶିକ୍ଷକ-କେଉଁଠି ପଡିଗଲ ଆଉ କ'ଣ ଲାଗିଗଲା ?
ଛାତ୍ର ଖଟରୁ ପଡିଗଲି ଆଉ ମୋ ଆଖି ଲାଗିଗଲା ।

# କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ରାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

# ସ୍ମରଣଶକ୍ତି ବଢ଼ାଏ ଅଣ୍ଡା

ଆମେରିକା ସ୍ଥିତ ଟଫ୍ଟ ୟୁନିଭରସଟିର ରିସର୍ଚ୍ଚ କର୍ତ୍ତାମାନଙ୍କ କହିବା ହେଉଛି କି ଅଣ୍ଡା ଖାଇବା ଦ୍ୱାରା ମସ୍ତିଷ୍କ ମଜଭୁତ୍ ହୋଇଥାଏ ଏବଂ ଡିମେସିୟା ଭଳି ରୋଗର ଭୟ ଟଳିଯାଇଥାଏ । ଏହି ସମସ୍ୟାରେ ପୀଡ଼ିତ ଲୋକମାନଙ୍କର ସ୍ମରଣ ଶକ୍ତି ଅତି କମ୍ ହୋଇଯାଇଥାଏ । ରିସର୍ଚ୍ଚରେ ସାମିଲ୍ ଥିବା ଲୋକମାନଙ୍କୁ ଦୁଇ ଟିମ୍‌ରେ ବିଭାଜିତ କରାଯାଇଥିଲା । ପ୍ରଥମ ଟିମ୍‌କୁ ଖାଇବା ପାଇଁ ନିୟମିତ ୨ଟି ଲେଖାଏଁ ଅଣ୍ଡା ଦିଆଯାଉଥିଲା । ଯେବେକି ଅନ୍ୟ ଟିମ୍‌କୁ ଅଣ୍ଡା ପ୍ରତିବଦଳରେ ଅନ୍ୟାନ୍ୟ ଦ୍ରବ୍ୟ ଖାଇବାକୁ ଦିଆଯାଉଥିଲା । ମାସକ ପରେ ଦୁଇଟି ଟିମ୍‌ର ସଦସ୍ୟମାନଙ୍କର ସ୍ମରଣ ଶକ୍ତି, ତର୍କ କ୍ଷମତା ଏବଂ ଏକାଗ୍ରତା ସ୍ତରର ପରୀକ୍ଷା କରାଯାଇଥିଲା । ନିୟମିତ ଅଣ୍ଡା ଖାଉଥିବା ଟିମ୍‌ର ସଦସ୍ୟମାନଙ୍କର ପ୍ରଦର୍ଶନ ଅନ୍ୟ ଟିମ୍ ତୁଳନାରେ ଅଧିକ ଭଲ ହୋଇଥାଏ । ଅଣ୍ଡାରେ ଲ୍ୟୁଟିନ୍ ଏବଂ ଜେସିକାଥିନ୍ ନାମକ ଦୁଇ ପ୍ରକାର ଅକ୍ସିକରଣ ରୋଗ ପ୍ରତିରୋଧକ ତତ୍ତ୍ୱ ମିଳିଥାଏ । ଯାହା ଭାବିବା ଓ ବୁଝିବା ପ୍ରକ୍ରିୟାକୁ ସହଜ କରିଥାଏ । ଏଥିପାଇଁ ଆପଣ ମାଂସାହାରୀ ହୋଇଥାନ୍ତି ତେବେ ପ୍ରତିଦିନ ଖାଦ୍ୟରେ ଅଣ୍ଡାକୁ ସାମିଲ କରନ୍ତୁ ।

# ଜିନ୍ସ ସୃଷ୍ଟି କରୁଛି ସମସ୍ୟା



ଆଜିକାର ଅତ୍ୟାଧୁନିକ ଯୁବତୀମାନେ ଚିପା ଜିନ୍ସ ପିନ୍ଧିବାକୁ ଏକ ଫ୍ୟାଶନ ମନେ କରୁଛନ୍ତି । ହେଲେ ଏହାଦ୍ୱାରା ଯେ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୁଏ ସେଥିପ୍ରତି କେହି ଧ୍ୟାନ ଦିଅନ୍ତି ନାହିଁ । ଏକ ଗବେଷଣାରୁ ଜଣାଯାଇଛି ଯେ ଚିପା ଜିନ୍ସ ପିନ୍ଧିବା ଦ୍ୱାରା ଏକ ପ୍ରକାର ସ୍ନାୟୁଗତ ରୋଗ ସୃଷ୍ଟି ହୁଏ, ଯାହାକୁ କୁହନ୍ତି 'ମେରାଲଜିଆ ପାରେସ୍ଥଟିକା' ବା 'ଟିଙ୍ଗଲିଙ୍ଗ୍ ଥିଙ୍ଗ ସିଣ୍ଡ୍ରମ' । ଏହାଦ୍ୱାରା ଜଙ୍ଘରେ ଯାଇଥିବା ଚର୍ମ ସମ୍ବନ୍ଧୀୟ ସ୍ନାୟୁଗୁଡିକ ଏମିତି ପ୍ରତିକ୍ରୀୟାଶୀଳ ହୋଇପଡ଼ନ୍ତି ଯେ ଗୋଡ଼ ଝିମ୍‌ଝିମ୍ ଲାଗିବା ସହ ବିନ୍ଧି ଉଠେ । ଏହି ରୋଗରେ ଗୋଡ଼ ଅକାମି ହୋଇଗଲା ପରି ଅନୁଭୂତ ହୁଏ । ଚିପା ଜିନ୍ସ ସାଙ୍ଗକୁ ଯଦି ହାଇ ହିଲ୍ ଜୋତା ପିନ୍ଧିଥିବେ ତେବେ ଅବସ୍ଥା ଆହୁରି ସଙ୍ଗିନ ହୋଇଯିବାର ଆଶଙ୍କା ଥାଏ ।

# ଦୁଦୁରା ଫୁଲର ଔଷଧୀୟ ଗୁଣ



ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକ୍ଁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବାନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।

# ପୁରାଣ କାହାଣୀ

## ବାଣୀ ପ୍ରଭାବରେ ଚୋର ହେଲା ସାଧୁ




ଅନ୍ଧାର ରାତିରେ ଚୋରଟି ଚୋରି କରି ଅଣନିଃଶ୍ୱାସୀ ହୋଇ ଚାଲି ଚାଲି ଥକି ଗୋଟିଏ ବୃକ୍ଷମୂଳେ ବିଶ୍ରାମ ନେଉଥିଲା । ହଠାତ୍ ସେ ରାସ୍ତାକଡରେ ବିଶ୍ରାମ ନେଉଥିବା ସମୟରେ ଜରିମାନଙ୍କ ଉପରେ ନଜର ପଡିଲା । ନିଶ୍ଚିନ୍ତରେ ଶୋଇଥିବା ଜରିର ଜୀବନଧାରା ସହିତ ନିଜକୁ ତୁଳନା କରି ଗଭୀର ଚିନ୍ତା କରିବାକୁ ଲାଗିଲା । କେତେବେଳେ ସୂର୍ଯ୍ୟ ଉଦୟ ହେଲେ ତାହା ସେ ଜାଣି ପାରିଲା ନାହିଁ । ଅନ୍ଧାର ଅପସରି ଆସୁଥିବା ବେଳେ ଚୋରର ମାନସିକ ଉଦବେଳନ ବଢ଼ି ଚାଲିଥାଏ । ସେହି ସମୟରେ ସେ ଲୋକଙ୍କୁ ଦେଖି ଭୟଭୀତ ହୋଇ ଚମକି ଉଠିଲା । କାଳେ କିଏ ତାକୁ ଦେଖିଦେଲା ଆଉ ଚିହ୍ନିଦେଲା କି ? ଭିକାରୀ ଓ ବୁଲା କୁକୁର ନିଜ ନିଜ ପେଟ ଭରଣା ପାଇଁ ଏଣେତେଣେ ବୁଲି ଖାଦ୍ୟ ସଂଗ୍ରହ କରିବାକୁ ଲାଗିଲେ ।

କିନ୍ତୁ ଚୋର ପାଇଁ ଦିନଟି ଥିଲା ଅଭିଶାପ । ଭିକାରୀ କଥା ମନେ ପକାଉ ପକାଉ ତା' ମା କଥା ମନେ ପଡିଲା । ମା'ତାକୁ କହୁଥିଲା କାମକୁ ଡରି ପଳାଇ ଯାଉଛି ଭବିଷ୍ୟତରେ ଅସୁବିଧା ଭୋଗିବୁ । ଏହି କଥା ଭାବୁ ଭାବୁ ରାସ୍ତାରେ ଯାଉଥିବା ଦୁଇ ଦମ୍ପତିଙ୍କ କଥା ଶୁଣିବାକୁ ପାଇଲା । ଦୁଇ ଦମ୍ପତି ରାତିରେ ସାଧୁଙ୍କ ପ୍ରବଚନ ଶୁଣି ସକାଳେ ଘରକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ସେମାନେ ରାସ୍ତାରେ ସାଧୁଙ୍କ ବାଣୀ ଏତେ ଶାନ୍ତିପ୍ରଦ, ହିତକାରକ, ପ୍ରେରଣାଦାୟୀ ଥିଲା ବୋଲି କୁହାକୁହି ହୋଇ ଯାଉଥିଲେ । ଏହା ଶୁଣି ଚୋରର ମନ ସାଧୁଙ୍କ ବାଣୀ ପ୍ରତି ଆକର୍ଷିତ ହେଲା । ସାଧୁଙ୍କ ବାଣୀରେ ସେ ଏତେ ବିମୁଗ୍ଧ ହୋଇଗଲାଯେ ସେ ସାଧୁଙ୍କ ନିକଟକୁ ଆସିଲା ଓ ପ୍ରବଚନ ଶୁଣିଲା । ଲୁଚାଛପା କାମ କଲେ ମନରେ ଭୟ ଜାତ ହୋଇଥାଏ ବୋଲି ସାଧୁ କହିଲେ । ପରେ ଚୋର ସାଧୁଙ୍କୁ ସବୁ ସତ କଥା କହିଲା । ଅଜ୍ଞାତବସତଃ ମୁଁ ଆଜିଯାଏଁ କୁକର୍ମ କରି ଆସୁଥିଲି । କିନ୍ତୁ ଏବେ ପ୍ରତିଜ୍ଞା କରୁଛି ଆଜିଠାରୁ ମୁଁ ପରିଶ୍ରମ କରିବି ବୋଲି ସାଧୁଙ୍କୁ ସେ ପ୍ରତିଶ୍ରୁତି ଦେଇଥିଲା ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ


ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ



ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ । ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ ।


# ପ୍ରସବ କରିବ ରୋବଟ !

ଇଞ୍ଜିନିୟର ତଥା ନୋବେଲିଷ୍ଟ ଜର୍ଜ ଜୈରକୈଡାକିସ୍‌ଙ୍କ ମତ ଅନୁସାରେ ଆସନ୍ତା ୨୦ରୁ ୩୦ ବର୍ଷ ମଧ୍ୟରେ ଏଭଳି ରୋବଟ ତିଆରି କରାଯାଇପାରିବ, ଯାହା ମଣିଷ ସହିତ ଶାରୀରିକ ସମ୍ପର୍କ ରଖିପାରିବ ଏବଂ ସନ୍ତାନ ପ୍ରସବ କରିପାରିବ । ଏପରିକି କେବଳ ରୋବଟ ପରସ୍ପର ମଧ୍ୟରେ ଶାରୀରିକ ସମ୍ପର୍କ ରଖିପାରିବେ । ବିଶେଷଜ୍ଞଙ୍କ କହିବା ଅନୁସାରେ ଯଦି ମଣିଷଙ୍କ ଅପେକ୍ଷା ରୋବଟଙ୍କ ସଂଖ୍ୟା ବୃଦ୍ଧି ପାଏ ତେବେ ଏହା ଦୁଃସ୍ୱପ୍ନ ସୃଷ୍ଟି କରିବ । ଏହାବ୍ୟତୀତ ପ୍ରଫେସର ବାର୍ବିକଙ୍କ ମତ ଅନୁସାରେ



ରୋବଟର ଶାରୀରିକ ସମ୍ପର୍କ ସ୍ଥାପନ କରିବା ଏବଂ ସନ୍ତାନ ପ୍ରସବ କରିବା ନେଇ ସାମାଜିକ ସ୍ୱିକୃତୀ ବିଷୟରେ ଚିନ୍ତା କରାଯିବ । ଏଭଳି କୌଶଳକୁ ନେଇ କିଛି ପ୍ରତିକ୍ରିୟା ଓ ସମସ୍ୟା ମଧ୍ୟ ଉପୁଜିପାରେ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି ।

# ବିଶ୍ୱର ବଡ ଫୁଲ ବଜାର



ବିଶ୍ୱର ସବୁଠୁ ବଡ ଫୁଲ ବଜାର ପ୍ରତିଦିନ ଉତ୍ତର ହଲାଣ୍ଡ ଅନ୍ତର୍ଗତ ଆଲସମିର ସହରରେ ବସେ । ସେଠାରେ ବିଶ୍ୱର ସମସ୍ତ ଅଞ୍ଚଳର ଫୁଲ ବିକ୍ରି ହୁଏ । ଦୈନିକ ପ୍ରାୟ ଦୁଇ କୋଟିର ଫୁଲ ସେଠାରେ କାରବାର ହୋଇଥାଏ । ୨୪୩ ଏକର ଜମି ଉପରେ ଏଥିପାଇଁ ଗୋଦାମ ତିଆରି କରାଯାଇଛି । ପ୍ରତିଦିନ ରାତି ୧୦ଟା ସୁଦ୍ଧା ସେଠାକୁ ଫୁଲ ଆସେ ସାରା ରାତି ଫୁଲ ସଜାଡିବା କାର୍ଯ୍ୟ ଚାଲେ । ସକାଳ ୬ରେ ଫୁଲ ବିକ୍ରି ଆରମ୍ଭ ହୁଏ । ପାଇକାରୀ ବଜାର ହୋଇଥିବାରୁ ମୁଖ୍ୟତଃ ପାଇକାରୀମମାନେ ଏଠାକୁ ଆସନ୍ତି । ସମସ୍ତ ବିକ୍ରି ବଟା ନିଲାମ ଦ୍ୱାରା ହୁଏ । ଦିନ ୨ଟା ସୁଦ୍ଧା ବ୍ୟବସାୟ ସରେ ଏବଂ ପର ଦିନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ ।

# ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ । ଆନୁଷ୍ଠାନିକ କାମରେ ସଫଳତା ପାଇବେ । ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ । ପରିବହନରେ ଉନ୍ନତି କରିବେ । ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ । ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି । ସ୍ଥଗିତ କାମକୁ ତ୍ୱରାନିତ କରିବେ । ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ । ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି ।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି । ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ । ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ । ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ । ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ । ଆମ୍ବିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ । କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି । ବକେୟା ଟଙ୍କା ମିଳିବାର ଯୋଗ ରହିଛି । ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ । ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ । ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ । ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ । ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ । ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ । ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ । ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ । ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ । ଶାରୀରିକ ଅସୁସ୍ଥତା ଫେରି ପାଇବ । ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ମହିଳାଙ୍କ ମନୋବଳ ଦୃଢ଼ ରହିବ ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ । ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ । ମହିଳାମାନେ ଅଶାନ୍ତି ରହିବେ ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ । ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ । ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ । ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ । ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ । ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ ।

# ଫେସ୍‌ବୁକ ମାୟାରେ ଯୁବପିଢ଼ି

ବ୍ୟସ୍ତ ବହୁଳ ଜୀବନରେ ଫେସବୁକ ପାଲଟିଛି ମନୋରଞ୍ଜନର ମାଧ୍ୟମ । କାମରୁ ଟିକିଏ ଫୁରୁସତ ମିଳିଲେ ସମସ୍ତେ ଚାହାନ୍ତି ନିରୋଳାରେ ଅନ୍ତରଙ୍ଗ ବନ୍ଧୁ ସହ ଆଳାପ କରିବାକୁ । କିଛି ମନଖୋଲି କଥା ହେବାକୁ ଏବଂ ଅଜଣା ରାଇଜର ଖବର ଜାଣିବାକୁ । ହେଲେ ଏସବୁ ସମ୍ଭବ ହୋଇଛି ସୋସିଆଲ ମିଡିଆ ଫେସବୁକ ପାଇଁ । ସବୁ ପ୍ରତିବନ୍ଧକକୁ ଡେଇଁ ଫେସବୁକ ସମସ୍ତଙ୍କୁ ନିଜର କରି ପାରିଛି । ସ୍ନେହ, ଶ୍ରଦ୍ଧା ଦେଇ ମନ କିଣିଛି । ସେଥିପାଇଁ ଫେସବୁକ ଆଜି ଲକ୍ଷାଧିକ ଲୋକଙ୍କ ପସନ୍ଦ ପାଲଟିଛି । ସଫଳତାର ୧୦ ବର୍ଷ ଅତିକ୍ରମ କରି ଫେସବୁକ ରେକର୍ଡ ସୃଷ୍ଟି କରିଛି ।

୨୦୦୪ରେ ହାଭାର୍ଡରେ କିଛି ଛାତ୍ରଛାତ୍ରୀ ମେସେଜ ସେୟାର କରି ମଜା ନେବାର ସଫଳତା ଆଜି ବିଶ୍ୱାବସୀ ଅନୁଭବ କରୁଛନ୍ତି । ଯେଉଁ ମଜା ପରବର୍ତ୍ତି କାଳରେ ସାରା ବିଶ୍ୱାବସୀଙ୍କୁ ଏକତାର ସୂତ୍ରରେ ବାନ୍ଧି ପାରିଛି । ଦୀର୍ଘ ଦଶ ବର୍ଷ ହେଲା ଫେସବୁକ କୁହୁକରେ ସାରା ବିଶ୍ୱ ମସଗୁଲ ହୋଇ ଯାଇଛି । ସବୁ ବର୍ଗର ଜନସାଧାରଣ ଏହି ମୟାଜାଲରେ ଏମିତି ବାନ୍ଧି ହୋଇଛନ୍ତିଯେ ସହଜରେ ମୁକୁଳି ପାରୁ ନାହାନ୍ତି । ବିଶେଷକରି ଯୁବପିଢ଼ିଙ୍କ ପାଇଁ ଫେସବୁକ ଏକ ବରଦାନ ସଦୃଶ ପାଲଟିଛି । ବନ୍ଧୁତା ମଧ୍ୟରେ ଦୂରତା କମାଇବାରେ ଏହି ସୋସିଆଲ ମିଡିଆ ଫେସବୁକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଯେଉଁଥିପାଇଁ ଦିନକୁ ଦିନ ଫେସବୁକର ଲୋକପ୍ରିୟତା ଓ ୟୁଜର୍ସଙ୍କ ସଂଖ୍ୟା ବଢ଼ି ଚାଲିଛି । ୧୦ ବର୍ଷ ପୂର୍ବରୁ ଭାରତରେ ଏହାର ସଚେତନତା କମ ଥିଲା । ତେଣୁ ଫେସବୁକ ସମ୍ବନ୍ଧରେ ଅଧିକାଂଶ ଯୁବପିଢ଼ି ଅଜ୍ଞ ଥିଲେ । କିନ୍ତୁ ଆଇଟି ସେକ୍ଟର ଯେପରି ଭାବେ ଦୃତ ଗତିରେ ଚାରିଆଡେ ବ୍ୟାପିଲା ଭାରତରେ ମଧ୍ୟ ତାର ପ୍ରଭାବ ପଡିଲା । ଫଳରେ ଫେସବୁକ ଧିରେଧିରେ ଜନାଦୃତ ହେଲା । ମୁମ୍ବାଇ, ଦିଲ୍ଲୀ, ବାଙ୍ଗାଲୋର ଏବଂ ହାଇଦ୍ରାବଦ ଭଳି ମେଟ୍ରୋ ସିଟିରେ ଏହି ସୋସିଆଲ ମିଡିଆ ପ୍ରଚାର ପ୍ରସାର ହେବା ପରେ ଗାଁ ଗହଳିରେ ବି ଏହାର ଜାଲ ପଡି ଯାଇଛି । ଫେସବୁକ ମାଧ୍ୟମରେ ଭାବ ଆଦାନ ପ୍ରଦାନ ଅତି ସହଜରେ ହେଉଥିବାରୁ ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିଛି । ବର୍ତ୍ତମାନସୁଦ୍ଧା ଫେସବୁକର ୧୫୦ ବିଲିଅନ ଡଲାର ସହଯୋଗୀ ହୋଇଥିବା ବେଳେ ୨୦୧.୬ ବିଲିଅନ ବ୍ୟକ୍ତି ବନ୍ଧୁତାର ସୂତ୍ରରେ ବାନ୍ଧି ହୋଇଛନ୍ତି । ପ୍ରତି ମାସରେ ୧.୨୩ ବିଲିଅନ ଲୋକ ଫେସବୁକ ବ୍ୟବହାର କରୁଛନ୍ତି । ପ୍ରତିଦିନ ୬ ବିଲିଅନ ଲୋକ ଫେସବୁକ ପସନ୍ଦ କରୁଥିବା ବେଳେ ୪୦୦ ବିଲିଅନ ଫଟୋ ସେୟାର ହୋଇଛି । ଏହାସହ ୭.୮ ଟ୍ରିଲିଅନ ମେସେଜ ଫେସବୁକରୁ ପଠା ଯାଇଛି । ସୋସିଆଲ ବ୍ଲିନିକ ଓ୍ୱେସାଇଡର ମତ ଅନୁସାରେ କେଳବ ୨୦୧୩ରେ ସାଉଦିରେ ୭.୮ ମିଲିଅନ ଫେସବୁକ ବ୍ୟବହାରକାରୀ ଥିଲେ । ୨୦୦୪ରେ ମାତ୍ର ୧ ମିଲଅନ ଫ୍ୟାନଙ୍କୁ ନେଇ ଆରମ୍ଭ ହୋଇଥିବା ଫେସବୁକ ବର୍ତ୍ତମାନ ୧,୨୩୦ ମିଲିଅନ ବ୍ୟବହାରୀକାରୀଙ୍କ ପାଖରେ ପହଞ୍ଚିଛି । ୨୦୦୫ରେ ୬ ମିଲିଅନ ବ୍ୟବହାରୀକାରୀ ଥିବା ବେଳେ ୨୦୦୭ରେ ୫୮ ମିଲିଅନ, ୨୦୦୮ରେ ୧୪୫ ମିଲିଅନ, ୨୦୦୯ରେ ୩୬୦ ମିଲିଅନ, ୨୦୧୦ରେ ୬୦୮, ୨୦୧୧ରେ ୮୪୫, ୨୦୧୨ରେ ୧,୦୫୬ ଏବଂ ୨୦୧୩ରେ ୧,୨୩୦ ମିଲିଅନ ବ୍ୟକ୍ତି ଫେସବକୁ ବ୍ୟବହାର କରୁଥିବା ୧୦ ବର୍ଷ ପୂର୍ତ୍ତି ଉତ୍ସବରୁ ଜଣାପଡିଥିଲା ।




# ୯୩ ବର୍ଷରେ ନବୀନ

••••••ଡକ୍ଟର ପ୍ରଦୀପ ମହାପାତ୍ର••••••

ବ୍ରହ୍ମପୁର ସହର ସଂପର୍କୀତ ବିଭିନ୍ନ ଉଲ୍ଲେଖଯୋଗ୍ୟ ଘଟଣାକ୍ରମ ମଧ୍ୟରେ ୯୩ ବର୍ଷ ଧରି ଏକ ସାପ୍ତାହିକ ସମ୍ବାଦପତ୍ର ପ୍ରକାଶନ ଅନ୍ୟତମ। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠିତ ହେବା ଛଅ ବର୍ଷ ଏବଂ ଭାରତ ସ୍ୱାଧୀନତା ଲାଭ କରିବା ୧୭ ବର୍ଷ ପୂର୍ବେ ୧୯୩୦ରେ ମହୁରି ରାଜପରିବାର ପୃଷ୍ଠପୋଷକତାରେ ନବୀନ ନାମକ ଏକ ସାପ୍ତାହିକ ସମ୍ବାଦପତ୍ର ପ୍ରକାଶନ ଆରମ୍ଭ ହୋଇଥିଲା । ମହୁରି ରାଜା କୃପାସିନ୍ଧୁ ନରେନ୍ଦ୍ର ଦେବ ମୃତ୍ୟୁ ଯାଏଁ ନବୀନର ସମ୍ପାଦକ ରହିଥିଲେ। ତାଙ୍କରି ପୁତ୍ର ଶିଶିର କୁମାର ନରେନ୍ଦ୍ର ଦେବ କିଛିକାଳ ସମ୍ପାଦନା କଲାପରେ ପତ୍ରିକାଟି ସମ୍ପାଦନା ଓ ପ୍ରକାଶନରେ ସହଯୋଗିତା କରୁଥିବା ରାଜକର୍ମଚାରୀ ସିଂହାଦ୍ରୀ ପଣ୍ଡାଙ୍କ ସମ୍ପାଦନାରେ ପ୍ରକାଶିତ ହୋଇଥିଲା। ସିଂହାଦ୍ରୀ ପଣ୍ଡାଙ୍କ ମୃତ୍ୟୁପରେ ତାଙ୍କରି ପରିବାରବର୍ଗ କିମ୍ବା ରାଜପରିବାର ପକ୍ଷରୁ ନବୀନ ପ୍ରକାଶନ ନିମନ୍ତେ ଉଦ୍ୟମ କରାଯାଇପାରିଲା ନାହିଁ। ଏହି ଅବସରରେ ବ୍ରହ୍ମପୁରର ତରୁଣ ସାମ୍ବାଦିକ ରବି ରଥ ୧୯୮୯ରେ ନବୀନର ସ୍ୱତ୍ୱ କ୍ରୟ କରି ପ୍ରକାଶନ ଦାୟିତ୍ୱ ଗ୍ରହଣ କରିଥିଲେ। ଯାହାକି ୩୨ ବର୍ଷ ଶ୍ରୀ ରଥଙ୍କ ସମ୍ପାଦନାରେ ପ୍ରକାଶ ପାଇ ବେଶ ଲୋକପ୍ରିୟ ହାସଲ କରିପାରିଛି। ସାପ୍ତାହିକ ସମ୍ବାଦପତ୍ରଟି ୧୯୩୦ରେ ଆତ୍ମପ୍ରକାଶ କରିବା ପରଠୁ ନିରବଚ୍ଛିନ୍ନ ଭାବେ ପ୍ରକାଶିତ ହୋଇଚାଲିଛି ଏବଂ ସାତବର୍ଷପରେ ୨୦୩୦ରେ ଶତବାର୍ଷିକୀ ପାଳନ କରିବା ଆଶା କରାଯାଏ।

ନବୀନ ଜନ୍ମକାଳରେ ବ୍ରହ୍ମପୁର ଓଡ଼ିଆ ଭାଷାଭାଷୀ ଏକତ୍ରୀକରଣ ଓ ସାମ୍ବାଦିକତା କ୍ଷେତ୍ରରେ ନେତୃତ୍ୱ ଗ୍ରହଣ କରୁଥିଲା। ପାରମ୍ପରିକଭାବେ ମହୁରି ରାଜପରିବାର ସଂସ୍କୃତିପ୍ରିୟ କିମ୍ବଦନ୍ତୀ ଅନୁଯାୟୀ ପ□ଦଶ ଶତାବ୍ଦୀରେ ଗଜପତି ରାଜା ପୁରୁଷୋତ୍ତମ ଦେବ ମହୁରି ରାଜ୍ୟ ପ୍ରତିଷ୍ଠା କରିଥିଲେ। ମହୁରି ରାଜପରିବାର ସଂପର୍କରେ ଗବେଷଣା କରି ସନ୍ଦର୍ଭ ରଚନା କରିଥିବା ଡକ୍ଟର ବିଚିତ୍ରାନନ୍ଦ ଦାଶଙ୍କ ଭାଷାରେ, ଗଜପତି ପୁରୁଷୋତ୍ତମ ଦେବ ତାଙ୍କର ଦାକ୍ଷିଣାତ୍ୟ ଅଭିଯାନ ବେଳେ ସୋମରାଜା ଏବଂ ଭୀମରାଜା ନାମକ ଦୁଇ ଭାଇଙ୍କୁ ନିଜର ସାଥି-ସର୍ଦ୍ଦାର ରୂପେ ନେଇଥିଲେ। ଦାକ୍ଷିଣାତ୍ୟ ଯୁଦ୍ଧରେ ବିଜୟ ଲାଭ କରି ପ୍ରତ୍ୟାବର୍ତ୍ତନ କଲାବେଳେ ଏମାନଙ୍କ ଉପରେ ପ୍ରୀତ ହୋଇ ପୁରୁଷୋତ୍ତମ ଦେବ ଋଷିକୂଲ୍ୟା ଓ ବାହୁଦା ନଦୀର ମଧ୍ୟବର୍ତ୍ତୀ ଅ□ଳକୁ ବଡ଼ଭାଇ ସୋମରାଜାଙ୍କୁ ପ୍ରଦାନ କଲେ। ସୋମରାଜା ଜଣେ ବିଖ୍ୟାତ ମହୁରି ବାଦକ ଥିଲେ। ସେହି ଅନୁସାରେ ଉକ୍ତ ଅ□ଳ ମହୁରି ରାଜ୍ୟ ଭାବରେ ଖ୍ୟାତ ହେଲା।

କୃପାସିନ୍ଧୁ ନରେନ୍ଦ୍ର ଦେବ ସଙ୍ଗୀତ, ସାହିତ୍ୟ ଓ ସଂସ୍କୃତିରେ ରୁଚି ରଖୁଥିଲେ। ବିଂଶ ଶତାବ୍ଦୀ ଆରମ୍ଭରେ ବ୍ରହ୍ମପୁର ସହରରେ ଓଡ଼ିଆ ଭାଷାର ସ୍ଥିତି ବିପଜ୍ଜନକ ଅବସ୍ଥାରେ ଥିବା ହେତୁ ସାମ୍ବାଦିକତା ସାଙ୍ଗକୁ ସାହିତ୍ୟ ସୃଜନକୁ ଉତ୍ସାହିତ କରିବା ନିମନ୍ତେ ନବୀନ ପ୍ରକାଶନରେ ମନୋନିବେଶ କରିଥିଲେ। ସେ ସମୟରେ ବ୍ରହ୍ମପୁରରୁ ପ୍ରକାଶିତ ସାପ୍ତାହିକ ଆଶା ଦୈନିକ ସମ୍ବାଦପତ୍ରରେ ରୂପାନ୍ତରିତ ହୋଇଥାଏ। ଅତଏବ ସମୃଦ୍ଧ ସାମ୍ବାଦିକତା ପରିବେଶରେ ଏକ ବିକଳ୍ପ ସାମ୍ବାଦିକତା ଧାରା ପ୍ରବର୍ତ୍ତନ ଲାଗି ଉଦ୍ୟମ କରିଥିବା ସୁସ୍ପଷ୍ଟ।

ନବୀନ ମୁଦ୍ରଣ ନିମନ୍ତେ ମହୁରି ରାଜବାଟୀରେ ରୟାଲ ପ୍ରେସ ନାମକ ଏକ ଛାପାଖାନା ସ୍ଥାପିତ ହୋଇଥିଲା। ଅଧୁନା ସାନବଜାରରୁ ବଡ଼ବଜାର ଯିବା ମୁଖ୍ୟରାସ୍ତାରେ ଖାସ୍ପାସାହୀ ଛକରେ ପହ□ିବା ପୂର୍ବରୁ ଡାହାଣ କଡ଼ ରାସ୍ତାରେ ଦେଶୀବେହେରା ସାହୀକୁ ପ୍ରବେଶ କରିବାକୁ ପଡ଼େ। ସେହି ରାସ୍ତାରେ ବାମ ମୋଡ଼ ନେବା ପୂର୍ବରୁ ଡାହାଣ ପଟେ ମହୁରି ରାଜପ୍ରାସାଦ ବିଦ୍ୟମାନ ଥିଲା। ପ୍ରବେଶ ପଥର ଡାହାଣ ପଟେ, ଅର୍ଥାତ ବର୍ତ୍ତମାନ ଠାକୁରାଣୀଯାତ୍ରା ସମୟରେ ମହୁରି ରାଜା ହାଣ୍ଡି ପରିକ୍ରମାବେଳେ ପୂଜାର୍ଚ୍ଚନା କରୁଥିବା କୋଠରୀର ସାମନାରେ ରୟାଲ ପ୍ରେସ ଦୁଇ ବଖୁରିଆ ଗୃହରେ ସ୍ଥାପିତ ହୋଇଥିଲା। ପ୍ରଥମ ବଖରାରେ ସିଂହାଦ୍ରୀ ପଣ୍ଡା ଏକ ବଡ଼ କାଠ ଟେବୁଲ ସାମନାରେ ବସୁଥାନ୍ତି। ଆଗନ୍ତୁକଙ୍କ ପାଇଁ ଦୁଇଗୋଟି କାଠ ଚୌକୀ ପଡ଼ିଥାଏ। ସେ ରୀତିମତ ସକାଳ ୧୦ରୁ ରାତି ୮ ଯାଏଁ ସମ୍ପାଦନା, ସଂଶୋଧନ, ବିଜ୍ଞାପକଙ୍କ ସହ ପତ୍ରାଳାପ ଓ ଅତିଥି ସତ୍କାରରେ ବ୍ୟସ୍ତ ରହୁଥା'ନ୍ତି। ଏକ ଛୋଟିଆ ଟାଇପ ରାଇଟର ଟେବୁଲ ଉପରେ ଥୋଇ ଇଂଲିଶ ଚିଠିପତ୍ର ପ୍ରସ୍ତୁତ କରୁଥା'ନ୍ତି। ସିଂହାଦ୍ରୀ ପଣ୍ଡା ସମସ୍ତଙ୍କୁ ସ୍ୱାଗତ କରନ୍ତି, କିନ୍ତୁ କାହା ସହ ଦୀର୍ଘ ସମୟ ଆଳାପ କରନ୍ତି ନାହିଁ। ନିଜ ଅଫିସ କାମକୁ ତୁରନ୍ତ ଫେରିଯାଆନ୍ତି। ପଛ ବଖରାରେ କମ୍ପୋଜିଟ ଟେବୁଲ ଏବଂ ଟ୍ରେଡ଼ଲ ମେସିନ ଥାଏ, ସେଠି ପତ୍ରିକା ଛାପା ହୁଏ ।

ବଡ଼ ବଜାରରେ ନବୀନର ସ୍ୱତନ୍ତ୍ର ପରିଚୟ ରହିଥାଏ। ଅତୀତରେ ଡ଼ାକଘର ଜନଜୀବନରେ ପ୍ରଭାବଶାଳୀ ବିବେଚିତ ହେଉଥିଲା। ନବୀନ କାର୍ଯ୍ୟାଳୟ ସାମ୍ନାରେ ନବୀନ ଡାକଘର କାର୍ଯ୍ୟ କରୁଥାଏ। ମହୁରି ରାଜପରିବାରଙ୍କ ପକ୍ଷରୁ ମହୁରି ରାଜବାଟୀ ଗତ ଶତାବ୍ଦୀ ସପ୍ତମ ଓ ଅଷ୍ଟମ ଦଶକରେ ଖଣ୍ଡ ଖଣ୍ଡ କରି ବିକ୍ରୀ କରିଦିଆଗଲା। ରୟାଲ ପ୍ରେସର ଜମି ବିକ୍ରୀ ଅବସରରେ ସିଂହାଦ୍ରୀ ପଣ୍ଡା ନିଜ ରଙ୍ଗୁଣୀବନ୍ଧ ସାହୀ ବାସଭବନକୁ ଛାପାଖାନାଟି ଉଠାଇ ନେଇ କିଛିକାଳ ନବୀନ ମୁଦ୍ରଣ ଓ ପ୍ରକାଶନ ଜାରୀ ରଖିଥିଲେ । ରବି ରଥ ନବୀନ ପ୍ରକାଶନ ସ୍ୱତ୍ୱ ହାସଲ ପରେ ନିଜେ ଛାପାଖାନା ସ୍ଥାପନ କଲେ ନାହିଁ । ଏଯାଏଁ ପତ୍ରିକାଟି ଅନ୍ୟ ଘରୋଇ ମୁଦ୍ରଣାଳୟରେ ମୁଦ୍ରିତ ହେଉଛି।

ନବୀନ ସମ୍ବାଦପତ୍ର ରୂପେ ପ୍ରକାଶିତ ହେଉଥିଲେ ହେଁ ସାହିତ୍ୟ ସୃଜନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସିଥିଲା। ସ୍ୱାଧୀନତା-ପୂର୍ବ ଦୁଇ ଦଶନ୍ଧି ଏବଂ ସ୍ୱାଧୀନତା-ପର ଦୁଇ ଦଶନ୍ଧି ପ୍ରାୟ ଚାଳିଶି ବର୍ଷ ଧରି ସମଗ୍ର ଓଡ଼ିଶାର ଅଧିକାଂଶ ସାହିତ୍ୟିକଙ୍କ ପ୍ରଥମ ରଚନା ସମୂହ ନବୀନରେ ହିଁ ପ୍ରକାଶିତ ହୋଇଥିବା ଗୌରବର ଅଧିକାରୀ ବ୍ରହ୍ମପୁରର ବହୁ ସାହିତ୍ୟିକ ନବୀନ ପୃଷ୍ଠାରେ ନିଜ ରଚନା ପ୍ରକାଶନର ଶିହରଣ ଅନୁଭବ କରି ଆସିଛନ୍ତି । ସହରର ସାଂସ୍କୃତିକ ଇତିହାସରେ ନବୀନର ଯୋଗଦାନର ପଟାନ୍ତର ନାହିଁ ।

*-ଅବସରପ୍ରାପ୍ତ ପ୍ରାଧ୍ୟାପକ, ସାମ୍ବାଦିକ ଗଣଯୋଗାଯୋଗ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ଭାଂଗରାଓପେଟା, ବ୍ରହ୍ମପୁର-୧*

**berhampurdiary.blogspot.com**

# ଶ୍ରୀ ସତ୍ୟସାଇ ପୁର୍ନବସତି ଶିବିର ଓ ଜୋନସ୍ତରୀୟ ବୈଠକ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ପଣ୍ଡୁଆସ୍ଥିତ ସାଇ ଆରୋଗ୍ୟମ ପକ୍ଷରୁ ସତ୍ୟସାଇ ପୁର୍ନବସତି ଶିବିର (ଏସଆରଟି) ନିଃଶୁଳ୍କ ସ୍ୱାସ୍ଥ୍ୟ ପାରୀକ୍ଷା ଓ ସତ୍ୟସାଇ ଜୋନସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟ ଶିବିରରେ କଟକ, ଜଗତସିଂହପୁର, କେନ୍ଦ୍ରାପଡା, ଢେଙ୍କାନାଳ ଓ ଯାଜପୁର ଜିଲ୍ଲାର ରୋଗୀମାନେ ପ୍ରଶାନ୍ତି ନିଳୟମସ୍ଥିତ ସୁପର ସ୍ପେଶାଲିଟି ହସ୍ପିଟାଲ, ବାଙ୍ଗାଲୋର ହ୍ୱାଇଟ୍ ଫିଲଡ ଓ ରାଜକୋଟରେ ଥିବା ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ। ସେମାନଙ୍କର ଭାଲ୍‌ବ ପ୍ରତ୍ୟାରୋପଣ ଓ ପିଟିଆଇଏନଆର ପରୀକ୍ଷା କରାଯାଇଥିଲା। ପ୍ରଶାନ୍ତି ନିଳୟମର କାର୍ଡିଓଲୋଜି ସର୍ଜନ ଡା. ଜେ ନାଗେଶ୍ୱର ରାଓ ରୋଗୀମାନଙ୍କୁ ସ୍ୱତନ୍ତ୍ର ଭାବରେ କାଉନସିଲିଂ କରି ରୋଗର ନିରାକରଣ ଓ ଖାଦ୍ୟ ଖାଇବାର ପ୍ରକ୍ରିୟା ସଂପର୍କରେ ପରାମର୍ଶ ଦେଇଥିଲେ। ଏହି ଶିବିରରେ ୧୩ଜଣ ରୋଗୀଙ୍କ ଚିକିତ୍ସା କରାଯାଇଥିଲା। ପରେ ସର୍ବଭାରତୀୟ ସତ୍ୟସାଇ ସେବା ସଂଗଠନ ସଭାପତି ନିମିଶ ପାଣ୍ଡିଆ ଓଡିଶା ଗସ୍ତରେ ଆସି ଜିଲ୍ଲାର ମଙ୍ଗଳପୁରଠାରେ ନିର୍ମଳଝରର ଜଳ ପ୍ରକଳ୍ପକୁ ଉଦ୍‌ଘାଟନ କରିବା ପରେ ଜାରକା ସ୍ଥିତ ସାଇ ଆରୋଗ୍ୟମରେ ପହଂଚି ଏସଆର୍‌ପି ରୋଗୀମାନଙ୍କୁ ସାକ୍ଷାତ କରିବା ସହ ଶ୍ରୀ ସତ୍ୟସାଇ ତପୋବନ ପାରାୟଣ ଆଧ୍ୟାତ୍ମିକ ପୁସ୍ତକ ପ୍ରଦାନ କରିଥିଲେ। ଏହି ଅବସରରେ ୫ଗୋଟି ସତ୍ୟସାଇ ଜିଲ୍ଲାର ଆସିଥିବା ଜୋନସ୍ତରୀୟ ସଭାପତିଙ୍କ ସହ ବୈଠକରେ ଯୋଗଦେଇ ଶ୍ର ସତ୍ୟସାଇ ମାନବଜାତିର ସର୍ବାଙ୍ଗୀନ ଉନ୍ନତି ଉପରେ ସମ୍ଭାଷଣ ପ୍ରଦାନ କରିଥିଲେ। ଏଥିରେ ରାଜ୍ୟ ସତ୍ୟସାଇ ସେବା ସଂଗଠନ ଟ୍ରଷ୍ଟି ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ଜୋନ ସଭାପତି ନାରାୟଣ ପ୍ରସାଦ ସର, ସଭାପତି ଡା. ସତ୍ୟସ୍ୱରୂପ ପଟ୍ଟନାୟକ, ସର୍ବଭାରତୀୟ ଆଧ୍ୟାତ୍ମିକ ସଂଯୋଜକ ତଥା ଜନଜାତି ଉନ୍ନୟନ କାର୍ଯ୍ୟ ନିର୍ବାହକ ଡ. ରମୁ, ଜିଲ୍ଲା ସଭାପତି ଡା. ନିଶିକାନ୍ତ କର, ସାଇ ଆରୋଗ୍ୟମର ପ୍ରତିଷ୍ଠାତା ତଥା ଟ୍ରଷ୍ଟ ସଦସ୍ୟ ରଶ୍ମିରଂଜନ ରାୟ ପ୍ରମୁଖ ଯୋଗଦେଇଥିଲେ। ଏହି ଦିନ ପ୍ରାତଃ ସାଢେ ୪ଟାରୁ ଓଁକାରମ, ସୁପ୍ରଭାତମ, ନଗର ପରିକ୍ରମା, ବେଦପାଠ ଓ ସାମୂହିକ ଭଜନ ପରିବେଷଣ କରାଯାଇଥିଲା। ଆବାହକ ସୁଶାନ୍ତ କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂର୍ବତନ ଆବାହକ, ସେବା ସଂଯୋଜକ, ଅଧ୍ୟାତ୍ମିକ ସଂଯୋଜକ, ଜିଲ୍ଲା ମହିଳା ସଂଯୋଜିକା, ଏସଆରଟି ସଂଯୋଜକ, ବାଲ ବିକାଶ ଗୁରୁମା ପ୍ରମୋଦିନୀ ସାମଲଙ୍କ ସମେତ ଜାରକା, କଲଣ, ବରଜପୁର, ନିଶିମଳା ସମିତି ଓ ଭଜନମଣ୍ଡଳୀର ଭାଇ ଓ ଭଉଣୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଜାରକା ରୋଟାରୀ ଓ ଇନରହୁଇଲ କ୍ଲବର ଅଧିଷ୍ଠାନ ଉତ୍ସବ




ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମ ପରିସରରେ ଜାରକା ରୋଟାରୀ ଓ ଇନରହୁଇଲ କ୍ଲବର ମିଳିତ ଅଧିଷ୍ଠାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ରୋଟାରୀ ଡିଜି ଜୟଶ୍ରୀ ମହାନ୍ତି ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ପିଡିସି ଇନା ପୁରୋହିତ, ଚେୟାରପରସନ ଜୋନ-୨ ରୋଟାରିଆନ ଅତିସ କୁମାର ବେହେରା, ଆସିଷ୍ଟାଂଟ ଗଭର୍ଣ୍ଣର ରଶ୍ମିରଂଜନ ମହାନ୍ତି ଯୋଗଦେଇ ନିଃସ୍ୱାର୍ଥପର ସେବା କରିବାକୁ ରୋଟାରୀ ଓ ଇନରହୁଇଲ ସଦସ୍ୟମାନେ ଆଗଭର ହେବାକୁ ପରାମର୍ଶ ଦେଇଥିଲେ । ଉତ୍ସବରେ ରୋଟାରିଆନ ନିରଂଜନ ପାଣିଗ୍ରାହୀ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ଜ୍ୟୋତି ଆଚାର୍ଯ୍ୟ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ । ଇନରହୁଇଲର ସଭାନେତ୍ରୀ ରଶ୍ମିତା ନାୟକ ଇନରହୁଇଲର କାର୍ଯ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ପ୍ରାରମ୍ଭରେ ପୂର୍ବତନ ସଭାନେତ୍ରୀ ମିନତୀ ସାହୁ ଦେଶାତ୍ମବୋଧକ ସଙ୍ଗୀତ ଗାନ କରିଥିଲେ । ଅର୍ଚ୍ଚନା ନାୟକ ସ୍ୱାଗତ ଜଣାଇଥିଲେ । ରୋଟାରିଆନ ବିନୋଦ ପରିଡା ମଂଚ ପରିଚାଳନା କରିଥିଲେ । ଏହି ଅବସରରେ ରୋଟାରି କ୍ଲବର ପୂର୍ବତନ ସଭାପତି ନିରଂଜନ ପାଣିଗ୍ରାହୀ ନୂତନ ସଭାପତି ପ୍ରମୋଦ ସାମଲଙ୍କୁ ଓ ପୂର୍ବତନ ସମ୍ପାଦକ ଜ୍ୟୋତି ଆଚାର୍ଯ୍ୟ ନୂତନ ସମ୍ପାଦକ ସୁକାନ୍ତ ସ୍ୱାଇଁଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ସେହିପରି ଇନରହୁଇଲର ପୂର୍ବତନ ସଭାପତି ରଶ୍ମିତା ନାୟକ ନୂତନ ସଭାପତି ଶୁଭଲକ୍ଷ୍ମୀ କରଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିବା ବେଳେ ନୂତନ ସମ୍ପାଦିକା ଭାବେ ବିଶ୍ୱମିତ୍ରା ସାହୁ ଦାୟିତ୍ୱ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଭିଜିଲାନ୍ସ ଡିଏସପି ଋତୁପର୍ଣ୍ଣା ଶତପଥୀ ଅତିଥି ଭାବେ ଯୋଗଦେଇ ଧର୍ମଶାଳା ଥାନାର ପୂର୍ବତନ ଆଇଆଇସି ଅମିତାଭ ମହାପାତ୍ର ଓ ଏବର ଆଇଆଇସି ରାକେଶ ତ୍ରିପାଠୀଙ୍କ ସମେତ ସମସ୍ତ ଅତିଥି ଓ ପୂର୍ବତନ କର୍ମକର୍ତ୍ତାଙ୍କୁ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଗୀତାଂଜଳି ସାହୁଙ୍କୁ ଇନରହୁଇଲର ସଦସ୍ୟ ଭାବେ ଗ୍ରହଣ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ରୋଟାରିଆନ ତଥା ଅବସରପ୍ରାପ୍ତ ସିଡିଏମଓ ଡା. ନିଳୟ କୁମାର ଶତପଥୀ, ଉପସଭାପତି ହରିହର ପଣ୍ଡା, ଅଜାମ୍ବର ସାହୁ, ପ୍ରଶାନ୍ତ ପୃଷ୍ଟି, ପ୍ରଦୀପ ବରାଳ, ଜୟପ୍ରକାଶ ତ୍ରିପାଠୀ, କଳାକର ମହାନ୍ତି, କ୍ୟାପଟେନ ତ୍ରିଲୋଚନ ବିଶ୍ୱାଳ, ଜୟନ୍ତ ସାହୁ, ବିପିନ ଷଡଙ୍ଗୀ, ରଶ୍ମିରଂଜନ ରାୟ ଓ ଇନରହୁଇଲ କ୍ଲବର ପୂର୍ବତନ ସଭାପତି ମାଧୁରୀ ଶତପଥୀ, ଶକୁନ୍ତଳା ମାହାନ୍ତି, ଲୋପାମୁଦ୍ରା ଷଣ୍ଢ, ଇନ୍ଦୁପ୍ରଭା ସାମଲ, ପ୍ରଭାତି ବିଶ୍ୱାଳ, କାଦମ୍ବିନୀ ମିଶ୍ର, କଳ୍ପନା ପରିଡା, ପ୍ରଭାତନଳିନୀ ସାହୁ, ଅଜନ୍ତା ପାଣିଗ୍ରାହୀ, ରୋଜାଲିନ ପ୍ରଧାନ, ପ୍ରତିଭା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଶେଷରେ ଧର୍ମଶାଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଚ୍ୟାଉପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ମେହେନ୍ତରମାନଙ୍କର ଜାତି ପ୍ରମାଣପତ୍ର ସମ୍ପର୍କରେ ମାନ୍ୟବର ମନ୍ତ୍ରୀ ବିଧାନସଭାରେ ସଠିକ୍ ତଥ୍ୟ ରଖିନାହାଁନ୍ତି

ଭୁବନେଶ୍ୱର (ପିଏନ୍): ରାଜ୍ୟ ସରକାରଙ୍କର ଅନୁସୂଚିତ ଜାତି ତାଲିକାର କ୍ରମିକ ସଂଖ୍ୟା ୬୦ରେ ଉଲ୍ଲେଖ ଥିବା ଜାତି ମେହେନ୍ତର ଏବଂ ସମ୍ପୃକ୍ତ ଜାତିର ରେକର୍ଡ଼ ଅଫ୍ ରାଇଟ୍ ବା ଜମି ପଟ୍ଟାରେ ଜାତି ମେହେନ୍ତର ଲେଖା ଥିବା ତ୍ରୁଟି ଯୋଗୁଁ ଜାତି ବ୍ୟବସ୍ଥାର ସର୍ବନିମ୍ନ ସ୍ତରରେ ଥିବା ରାଜ୍ୟର ୧୦ ଲକ୍ଷ ମେହେନ୍ତର ଦୀର୍ଘ ବର୍ଷ ଧରି ଜାତିଗତ ପ୍ରମାଣପତ୍ର ନ ପାଇ ସମସ୍ତ ପ୍ରକାର ସାମ୍ବିଧାନିକ ଅଧିକାରରୁ ବ□ିତ ଥିବାବେଳେ ଗତ ତା୨୩.୦୭. ୨୦୨୨ରିଖ ଦିନ ବିଧାନସଭାରେ ମାନ୍ୟବର ବିଭାଗୀୟ ମନ୍ତ୍ରୀ ଶ୍ରୀଯୁକ୍ତ ଜଗନ୍ନାଥ ସାରକାଙ୍କ ଅନୁପସ୍ଥିତିରେ ମାନ୍ୟବର ଯୋଗାଣ ମନ୍ତ୍ରୀ ଶ୍ରୀଯୁକ୍ତ ଅତନୁ ସବ୍ୟସାଚୀ ନାୟକ ଏକ ବୈଧାନିକ ପ୍ରଶ୍ନର ଉତ୍ତରରେ ଯାହା କହିଛନ୍ତି ତାହା ଅତ୍ୟନ୍ତ ହାସ୍ୟାସ୍ପଦ ଓ ଦୁଃଖଦାୟକ ବୋଲି ଅଲ୍ ଓଡ଼ିଶା ଦଳିତ ସମାଜ କଲ୍ୟାଣ ପରିଷଦର ସାଧାରଣ ସମ୍ପାଦକ ଶ୍ରୀ ଅଶୋକ କୁମାର ନାୟକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ମେହେନ୍ତରମାନଙ୍କୁ ଅନୁସୂଚିତ ଜାତି ତାଲିକାରେ ସାମିଲ ପାଇଁ ରାଜ୍ୟ ଅନୁସୂଚିତ ଜାତି/ଜନଜାତି ଗବେଷଣା ପ୍ରତିଷ୍ଠାନର ଗବେଷକ ଶ୍ରୀଯୁକ୍ତ ଶରତ ଚନ୍ଦ୍ର ମହାନ୍ତିଙ୍କ ନେତୃତ୍ୱରେ ସର୍ଭେ କରାଯାଇ ଚିଠି ସଂଖ୍ୟା ୨୧୨୭/ ଆର୍-୮୪/୮୯ ତା୦୮.୧୧.୧୯୯୯ରିଖରେ ରାଜ୍ୟ ସରକାରଙ୍କର ଅନୁସୂଚିତ ଜାତି ବିଭାଗକୁ ଜଣାଇ ଦିଆଯାଇଥିବା ବେଳେ ମେହେନ୍ତରମାନଙ୍କର ଏଥିନିକ୍ ରିପୋର୍ଟ୍, କାଷ୍ଟ ଷ୍ଟାଟସ୍ ରିପୋର୍ଟ ତଥା ଅନୁସୂଚିତ ଜାତି, ଜନଜାତି ଗବେଷଣା ପ୍ରତିଷ୍ଠାନର ପୂର୍ବତନ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଅଖିଳବିହାରୀ ଓତାଙ୍କ ଲିଖିତ ପପୁଲେସନ୍ ପ୍ରୋଫାଇଲ୍ ଅଫ୍ ସେଡ୍ୟୁଲଡ୍ କାଷ୍ଟ ଇନ୍ ଓଡ଼ିଶାରେ ମେହେନ୍ତରମାନଙ୍କର ଜାତି, ସାମାଜିକ ବ୍ୟବସ୍ଥାରେ ତାଙ୍କର ସ୍ଥିତି, କୌଳିକ ବୃତ୍ତି, ବାସସ୍ଥାନ ଓ ପାରମ୍ପରିକ ରୀତିନୀତି ସମ୍ପର୍କରେ ବିଶଦ ଭାବରେ ଉଲ୍ଲେଖ କରାଯାଇଥିବା ବେଳେ ରାଜ୍ୟ ସରକାର ଏ ସମସ୍ତ ତଥ୍ୟ ନ ଦେଇ କେଉଁ ଆଧାରରେ ୧୯୭୮ ମସିହାରେ ମେହେନ୍ତରମାନଙ୍କୁ ଅନୁସୂଚିତ ଜନଜାତି ତାଲିକାରେ ସଂଯୋଗ ପାଇଁ କେନ୍ଦ୍ରକୁ ସୁପାରିଶ କରିଥିଲେ, ତାହା ମାନ୍ୟବର ମନ୍ତ୍ରୀ ବିଧାନସଭାରେ ଉଲ୍ଲେଖ କଲେନାହିଁ। ଫଳରେ ଅନେକଗୁଡ଼ିଏ ଜାତି ସହିତ ମେହେନ୍ତରମାନଙ୍କୁ ସାମିଲ କରି ୧୯୭୮ ମସିହାରେ କେନ୍ଦ୍ରକୁ ପଠାଇଥିବା ପ୍ରସ୍ତାବଟି ଦୀର୍ଘ ୩୮ ବର୍ଷ ପରେ ଉପଯୁକ୍ତ ମାପଦଣ୍ଡ ବା ତଥ୍ୟ ଅଭାବରୁ ଖାରଜ ହୋଇ ୨୦୧୪ ମସିହାରେ ରାଜ୍ୟ ସରକାରଙ୍କ ପାଖକୁ ଫେରିଆସିଲା। ୨୦୧୪ ମସିହାଠାରୁ ୨୦୨୨ ମସିହା ମଧ୍ୟରେ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଇନାହାନ୍ତି। ଏଣୁ ରାଜ୍ୟର ୧୦ ଲକ୍ଷ ମେହେନ୍ତର ପରିବାର ବା ହାଡ଼ି, ଘାସି, ମାହାରମାନଙ୍କର ସାମାଜିକ ନ୍ୟାୟ, ସାମ୍ବିଧାନିକ ଅଧିକାର ପାଇଁ କାମ କରୁଥିବା ଅଲ୍ ଓଡ଼ିଶା ଦଳିତ ସମାଜ କଲ୍ୟାଣ ପରିଷଦ ଏ ସମ୍ପର୍କରେ ତା'ର ଆନ୍ଦୋଳନ ଜାରି ରଖିଥିବା ବେଳେ ବାରମ୍ବାର ଏହି ସମସ୍ୟାଟିକୁ ବିଭିନ୍ନ ସ୍ଥାନରେ ଉପସ୍ଥାପନ କରିଆସୁଅଛି। ବାସ୍ତବରେ ମେହେନ୍ତରମାନଙ୍କୁ ନ୍ୟାୟ ଦେବାପାଇଁ ଯଦି ସରକାରଙ୍କର ଆନ୍ତରିକତା ଅଛି, ତାହାହେଲେ ଏକ ସିଙ୍ଗଲ୍ ପ୍ରପୋଜାଲ୍ ବା ଏକକ ପ୍ରସ୍ତାବ ମାଧ୍ୟମରେ ମେହେନ୍ତରମାନଙ୍କର ସମସ୍ତ ତଥ୍ୟ ସହିତ କେନ୍ଦ୍ରକୁ ସୁପାରିଶ୍ କରିବାକୁ ପରିଷଦ ଦାବି ଜଣାଉଅଛି। ଏହି ସାମ୍ବାଦିକ ସମ୍ମିଳନୀରେ ପରିଷଦ ସଭାପତି ସର୍ବଶ୍ରୀ ପୂର୍ଣ୍ଣଚନ୍ଦ୍ର ନାୟକ, ଉପସଭାପତି ଗୋପିନାଥ ନାୟକ, କାର୍ଯ୍ୟକାରୀ ସଭାପତି ନିରଞ୍ଜନ ନାୟକଙ୍କ ସମେତ ପରିଷଦର କର୍ମକର୍ତ୍ତା ଶଙ୍କର ନାୟକ, ଦୀପକ ନାୟକ, ପ୍ରମୋଦ ନାୟକ, ପ୍ରଭାକର ନାୟକ, ଅମର ନାୟକ, ବିକାଶ ନାୟକ, ଭରତ ଚନ୍ଦ୍ର ନାୟକ, ପୂର୍ଣ୍ଣଚନ୍ଦ୍ର ନାୟକ, ସୁକାନ୍ତ ଗୋଛାୟତ, ଚନ୍ଦନ ନାୟକ ଓ ପ୍ରଭାତ ନାୟକଙ୍କ ସମେତ ଅନେକ ସଭ୍ୟ ଯୋଗ ଦେଇଥିଲେ।

# ଦୁଇ ଦମକଳ କେନ୍ଦ୍ରର ଫୋନ୍ ଅଚଳ !

ଧର୍ମଶାଳା (ପିଏନ୍): ଧର୍ମଶାଳା ଓ ଚଣ୍ଡିଖୋଲ ଦମକଳ କେନ୍ଦ୍ରର ଟେଲିଫୋନ୍ ନମ୍ବର ଅଧିକାଂଶ ସମୟ ଅଚଳ ରହୁଛି । ଫଳରେ ଦୁର୍ଘଟଣା, ଘରପୋଡ଼ି, ପାଣିବୁଡ଼ି ଆଦି ବିଭିନ୍ନ ଦୁର୍ବିପାକ ସମୟରେ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏ ସଂପର୍କରେ ବାରମ୍ବାର ଅଗ୍ନିଶମ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଉଥିଲେ ମଧ୍ୟ ଏଥିପ୍ରତି ଗୁରୁତ୍ୱ ଦିଆଯାଉନଥିବା ଅଭିଯୋଗ ହୋଇଛି । ପ୍ରକାଶ ଯେ, ବଡ଼ଚଣା ଓ ଧର୍ମଶାଳା ଥାନା ଅଂଚଳରେ ଘଟୁଥିବା ବିଭିନ୍ନ ଅଘଟଣ ସମୟରେ ଚଣ୍ଡିଖୋଲ ଅଗ୍ନିଶମ ବାହିନୀ ସେବା ଯୋଗାଇ ଦେଇଥାଏ । ବିଶେଷକରି ବ୍ୟସ୍ତବହୁଳ ୧୬ ଓ ୫୩ ନମ୍ବର ଜାତୀୟ ରାଜପଥରେ ଅନେକ ସମୟରେ ଘଟୁଥିବା ଦୁର୍ଘଟଣାରେ ମୃତାହତଙ୍କୁ ଉଦ୍ଧାର କରିବା କିମ୍ବା ବିଭିନ୍ନ ସ୍ଥାନରେ ଘଟୁଥିବା ଅଗ୍ନିକାଣ୍ଡ ଓ ପାଣିରେ ବୁଡ଼ିଯାଉଥିବା ଲୋକଙ୍କୁ ଉଦ୍ଧାର କରିବାପାଇଁ ଚଣ୍ଡିଖୋଲ ଦମକଳ ବାହିନୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଅଘଟଣ ସମୟରେ ଦମକଳ କେନ୍ଦ୍ରକୁ ସୂଚନା ଦେବାପାଇଁ ୦୬୭୨୫୨୨୬୧୦୧ ନମ୍ବର ରହିଛି । ଏହାର ବକେୟା ବିଲ୍ ପୈଠ ହୋଇନଥିବା ଏବଂ ରାସ୍ତାକାମ ପାଇଁ କିଛିଦିନ ପୂର୍ବେ ଟେଲିଫୋନ୍ ଲାଇନ୍ କଟିଯିବାରୁ ଏହି ଦମକଳ କେନ୍ଦ୍ରକୁ ଯୋଗାଯୋଗ କରିବା ପାଇଁ ୮୨୮୦୩୫୧୯୦୩ ନମ୍ବର ଦିଆଯାଇଥିଲା। ଏବେ ଏହି ନମ୍ବରକୁ କଲ୍ କଲେ ବି ଲାଗୁନାହିଁ । ଫଳରେ ଏହି ଦମକଳ କେନ୍ଦ୍ର ଉପରେ ନିର୍ଭର କରୁଥିବା ଜନସାଧାରଣ ବିପଦ ସମୟରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ଚଢ଼େଇଧରା ଛକ ନିକଟରେ ଥିବା ଧର୍ମଶାଳା ଦମକଳ କେନ୍ଦ୍ରର ଟେଲିଫୋନ୍ ନମ୍ବର ୦୬୭୨୫୨୬୦୨୦୧ ଦୀର୍ଘଦିନ ହେଲା ଲାଗୁନାହିଁ । ଫଳରେ ଜେନାପୁର ଥାନା ଅଂଚଳବାସୀ ଦୁର୍ବିପାକ ସମୟରେ ସେବା ପାଇବାରୁ ବଂଚିତ ହେଉଥିବା ଅଭିଯୋଗରେ ଦର୍ଶାଯାଇଛି । ତୁରନ୍ତ ଉଭୟ ଦମକଳ କେନ୍ଦ୍ର ପକ୍ଷରୁ ନିଃଶୁଳ୍କ ଟେଲିଫୋନ୍ ସାର୍ବଜନୀନ କରିବାକୁ ଧର୍ମଶାଳା ଓ ବଡ଼ଚଣା ବ୍ଲକବାସୀ ଦାବି କରିଛନ୍ତି।

# ମଦମୁକ୍ତି ଯୁବବାହିନୀର ଯୁବସମ୍ବାଦ ବୈଠକ



ବାଲେଶ୍ୱର (ପିଏନ୍)-ମଦମୁକ୍ତି ଓଡ଼ିଶାର ସଂକଳ୍ପ ସହ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାରୁ ଆସିଥିବା ଶତାଧିକ ଯୁବକମାନଙ୍କୁ ନେଇ ବାଲେଶ୍ୱରଠାରେ ଏକ "ଯୁବସମ୍ବାଦ" ବୈଠକ ଆୟୋଜିତ ହୋଇଯାଇଛି। ଓଡ଼ିଶାରେ ସରକାର ପ୍ରାୟୋଜିତ ମଦ ଦୋକାନ ଯୋଗୁଁ ସାଧାରଣ ପରିବାର କିପରି ଉଜୁଡ଼ି ଯାଉଛି ଏବଂ ମୁଖ୍ୟସ୍ରୋତ ଓ ରାଜନୈତିକ ଶକ୍ତିଗୁଡ଼ିକ କିପରି ଏହି ଗମ୍ଭୀର ସମସ୍ୟାକୁ ଅଣଦେଖା କରିଚାଲିଛନ୍ତି ତାହା ଆଲୋଚନାର ମୁଖ୍ୟ ବିଷୟ ଥିଲା। ଜନକଲ୍ୟାଣ ପାଇଁ ଅଭିପ୍ରେତ ଏକ ଗଣତାନ୍ତ୍ରିକ ସରକାର ମଦ ବିକିବା ତଥା ଓଡ଼ିଶାର ଯୁବକମାନଙ୍କୁ ଲକ୍ଷ୍ୟଭ୍ରଷ୍ଟ କରିବା ଏବଂ ଏହି ବ୍ୟବସ୍ଥାଗତ ବିଶ୍ୱାସଘାତକତା ବିରୁଦ୍ଧରେ ସଂଘର୍ଷ କରିବା ହିଁ ଆଜିର ଆହ୍ୱାନ ହୋଇପାରେ ବୋଲି ମତ ପ୍ରକାଶ ପାଇଥିଲା। ଯେଉଁ ସରକାରର ପ୍ରତ୍ୟକ୍ଷ ସହଯୋଗରେ ଓଡ଼ିଶାର ଗାଁଗହଳି, ସହର, ବଜାରରେ ଚାରିହଜାର ତିନିଶହରୁ ଅଧିକ ମଦ ଦୋକାନ ଖୋଲିଛି। ସେହି ସରକାର ହିଁ ପ୍ରବଳ ଜନମତର ଚାପରେ ସେଗୁଡ଼ିକ ବନ୍ଦ କରିପାରିବ। ଏଥିପାଇଁ ଆବଶ୍ୟକ ଜନଜାଗରଣର ସୂତ୍ରଧର ଓଡ଼ିଶାର ସ୍ୱାଭିମାନୀ ଯୁବକଟିଏ ହିଁ ହୋଇପାରେ ଏଥିପାଇଁ ସେହି ଯୁବକମାନଙ୍କୁ ସମାଜ କଲ୍ୟାଣର ଏହି ଗୁରୁତ୍ୱପୂର୍ଣ୍ଣ ଅଭିଯାନରେ ଯୋଡ଼ିବା ନିମିତ ମଦମୁକ୍ତି ଯୁବବାହିନୀ "ଯୁବସମ୍ବାଦ"ମାନ ଆୟୋଜିତ କରିଥାଏ ବୋଲି ଯୁବବାହିନୀର ଆବାହକ ଶ୍ରୀ ସତ୍ୟବ୍ରତ ପୃଷ୍ଟି ପ୍ରକାଶ କରିଛନ୍ତି। ବାଲେଶ୍ୱର ସହରସ୍ଥିତ ହୋଟେଲ କ୍ୟୁମେରାଇନଠାରେ ଦିନ ୧୦:୪୫ ଘଟିକା ସମୟରୁ କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ତିନି ଓମ୍ କାର ଶାନ୍ତି ପାଠରୁ ଆରମ୍ଭ ହୋଇ ଦିନସାରା ଚାଲିଥିବା ଏହି କାର୍ଯ୍ୟକ୍ରମ ସୁଶାନ୍ତ ମହାନ୍ତିଙ୍କ ନେତୃତ୍ୱରେ ବାଲେଶ୍ୱର ବସ୍ ଷ୍ଟାଣ୍ଡଠାରେ ଏକ ମାନବଶୃଙ୍ଖଳା ସହ ସମ୍ପନ୍ନ ହୋଇଥିଲା। ଯୁବକମାନଙ୍କଠାରେ ସମାଜ ପାଇଁ ସମର୍ପଣ ଭାବର ଝଲକ ଦୃଶ୍ୟମାନ ଥିଲା। ଏହି କାର୍ଯ୍ୟକ୍ରମକୁ ବାଲେଶ୍ୱର ଜିଲ୍ଲା ସଂଯୋଜକ ମୃତ୍ୟୁଞ୍ଜୟ ସେନାପତି, ସହ-ସଂଯୋଜକ ନମିତା ବାରିକଙ୍କ ସମେତ ମୟୂରଭଞ୍ଜ ଜିଲ୍ଲା ସଂଯୋଜକ ପ୍ରଶାନ୍ତ ରାଉତ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରିଣୀ ସଦସ୍ୟ ଲଲାଟେନ୍ଦୁ ପାତ୍ର, ସମାସ ଷଡ଼ଙ୍ଗୀ, ହିମାଂଶୁ ଶେଖର ନାୟକଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ସ୍ମାର୍ଟନଗରୀର ଓଭର ବ୍ରିଜ୍ ସୁରକ୍ଷା ଏମିତି: ଫାଟିବ କାନ୍ଥ, ଭୁଶୁଡ଼ିବ ବ୍ରିଜ୍ !



ଭୁବନେଶ୍ୱର (ପିଏନ୍): ଓଭର ବ୍ରିଜ୍ ସାରା ଅନାବନା ଗଛ, ଲତା ସହ ବର, ଅଶ୍ୱତ୍ଥ ଗଛରେ ଭର୍ତ୍ତି। ବ୍ରିଜ୍‌ର ଉଭୟ ଡାହାଣ ଓ ବାମପଟ ପାର୍ଶ୍ୱରେ କାନ୍ଥରେ ଉଠିଥିବା ବର, ଓସ୍ତ ଗଛଗୁଡ଼ିକ ୪ ଫୁଟ୍‌ରୁ ୫ ଫୁଟ୍ ପର୍ଯ୍ୟନ୍ତ ଉଚ୍ଚା ହୋଇଗଲାଣି। ପକ୍ଷୀମାନଙ୍କ ମଳରୁ ସୃଷ୍ଟି ଏହି ମୂଲ୍ୟବାନ୍ ଗଛଗୁଡ଼ିକର ଚେର ଗୁଡ଼ିକ ଧୀରେ ଧୀରେ କାନ୍ଥ ଭିତରକୁ ମାଡ଼ିଗଲାଣି। ଆଉ ଦିନ କେଇଟା ପରେ ଚେର ଫଟାଇବ କାନ୍ଥ। କିନ୍ତୁ ଏଥିପ୍ରତି ବିଭାଗୀୟ ଅଧିକାରୀଙ୍କ ଟିକିଏ ନିଘା ନାହିଁ। ଏଭଳି ଚିତ୍ର ଦେଖିବାକୁ ମିଳିଛି ଆମ ସ୍ମାର୍ଟ ନଗରୀ ଭୁବନେଶ୍ୱରର ପୋଖରୀପୁଟ ଅ□ଳରେ ନିର୍ମିତ ହୋଇଥିବା ଲିଙ୍ଗରାଜ ରୋଡ଼ ରେଲୱେ ଓଭରବ୍ରିଜ୍ ଏବଂ ବରମୁଣ୍ଡା ଓଭରବ୍ରିଜ୍‌ରେ। ସାଧାରଣରେ ପ୍ରଶ୍ନ ଉଠେ, ବ୍ରିଜ୍ ତିଆରି ସମୟରେ ରାଜ୍ୟ ଅଥବା କେନ୍ଦ୍ର ରାଜକୋଷରୁ ହଜାର ହଜାର କୋଟି ଟଙ୍କାର ଅର୍ଥ ବ୍ୟୟ ହେଉଥିବା ବେଳେ ଏହାର ରକ୍ଷଣାବେକ୍ଷଣ ପାଇଁ ଆନ୍ତରିକତାର ଅଭାବ ଓ ହେୟଜ୍ଞାନ କ'ଣ ପାଇଁ? ସହର ମଧ୍ୟରେ ଥିବା ଅନ୍ୟ ଓଭର ବ୍ରିଜ୍ କାନ୍ଥଗୁଡ଼ିକର ସମାନ ଏହି ଅବସ୍ଥା। ବିଭାଗୀୟ କର୍ତ୍ତୃପକ୍ଷ ନିଜ ଦାୟିତ୍ୱ ଓ କର୍ତ୍ତବ୍ୟକୁ କିପରି ତୁଲାଉଛନ୍ତି, ତାହା ଏଥିରୁ ବେଶ୍ ଅନୁମେୟ। ମନେରଖିବା ଉଚିତ୍, କାନ୍ଥ ଫାଟିଲେ ବ୍ରିଜ୍ ଦୁର୍ବଳ ହୋଇଯାଏ। ବ୍ରିଜ୍ ଦୁର୍ବଳ ହେଲେ ବ୍ରିଜ୍ ଶେଷରେ ଦବି ଭୁଶୁଡ଼ି ପଡ଼ିଥାଏ। ଅଘଟଣ ବା ଦୁର୍ଘଟଣାକୁ ନିରୀହ ଜନସାଧାରଣ ଆମନ୍ତ୍ରଣ କରିଥା'ନ୍ତି ଏବଂ ଚାଲିଯାଏ ବହୁ ଅମୂଲ୍ୟ ଜୀବନ। ଯଦି ଅଘଟଣ ଘଟେ, ତେବେ ରାଜକୋଷରୁ ପୁନର୍ବାର ମରାମତି ଲାଗି ବିପୁଳ ଅର୍ଥ ବ୍ୟୟ ହୋଇଥାଏ। ଜାଣିବା ଉଚିତ୍ ମେଞ୍ଟେନାସ୍ ଇଜ୍ ଅଲୱେଜ୍ ଚିପ୍‌ର ଦାନ ରିପ୍ୟାରିଂ। ଅର୍ଥାତ୍ ମରାମତିର ଖର୍ଚ୍ଚଠାରୁ ରକ୍ଷଣାବେକ୍ଷଣର ଖର୍ଚ୍ଚ ଖୁବ୍ କମ୍ ହୋଇଥାଏ। ତୁରନ୍ତ ଲିଙ୍ଗରାଜ ରୋଡ଼ ରେଲୱେ ଓଭର ବ୍ରିଜ୍ ଏବଂ ବରମୁଣ୍ଡା ଓଭର ବ୍ରିଜ୍ ସମେତ ସହରରେ ନିର୍ମିତ ହୋଇଥିବା ଅନ୍ୟ ବ୍ରିଜ୍‌ଗୁଡ଼ିକର କାନ୍ଥରୁ ବର, ଅଶ୍ୱତ୍ଥ ପରି ମୂଲ୍ୟବାନ୍ ଓ ପରିବେଶ ଉପଯୋଗୀ ଗଛଗୁଡ଼ିକୁ ଅନ୍ୟତ୍ର ସ୍ଥାନାନ୍ତର କରି ସହରର ସବୁଜିମାକୁ ବୃଦ୍ଧି କରିବା ସହ ବ୍ରିଜ୍‌ର ରକ୍ଷଣାବେକ୍ଷଣ ପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟିଦେଇ ତୁରନ୍ତ କାର୍ଯ୍ୟ କରନ୍ତୁ ବୋଲି ସାମାଜିକ କର୍ମୀ ତଥା ପରିବେଶବିତ୍ ସୁଶାନ୍ତ ସାହୁ ଦାବି କରିଛନ୍ତି।

# ଭ୍ରାମ୍ୟମାଣ ପାଠାଗାର ଉଦ୍‌ଘାଟନ ଓ ପୁସ୍ତକ ଲୋକାର୍ପଣ ଉତ୍ସବ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜାରକା ସ୍ଥିତ ତାରିଣୀ ମଣ୍ଡପଠାରେ ଗତକାଲି ପୂର୍ବାହ୍ନରେ ଭ୍ରାମ୍ୟମାଣ ପାଠାଗାର ଓ ପୁସ୍ତକ ଉନ୍ମୋଚନ ପର୍ବ ଅନୁଷ୍ଠିତ ହୋଇଯାଇଛି । ଉତ୍ସବର ପ୍ରଥମ ଅଧିବେଶନକୁ କଳାମାଣିକର ସମ୍ପାଦକ ଡ. ରବିନାରାୟଣ ସାହୁ, ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ସମାଜସେବୀ କାହ୍ନୁ ଚରଣ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ଅଧ୍ୟାପକ ଦେବୀଲାଲ ମିଶ୍ର ଓ ଶିଶୁ ସାହିତ୍ୟିକ ଡ. ପ୍ରିୟନାଥ ମହାପାତ୍ର ଯୋଗଦେଇ ଭ୍ରାମ୍ୟମାଣ ପାଠାଗାରର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ଅଧ୍ୟାପକ ପ୍ରଶାନ୍ତ ସାହୁ ଅତିଥି ପରିଚୟ ଓ ସଭାର ଆଭିମୁଖ୍ୟ ସମ୍ପର୍କରେ କହିଥିବା ବେଳେ ଡ. ରଶ୍ମୀକାନ୍ତ ଦାସ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ଏହି ଅବସରରେ ମଂଚାସୀନ ଅତିଥିମାନଙ୍କୁ ଶିଶୁ ସାହିତ୍ୟିକ ଡ. ରାଜକିଶୋର ପାଢୀ, ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନା, ପ୍ରାଧ୍ୟାପକ ମନୋରଂଜନ ମହାନ୍ତି, କବି ରାମଚନ୍ଦ୍ର ଦାଶ ପ୍ରମୁଖ ସମ୍ବର୍ଦ୍ଧିତ କରିଥିଲେ । ଶିକ୍ଷୟିତ୍ରୀ ସଙ୍ଘମିତ୍ରା ସାହୁ ଓ ପ୍ରକାଶିକା ଅରୋଲିତା ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । 'ସମ୍ଭବ' ସମ୍ପାଦକ ଅଖିଳ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ଦ୍ୱିତୀୟ ଅଧିବେଶନରେ ବ୍ରହ୍ମବରଦା କଲେଜ ଅଧ୍ୟକ୍ଷ ମହେଶ୍ୱର ପାଢୀ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ସମ୍ପାଦକ ଡ. ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ ଯୋଗଦେଇ ଅଧ୍ୟାପକ ପ୍ରଶାନ୍ତ କୁମାର ସାହୁଙ୍କ 'ଜୀବନର କିଛି କଥା', 'ଧନ ଅର୍ଜନେ ଧର୍ମ କରି' ପୁସ୍ତକକୁ ଉନ୍ମୋଚନ କରିବା ସହ ଭ୍ରାମ୍ୟମାଣ ପାଠାଗାରକୁ ଉଦ୍‌ଘାଟନ କରିଥିଲେ । ଅତିଥିଭାବେ କବି ରକ୍ଷକ ନାୟକ, ଗୀତିକାର ବିଜୟ ମଲ୍ଲ, ନାଇଜରର କୁଳପତି ଡ. ଅଭୟ ନାୟକ, ଡ. ସନ୍ତୋଷ କୁମାର ମହାପାତ୍ର ଯୋଗଦେଇ ପୁସ୍ତକର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ । ଅଧ୍ୟାପକ ଶ୍ରୀ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରାଧ୍ୟାପକ ମନୋରଂଜନ ମହାନ୍ତି, କଥାକାର ଅର୍ଜୁନ ପୃଷ୍ଟି ଉନ୍ମୋଚିତ ପୁସ୍ତକ ସମ୍ପର୍କରେ ଆଲୋଚନା କରିଥିଲେ । ସାଇକୃପା ଓ ଋତୁପୁର୍ଣ୍ଣା ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ଏହି ଅବସରରେ ମଂଚାସୀନ ଅତିଥିମାନଙ୍କୁ କବୟିତ୍ରୀ ପଦ୍ମଜା ଶରଣ, ଚଳଚ୍ଚିତ୍ର ନିର୍ଦ୍ଦେଶକ ବରଜାକାନ୍ତ ତ୍ରିପାଠୀ, ଅଧ୍ୟାପକ ଗଣେଷ ସ୍ୱାଇଁ, ଅଧ୍ୟକ୍ଷ ତପନ କୁମାର ମିଶ୍ର ସମ୍ବର୍ଦ୍ଧିତ କରିଥିଲେ । ଅଧ୍ୟାପକ ବିଜୟ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୨, ଅଗଷ୍ଟ ୦୪

# ମହିୟସୀ ରାଜନେତ୍ରୀ ନନ୍ଦିନୀ ଶତପଥୀ







ଶ୍ରୀଅରବିନ୍ଦ ଓ ଶ୍ରୀମାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ନିଜ ଜୀବନରେ ତାଙ୍କୁ ପାଥେୟ କରି ସେ ତାଙ୍କ ଜୀବନରେ ଅଗ୍ରସର ହୋଇଥିଲେ। ତାଙ୍କ ଜୀବନର ସବୁଠାରୁ ଗୌରବମୟ ଅଧ୍ୟାୟଟି ଥିଲା ୧୯୭୫ ମସିହାରେ ପ୍ରଥମ କରି 'ଓଡ଼ିଶା ଦିବସ'କୁ ସରକାରୀ ସ୍ତରରେ ମହାସମାରୋହରେ ପାଳନ କରାଇବା। ସେହି ମହିୟସୀ ମହିଳା ଜଣକ ଥିଲେ ଓଡିଶାର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ। ଯାହାଙ୍କ ଜନ୍ମ ୧୯୩୧ ମସିହା ଜୁନ ୯ ତାରିଖରେ କଟକ ସହରର ପିଠାପୁରଠାରେ ବିଶିଷ୍ଟ ସାହିତ୍ୟିକ ତଥା 'ମାଟିର ମଣିଷ' କାଳଜୟୀ ସ୍ରଷ୍ଟା ପଦ୍ମବିଭୁଷଣ କାଳନ୍ଦୀଚରଣ ପାଣିଗ୍ରାହୀଙ୍କ ଜ୍ୟେଷ୍ଠାକନ୍ୟା ରୂପେ ହୋଇଥିଲା। ତାଙ୍କ ଜୀବନ ଉପରେ ପିତାଙ୍କ ସୃଜନଶୀଳତା ଏବଂ ବିପ୍ଳବୀ କକା ଭଗବତୀ ପାଣିଗ୍ରାହୀଙ୍କ ସାଂଗଠନିକ, ବୈପ୍ଳବିକ କ୍ରିୟାଶୀଳତାର ଗଭୀର ପ୍ରଭାବ ପଡିଥିଲା। ତାଙ୍କ ଜନ୍ମ ସମୟରେ ଘରେ ଥିଲା ଏକ ସାଂସ୍କୃତିକ ଓ ସୃଜନଶୀଳ ବାତାବରଣ ଏବଂ ବୃହତର ସମାଜରେ ସ୍ୱାଧୀନତା ସଂଗ୍ରାମ ଓ ଦେଶ ନିର୍ମାଣର ଲହରୀ। ରେଭେନ୍ସା ମହାବିଦ୍ୟାଳୟରେ ସେ ଓଡ଼ିଆ ଭାଷା ସାହିତ୍ୟରେ ସ୍ନାତକୋତ୍ତର ପାଠ୍ୟକ୍ରମ ଅଧ୍ୟୟନ କରିବାବେଳେ କମ୍ୟୁନିଷ୍ଟ ଦଳର ଛାତ୍ରବାହିନୀ "ଷ୍ଟୁଡେଣ୍ଟସ୍ ଫେଡେରେସନ"ର ଜଣେ ସକ୍ରିୟ ନେତ୍ରୀ ଥିଲେ। ୧୯୫୧ରେ ସଂଘଟିତ ଐତିହାସିକ ଛାତ୍ର ଆନ୍ଦୋଳନରେ ଅଗ୍ରଣୀ ଭୂମିକା ନେଇ ପୋଲିସର ପ୍ରଚଣ୍ଡ ଲାଠିମାଡ ସହ୍ୟ କରିଥିଲେ। ଏହି ଆନ୍ଦୋଳନରେ ସକ୍ରିୟ ହେବା ଯୋଗୁ ସେ କାରାବରଣ କରିଥିଲେ। ତାଙ୍କର ଏହି କାରାବାସ କାଳରେ ଅନ୍ୟତମ ପ୍ରମୁଖ ଛାତ୍ରନେତା ଦେବେନ୍ଦ୍ର ଶତପଥୀଙ୍କୁ କାରାଗାରରେ ଭେଟିବା ସହ ଉଭୟଙ୍କ ମଧ୍ୟରେ ବନ୍ଧୁତା କାଳକ୍ରମେ ଦାମ୍ପତ୍ୟରେ ପରିଣତ ହେଲା। ଦେବେନ୍ଦ୍ର ଶତପଥୀଙ୍କ ସାଂସଦ ରହିବା ସମୟରେ ତାଙ୍କ ସହିତ ନନ୍ଦିନୀ ସର୍ବୋଦୟ ଆନ୍ଦୋଳନରେ କାମକରି ସନ୍ଥ ବିନୋବା ଭାବେଙ୍କ ସାନ୍ନିଧ ଲାଭ କରିଥିଲେ।

ଉଚ୍ଚତର ଶିକ୍ଷାଲାଭ ପରେ କୌଣସି ସରକାରୀ ବୃତ୍ତି ନକରି 'କଳନା' ନାମକ ଏକ ଉଚ୍ଚାଙ୍ଗ ସାହିତ୍ୟ ପତ୍ରିକାର ସମ୍ପାଦନା କରିଥିଲେ ନନ୍ଦିନୀ। ଷାଠିଏ ଦଶକର ମଧ୍ୟଭାଗରେ ସେ କଂଗ୍ରେସ ଦଳ ପକ୍ଷରୁ ସାଂସଦ ହୋଇଥିଲେ। ୧୯୬୫ ମସିହାରେ ଲାଲବାହାଦୁର ଶାସ୍ତ୍ରୀଙ୍କ ପ୍ରଧାନମନ୍ତ୍ରିତ୍ୱ କାଳରେ ତଥ୍ୟ ଓ ପ୍ରସାରଣ ମନ୍ତ୍ରଣାଳୟର ଉପମନ୍ତ୍ରୀ ଭାବେ ସେ ନିଯୁକ୍ତି ପାଇଥିଲେ। ସେହି ବିଭାଗର କ୍ୟାବିନେଟ୍ ମନ୍ତ୍ରୀ ଥିଲେ ଇନ୍ଦିରା ଗାନ୍ଧୀ। ନନ୍ଦିନୀଙ୍କ କାର୍ଯ୍ୟଦକ୍ଷତା ଓ ମୌଳିକ ଚିନ୍ତନ ଯୋଗୁ ୧୯୬୬ରେ ତାଙ୍କର ପ୍ରଧାନମନ୍ତ୍ରୀ ହେବା ସମୟରେ ଉକ୍ତ ବିଭାଗର ସ୍ୱାଧୀନ ମନ୍ତ୍ରୀ ଭାବରେ ଅବସ୍ଥାପିତ କରିଥିଲେ। ୧୯୭୧ରେ ଇନ୍ଦିରାଙ୍କ ଦ୍ୱାରା ନନ୍ଦିନୀଦେବୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ ରୂପେ ନିଯୁକ୍ତ ହେଲେ। ୧୯୭୨ ନିର୍ବାଚନରେ ନନ୍ଦିନୀଙ୍କ ନେତୃତ୍ୱରେ କଂଗ୍ରେସ ଦଳ ସଂଖ୍ୟାଧିକ ଆସନରେ ବିଜୟୀ ହେଲା। ତେବେ ଏକକ ସଂଖ୍ୟାଗରିଷ୍ଠତା ଲାଭ କରିପାରି ନଥିବାରୁ କମ୍ୟୁନିଷ୍ଟ ଦଳର ସମର୍ଥନରେ ସେ ସରକାର ଗଢିଥିଲେ। ସେ ଓଡିଶାରେ ଜଣେ ଖୁବ ଦକ୍ଷ, ସକ୍ରିୟ ଓ ସଚ୍ଚୋଟ ମୁଖ୍ୟମନ୍ତ୍ରୀ ଭାବେ ନିଜକୁ ପ୍ରତିପାଦିତ କରିପାରିଥିଲେ। ତାଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ୧୯୭୫ ଓ ୧୯୭୬ ବର୍ଷରେ ସମସ୍ତ ନିଗମ ଲାଭ କରିଥିଲା। ତାଙ୍କ ସମୟରେ ପ୍ରଶାସନିକ ସଂସ୍କାର ସହ ଭୂ-ସମ୍ପତି ଉପରେ ସିଲିଂ ଧାର୍ଯ୍ୟ ହେବାରୁ ଧନୀକ ଶ୍ରେଣୀର ଲୋକମାନେ ବିଭିନ୍ନ କୌଶଳରେ ଗରିବଙ୍କଠୁ ଛଡାଇନେଇଥିବା ଜମିଦାରଙ୍କ ପାଖରୁ ୨୫ ଏକର ବାହାରେ ଥିବା ଅଧିକ ଜମିକୁ ମୁକ୍ତ କରାଯାଇ ଦରିଦ୍ର ଭୂମିହୀନଙ୍କୁ ବାଣ୍ଟି ଦିଆଯାଇଥିଲା। ପରେ କଂଗ୍ରେସ ଦଳ ତ୍ୟାଗକରି ଜଗଜ୍ଜୀବନ ରାମଙ୍କ ନେତୃତ୍ୱରେ 'କଂଗ୍ରେସ ଫର ଡେମୋକ୍ରାସି' ପକ୍ଷରୁ ୧୯୭୭ ସାଧାରଣ ନିର୍ବାଚନରେ ଲଢି ନିର୍ବାଚିତ ହେଲେ। ପରେ ଅଶୀ ଦଶକରେ "ଜାଗ୍ରତ ଓଡିଶା" ନାମକ ଏକ ନୂତନ ରାଜନୈତିକ ଦଳ ଗଠନ କଲେ ଏବଂ ଓଡିଶା ବିଧାନସଭାକୁ ଏହି ଦଳ ପକ୍ଷରୁ ତାଙ୍କୁ ମିଶାଇ ଦୁଇଜଣ ବିଧାୟକ ନିର୍ବାଚିତ ହୋଇଥିଲେ। ପରେ ରାଜୀବ ଗାନ୍ଧୀଙ୍କ ଅନୁରୋଧକ୍ରମେ କଂଗ୍ରେସ ଦଳରେ ଯୋଗଦେଇ ୧୯୯୫ରେ ରାଜ୍ୟ ଯୋଜନା ବୋର୍ଡର ଉପାଧକ୍ଷା ହେଲେ। ଏପରି ସଂଘର୍ଷମୟ ରାଜନୈତିକ ଜୀବନ ମଧ୍ୟରେ ତାଙ୍କର ସୃଜନଶୀଳ ଜୀବନ ଥିଲା ଗତିଶୀଳ ଓ ଛନ୍ଦମୟ। ସେ ଅମୃତା ପ୍ରୀତମ୍ଙ୍କ ଆତ୍ମଜୀବନୀ, 'ରସିଦ ଟିକେଟ' ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିବା ସହିତ ସାହିତ୍ୟିକ ଅବଦାନ ପାଇଁ ଗଙ୍ଗାଧର ଫାଉଣ୍ଡେସନର ତୃତୀୟ ସାହିତ୍ୟ ଭାରତୀ ପୁରସ୍କାର ଲାଭ କରିଥିଲେ। ୧୯୭୫ରେ ପ୍ରକାଶ ପାଇଥିବା ଦୈନିକ ସମ୍ବାଦପତ୍ର "ଧରିତ୍ରୀ" ପାଇଁ ସେ ନିୟମିତ ସମୟ ଦେଉଥିଲେ। ଏକଧାରାରେ ସେ ଥିଲେ ଜଣେ ଲୌହ କଠୋର ସୁଶାସିକା, ସୁବକ୍ତା, ଲେଖିକା ଏବଂ ଆଧାତ୍ମ ବିଶ୍ୱାସୀ ତଥା ବହୁମୁଖୀ ପ୍ରତିଭାର ଅଧିକାରିଣୀ। ଏହି ମହିୟସୀ ମହିଳା ଦୀର୍ଘ ଅସୁସ୍ଥତା ଯୋଗୁ ୨୦୦୬ ଅଗଷ୍ଟ ୪ ତାରିଖରେ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ। ଆଜିର ଏହି ତିରୋଧାନ ଦିବସରେ ତାଙ୍କର ନୀତି, ଆଦର୍ଶ, ସାହିତ୍ୟାନୁରାଗ ସମସ୍ତ ରାଜନେତାମାନଙ୍କର ଧ୍ୟେୟ ହେଉ। ଏହାହିଁ କାମନା!

**ଉମାଶଙ୍କର ପ୍ରସାଦ**, ଖୋର୍ଦ୍ଧା, ମୋ: ୬୩୭୦୬ ୭୫୫୬୨

## ଆଜିର ଅନୁଚିନ୍ତା

*ତୁମ୍ଭେ ତାଙ୍କୁ ହିଁ ଭାବ, ଯିଏ ତୁମ୍ଭର ସର୍ବଦା କଲ୍ୟାଣ ଚିନ୍ତା କରୁଛନ୍ତି !*

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ଦେଶରେ ୫-ଜି ସେବା

**ସୌମେନ୍ଦ୍ର ଜେନା**



ଦେଶରେ ମୋବାଇଲ ସେବା ପ୍ରଚଳନ ଅଟଳବିହାରୀ ବାଜପେୟୀଙ୍କ ସରକାର ସମୟରେ ହୋଇଥିଲା । ସେ ସମୟରେ ଦୂରସଂଚାର ମନ୍ତ୍ରୀ ଥିଲେ ପ୍ରମୋଦ ମହାଜନ । ମୋବାଇଲ ସେବା ପ୍ରଚଳନ ବେଳେ ଦେଶ ପାଇଁ ତାଙ୍କର ସ୍ୱପ୍ନ କ'ଣ ରହିଛି ବୋଲି ପ୍ରଶ୍ନ କରାଯାଇଥିଲା । ମହାଜନ କହିଥିଲେ, ଦେଶର ଭିକାରୀ ମଧ୍ୟ ମୋବାଇଲ ଧରିବା ମୋର ଇଚ୍ଛା । ଆଜି ପ୍ରମୋଦ ମହାଜନ କିମ୍ବା ଅଟଳବିହାରୀ ବଞ୍ଚିନାହାନ୍ତି ସତ, କିନ୍ତୁ ମହାଜନଙ୍କ ସ୍ୱପ୍ନ ଏବେ ସାକାର ହୋଇସାରିଛି, ବରଂ ସେହି ସେବା ଆଉ ତିନିପାହାଚ ଆଗକୁ ଆସିଲାଣି । ୨-ଜି ପରେ ୩-ଜି, ୪-ଜି ଆଉ ଏବେ ୫-ଜି ଆଡକୁ ଦେଶ ଚାଲିଛି । ଚଳିତ ବର୍ଷ ସେପ୍ଟେମ୍ବର ମାସ ସୁଦ୍ଧା ୫-ଜି ସେବା କାର୍ଯ୍ୟ ଦେଶରେ ଆରମ୍ଭ କରିବା ପାଇଁ ସରକାରଙ୍କ ଲକ୍ଷ୍ୟ ଥିବା ହେତୁ ସ୍ୱାଧୀନତା ଦିବସ ପୂର୍ବରୁ ସ୍ପେକ୍ଟ୍ରମ ନିଲାମ କାର୍ଯ୍ୟ ଶେଷ ହେବା ଆଶା ରଖିଛନ୍ତି । ସରକାର ଇତିମଧ୍ୟରେ ୧,୫୨,୦୦୦ କୋଟି ଟଙ୍କା ସ୍ପେକ୍ଟ୍ରମ (ତରଙ୍ଗ) ବିକ୍ରି ପ୍ରସ୍ତାବ ପାଇଛନ୍ତି । ଏଥିରେ ଜିଓ ୮୪୦୦୦ କୋଟି, ଭାରତୀ ଟେଲ ୪୬୧୦୦ କୋଟି, ଭୋଡାଫୋନ୍ ଆଇଡିଆ ୧୮୪୦୦ କୋଟି, ଆଦାନୀ ୯୦୦ କୋଟି ଖର୍ଚ୍ଚରେ ସ୍ପେକ୍ଟ୍ରମ୍ କିଣିବାକୁ ପ୍ରସ୍ତାବ ଦେଇଛନ୍ତି । ସରକାର ସ୍ପେକ୍ଟ୍ରମ ବିକ୍ରି ପ୍ରସ୍ତାବରୁ ଯେତେ ଅର୍ଥ ପାଇବେ ବୋଲି ଯାହା କଳନା କରିଥିଲେ, ତା'ଠାରୁ ଅଧିକ ଅର୍ଥ ଲାଭ କରିଥିବା ବିଷୟ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପ୍ରକାଶ କରିଛନ୍ତି । ଏହା ଦେଶରେ ୫-ଜି ସେବା ପ୍ରତି କମ୍ପାନୀମାନଙ୍କ ଆଗ୍ରହକୁ ଦର୍ଶାଉଛି । ୫-ଜି ସେବା ଦେଶରେ କାର୍ଯ୍ୟକଲେ ୪-ଜିଠାରୁ ଦଶଗୁଣ ବେଗରେ ଲୋକେ ସେବା ପାଇବେ ବୋଲି କୁହାଯାଉଛି । କିନ୍ତୁ ଅତୀତରେ ସରକାର ଯାହା କହିଛନ୍ତି, ସେହି ସ୍ପିଡରେ ଗ୍ରାହକମାନେ ସେବା ପାଇପାରିନାହାନ୍ତି । ୨-ଜିରୁ ୩-ଜି ସେବାକୁ ଯିବା ସମୟରେ ସେକେଣ୍ଡ ପ୍ରତି ୧୪ଏମ୍ବି ଡାଉନ୍‌ଲୋଡ ସୁବିଧା ମିଳିପାରିବ ବୋଲି କୁହାଯାଇଥିଲା । ୪-ଜି ବେଳେ ୧୦୦ ଏମ୍‌ବି ପ୍ରତି ସେକେଣ୍ଡ ଡାଉନ୍‌ଲୋଡର ସୁବିଧା ଗ୍ରାହକମାନେ ପାଇବେ ବୋଲି କୁହାଯାଉଥିଲା । ହେଲେ ବାସ୍ତବରେ ମାତ୍ର ୧୩ରୁ ୧୪ ଡାଉନଲୋଡ୍ ଗତି ମିଳିଛି ।

ଦେଖିବାକୁ ଗଲେ ଆଜି ପୃଥିବୀର ୭୨ଟି ଦେଶରେ ୫-ଜି ସେବା କାର୍ଯ୍ୟକାରୀ ହୋଇଛି । ୨-ଜିବି ସେକେଣ୍ଡ ପ୍ରତି ଡାଉନ୍‌ଲୋଡ ସୁବିଧା କେଉଁଠି ମଧ୍ୟ ମିଳିନାହିଁ । ଏପରିକି ୧-ଜିବି ମଧ୍ୟ ଅତିକ୍ରମ କରିପାରିନାହିଁ । ବିଶ୍ୱର ୫-ଜି ସେବାକୁ ଅନୁଧ୍ୟାନ କଲେ ଜଣାପଡିବ ଯେ ତାଇୱାନରେ ସର୍ବାଧିକ ଏହା ୯୨୨.୫ ଏମ୍‌ବିପିଏସ୍ ଗତିରେ କାର୍ଯ୍ୟ କରୁଛି । ବିଶ୍ୱର ୫-ଜି ସେବା କ୍ଷେତ୍ରରେ ଅଧିକ ଗତି ପାଉଥିବା ୧୫ଟି ଦେଶର କ୍ରମକୁ ଦେଖିଲେ ସେକେଣ୍ଡ ପ୍ରତି ଗତି (ଏମ୍‌ବିପିଏସ୍) ମାଲେସିଆ ୮୮୦.୩, ଦକ୍ଷିଣ କୋରିଆ ୮୬୦.୧, ନରୱେ ୮୪୨.୧, ବୁଲଗାରିଆ ୮୨୦.୫, ସ୍ୱିଡେନ ୭୮୭.୯, ସଂଯୁକ୍ତ ଆରବ ଅମିରାତ (ୟୁଏଇ) ୭୪୨.୮, କାତାର ୭୩୫, କ୍ରୋଏସିଆ ୭୨୪.୭, ପର୍ତ୍ତୁଗାଲ ୭୧୫.୭, ଡେନମାର୍କ ୬୭୮.୬, କୁଏତ ୬୬୩.୫, ସାଉଦି ଆରବ ୬୫୩.୬, ହଙ୍ଗେରୀ ୬୫୨.୫, ଇସ୍ରାଏଲରେ ୬୦୭.୭ ରହିଛି । ଏହି ସ୍ଥିତିରେ ଭାରତ ସେକେଣ୍ଡ ପ୍ରତି ଏମ୍‌ବିପିଏସ୍ ମାତ୍ର ୧୦୦ ଦେବାକୁ କହିଛି । ଯଦି ଏହା ହୁଏ, ୪-ଜିରେ ୧୩-୧୪ ଏମ୍‌ବିପିଏସ୍ ଗତି ପାଉଥିବା ଲୋକେ ୧୦୦ ଏମ୍‌ବିପିଏସ୍ କିମ୍ବା ୫୦ ଏମ୍‌ବିପିଏସ୍ ପାଇଲେ ବହୁତ ଖୁସି ହେବେ । ହେଲେ ତୁଳନାତ୍ମକ ଦୃଷ୍ଟିରୁ ଦେଖିଲେ ଇଉରୋପକୁ ଛାଡିଦେଲେ ବି ଏସିଆର ପାଖପଡୋଶୀ ଦେଶଗୁଡିକଠାରୁ ଆମେ ଗତିରେ ବହୁତ ପଛରେ ରହିବା, ଏଥିରେ ସନ୍ଦେହ ନାହିଁ । ବର୍ତ୍ତମାନର ୪-ଜି ସେବା ଜାରି ଥିବା ଦେଶର ଭିନ୍ନ ଭିନ୍ନ ରାଜ୍ୟରେ ଗତିକୁ ଯଦି ଆଲୋଚନାକୁ ଆଣିବା, ତେବେ ଦେଖିବାକୁ ପାଇବା ଯେ ୧୦ରୁ ୧୫ ଭିତରେ ଏମ୍‌ବିପିଏସ୍ (ମେଗାବାଇଟ୍ସ ପର ସେକେଣ୍ଡ) ସ୍ପିଡ ରହୁଛି । ଯେମିତି ଜାମ୍ମୁ ଓ କାଶ୍ମୀର ୧୪.୩, ପଞ୍ଜାବ ୧୨.୯, ହରିୟାଣା ୧୩.୩, ରାଜସ୍ଥାନ ୧୩.୪, ବିହାର ୧୨.୫, ପଶ୍ଚିମବଙ୍ଗ ୧୧.୮, ଓଡିଶା ୧୩.୨, ଗୁଜରାଟ ୧୨.୮, କର୍ଣ୍ଣାଟକ-୧୪.୯, କେରଳ ୧୨.୧, ଉତ୍ତର ପୂର୍ବାଞ୍ଚଳ ୧୦, ହିମାଚଳ ପ୍ରଦେଶ ୧୧.୮, ଦିଲ୍ଲୀ ୧୩, ଉତ୍ତର ପ୍ରଦେଶ ପଶ୍ଚିମ ୧୩.୯, ଉତ୍ତର ପ୍ରଦେଶ ପୂର୍ବ ୧୨.୨, ଆସାମ ୧୧.୧, କୋଲକାତା ୧୩.୧, ମଧ୍ୟପ୍ରଦେଶ ୧୨.୮, ମହାରାଷ୍ଟ୍ର ୧୧.୬, ମୁମ୍ବାଇ ୧୨, ଆନ୍ଧ୍ର ପ୍ରଦେଶ ୧୫.୨, ତେଲେଙ୍ଗାନା ୧୪.୧ ଏମ୍‌ବିପିଏସ୍ ସ୍ପିଡ ସୁବିଧା ପାଉଛନ୍ତି । ଇଣ୍ଟରନେଟ ଯୁକ୍ତ ମୋବାଇଲ (ସ୍ମାର୍ଟ) ବ୍ୟବହାରକାରୀଙ୍କ ପାଇଁ ମୋବାଇଲର ଗତି ସହ ଯୋଗାଯୋଗ ରହିବା ଆବଶ୍ୟକ । ନହେଲେ ହାତରେ ମୋବାଇଲ ଥିବ, ଟାୱାର ଦେଖାଉ ନ ଥିବ, ସେପରି ସ୍ଥିତିରେ ମୋବାଇଲର କାମ କିଛି ନାହିଁ । ସବୁବେଳେ କନେକ୍ଟିଭିଟି ବା ନିରନ୍ତର ଯୋଗାଯୋଗ ରହିବା ପାଇଁ ଟାୱାର ମଧ୍ୟରେ ଦୂରତା ହ୍ରାସ ସହ ସଂଖ୍ୟାଧିକ ଗ୍ରାହକ ଯେପରି ଯୋଗାଯୋଗ ଯୁକ୍ତ ସ୍ଥିତିରେ ରହିବେ ସେଥିପାଇଁ ଟାୱାରଗୁଡିକର ଆଧୁନିକୀକରଣ ହେବା ଜରୁରୀ ରହିଛି । ମୋବାଇଲ ତରଙ୍ଗକୁ ଧରି ରଖିବାର କ୍ଷମତା ବୃଦ୍ଧି କଲେ ହିଁ ସେହି ଟାୱାରର ନିକଟବର୍ତ୍ତୀ ଅଞ୍ଚଳରେ ଥିବା ଗ୍ରାହକ ଉତ୍ତମ ସେବା ପାଇପାରିବେ । ପୃଥିବୀରେ ଅନେକ ଦେଶରେ ୫-ଜି ମୋବାଇଲ ସେବାର ପ୍ରଚଳନ ସତ୍ତ୍ୱେ ଅନେକ ସମୟରେ ଟାୱାର ସହ ଯୋଗାଯୋଗ ସୁବିଧା ମିଳିପାରୁନାହିଁ । ଯୋଗାଯୋଗ ବା କନେକ୍ଟିଭିଟି ମିଳୁନଥିବା ସମୟକୁ ନେଇ ଯଦି ବିଚାର କରାଯାଏ, ତେବେ ଦେଖାଯିବ ଯେ ପ୍ରତିଶତ ହିସାବରେ କୁଏତ ୩୨, ଦକ୍ଷିଣ କୋରିଆ ୩୧.୩, ସାଉଦି ଆରବ ୨୮.୫, ତାଇୱାନ ୨୭.୨, ଆମେରିକା ୨୫.୨, ହଂକଂ ୨୨.୨, କ୍ରୋଏସିଆ ୨୧.୫, ଥାଇଲାଣ୍ଡ ୨୧.୨, ବୁଲଗାରିଆ ୨୦.୮, ସିଙ୍ଗାପୁର ୧୮.୧, କାତାର ୧୬.୪, ନେଦରଲାଣ୍ଡସ ୧୬.୧, ଫ୍ରାନ୍ସ ୧୫.୯, ଚିଲି ୧୫.୪ ପ୍ରତିଶତ ସମୟରେ କନେକ୍ଟିଭିଟି ହରାଉଥିବା ଦେଶ ।

ମୋବାଇଲ କମ୍ପାନୀମାନେ ଗ୍ରାହକମାନଙ୍କୁ ନିଜ ସେବା ବିକ୍ରି ବେଳେ ଯେତେ ତତ୍ପରତା ପ୍ରକାଶ କରିଥା'ନ୍ତି, ବିକ୍ରିପର ସେବା କ୍ଷେତ୍ରରେ ସେତେଟା ସକ୍ରିୟତା ଦେଖାଇ ନ ଥା'ନ୍ତି । ଯେଉଁଥିପାଇଁ ଦେଶର ପ୍ରଥମ ମୋବାଇଲ ସେବା ପ୍ରଦାନକାରୀ କମ୍ପାନୀ ବିଏସ୍‌ଏନ୍‌ଏଲର ଅବସ୍ଥା ଆଜି କିପରି ଦୟନୀୟ ରହିଛି ତାହା ସମସ୍ତେ ଜାଣିପାରିବେ । ସରକାରଙ୍କ ଦୂରସଂଚାର ପ୍ରଦାନ କରୁଥିବା ଏହି କମ୍ପାନୀ ଅନ୍ୟାନ୍ୟ ସରକାରୀ ସଂସ୍ଥା ପରି ସେବା ପ୍ରଦାନରେ କୁଣ୍ଠା ଦେଖାଇବା ଯୋଗୁ ପ୍ରତିଯୋଗିତାପୂର୍ଣ୍ଣ ସମାଜରେ ତା' ପାଖକୁ ଆସିବାକୁ ଯେପରି ଅନ୍ୟମାନେ ଋହୁଁନାହାନ୍ତି । କୁହାଯାଉଛି ଯେ ୨୦୨୨ ଡିସେମ୍ବର ସୁଦ୍ଧା ଦେଶରେ ୩-ଜି ସେବା ବନ୍ଦ ହୋଇଯିବ । ଏ କ୍ଷେତ୍ରରେ ସବୁଠୁ ଅଧିକ କ୍ଷତି ସହିବେ ବିଏସ୍‌ଏନ୍‌ଏଲର ଗ୍ରାହକ । କାରଣ ୪-ଜି ଯୁଗରେ ସେମାନେ କେବଳ ୩-ଜିର ସୁବିଧା ବିଏସ୍‌ଏନ୍‌ଏଲଠାରୁ ପାଇପାରୁଛନ୍ତି । ନିକଟରେ ଏପ୍ରିଲ ମାସରେ କେନ୍ଦ୍ର ସରକାର ଡୋକେ ପି ଦଣ୍ଡେ ଜୀଇଁ ନୀତିରେ ଏହି ସଂସ୍ଥାକୁ ୨-ଜିରୁ ୪-ଜି ସେବା ପ୍ରଦାନ କରିବା ପାଇଁ ୨୪୬୬ କୋଟି ଟଙ୍କା ମଞ୍ଜୁର କରିଥିଲେ । ୧୦ଟି ରାଜ୍ୟରେ ଏହି ଅର୍ଥ ଖର୍ଚ୍ଚ ହେବ ବୋଲି କୁହାଯାଇଥିଲା । ସରକାରଙ୍କ ସୂଚନା ଅନୁଯାୟୀ ୨୩୪ଟି ଏଲ ଡବ୍ଲ୍ୟୁ ଫେଜ-୧ ସାଇଟ୍‌କୁ ବଦଳାଇବା ଲାଗି ୧୮୮୪.୫୯ କୋଟି ଟଙ୍କା ଖର୍ଚ୍ଚ କରାଯିବ । ଏଥିରେ ପାଞ୍ଚବର୍ଷର ପରିଚାଳନା ଏବଂ ରକ୍ଷଣାବେକ୍ଷଣ ରହିଛି । ସେମିତି ୨-ଜି ମୋବାଇଲ ସେବା ଚାଲୁରଖିବା ସହ ୫ବର୍ଷ ପାଇଁ ପରିଚାଳନା ଏବଂ ରକ୍ଷଣାବେକ୍ଷଣ ବାବଦକୁ ଖର୍ଚ୍ଚ ୫୪୧.୮୦ କୋଟି ପ୍ରଦାନ କରାଯିବ । ବିଏସ୍‌ଏନ୍‌ଏଲ ପକ୍ଷରୁ ଭାରତରେ ନିର୍ମିତ ଟେଲିକମ୍ ଯନ୍ତ୍ରାଂଶ ସବୁ ବ୍ୟବହାର କରିବା ଉପରେ ଜୋର ଦିଆଯିବ । ସେବାବୃଦ୍ଧି ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା ରାଜ୍ୟ ସରକାରମାନେ ଯୋଗାଇ ଦେବାଲାଗି ଗୃହ ମନ୍ତ୍ରଣାଳୟକୁ କୁହାଯାଇଛି । ଗ୍ରାମାଞ୍ଚଳରେ ଏହି ସେବାକୁ ଅଧିକ ସୁଦୃଢ କରାଯିବ ବୋଲି କୁହାଯାଇଛି । ଏହାଛଡା ଆଗାମୀ ଦିନରେ ଭାରତ ବ୍ରଡବ୍ୟାଣ୍ଡ ନେଟୱାର୍କ ଲିମିଟେଡ (ବିବିଏନ୍‌ଏଲ) ଯାହାକି ଦେଶର ଫାଇବର ନେଟୱାର୍କ ଆରମ୍ଭ କରିଥିଲା ସେହି ଭାରତ ନେଟକୁ ବିଏସ୍‌ଏନ୍‌ଏଲରେ ମିଶାଇ ଦିଆଯିବ । କ୍ଷତିଗ୍ରସ୍ତ ସଂସ୍ଥା ବିଏସ୍‌ଏନ୍‌ଏଲ ପାଇଁ ୨୦୧୯ରେ ସରକାର ୭୪୦୦୦ କୋଟିର ପ୍ୟାକେଜ୍ ଦେଇଥିଲେ । ଯାହାକୁ ବ୍ୟବହାର କରି ସଂସ୍ଥା ୧୦୦୦ କୋଟିର ଲାଭ ଦେଖାଇଥିଲା । ଅର୍ଥାଭାବରୁ ନିକଟରେ ତରଙ୍ଗ ବିକ୍ରିରେ ସଂସ୍ଥା ସାମିଲ ହୋଇପାରି ନ ଥିବାରୁ ସଂସ୍ଥାକୁ ବଜାରରେ କାର୍ଯ୍ୟକ୍ଷମ ରଖିବାପାଇଁ ମୋଟ ୧,୬୪,୧୫୬ କୋଟି ଟଙ୍କା ସରକାର ଆଗାମୀ ଦିନରେ ଦେବେ, ଯେଉଁଥିରେ ଋରିବର୍ଷ ପାଇଁ ଅର୍ଥ ଆକାରରେ ୪୩,୯୬୪ କୋଟି ଏବଂ ଅଣଅର୍ଥ ବସ୍ତୁ ଆକାରରେ ୧.୨ ଲକ୍ଷ କୋଟି ପ୍ରଦାନ କରାଯିବ । ଏହି ଅର୍ଥକୁ ଉପଯୋଗ କରି ଦେଶରେ ଦୂରସଂଚାର ସେବାକୁ ମୂଳରୁ ବଞ୍ଚାଇ ଆସିଥିବା ଏହି ସଂସ୍ଥା ଆଗାମୀ ଦିନରେ ନିଜେ ବଞ୍ଚିପାରିବ ବୋଲି କୁହାଯାଉଛି ।

ମୋବାଇଲ ସେବା ପ୍ରଦାନକାରୀ କମ୍ପାନୀମାନେ ସବୁବେଳେ ଅପ୍‌ଲୋଡ ସ୍ପିଡକୁ ଗୁରୁତ୍ୱ ଦେଇ ଆସିଛନ୍ତି । ୪-ଜି ସେବା ଚାଲୁ ରହିଥିବା ଦେଶର ଡାଟା ଅପ୍‌ଲୋଡ ସ୍ପିଡ ସବୁ ରାଜ୍ୟରେ ସମାନ ନୁହେଁ । ମେଗାବାଇଟ୍ସ ପ୍ରତି ସେକେଣ୍ଡ ହିସାବରେ ଦେଖିଲେ ଜାମ୍ମୁ-କାଶ୍ମୀର ୩.୭, ହିମାଚଳ ପ୍ରଦେଶ ୪.୫, ପଞ୍ଜାବ ୪.୪, ହରିୟାଣା ୪.୧, ଦିଲ୍ଲୀ ୪.୧, ଉତ୍ତର ପ୍ରଦେଶ (ପଶ୍ଚିମ) ୪.୬, ଉତ୍ତର ପ୍ରଦେଶ (ପୂର୍ବ) ୪.୧ , ବିହାର ୪.୩, ଆସାମ ୨.୭, ପଶ୍ଚିମବଙ୍ଗ ୩.୪, କୋଲକାତା ୪.୫, ଉତ୍ତର ପୂର୍ବାଞ୍ଚଳ ୨.୫,ରାଜସ୍ଥାନ ୪.୯, ମଧ୍ୟପ୍ରଦେଶ ୪.୫, ଓଡିଶା ୩.୫, ଗୁଜରାଟ ୪.୭, ମହାରାଷ୍ଟ୍ର ୪.୧, ମୁମ୍ବାଇ ୪.୬, ଆନ୍ଧ୍ର ପ୍ରଦେଶ ୪.୭, କର୍ଣ୍ଣାଟକ ୪.୬, କେରଳ ୨.୯, ତାମିଲନାଡୁ ୪.୪ ଏମ୍‌ବିପିଏସ୍ ରହିଛି । ଦେଶରେ ହାରାହାରି ଗତି ୪.୪ ରହିଛି । ୫-ଜି ସେବା ପ୍ରଦାନ ପରେ ଏହାର ଗତି ଅଧିକ ବଢିବ ନିଶ୍ଚୟ । ପୃଥିବୀର ୫-ଜି ଅପ୍‌ଲୋଡ ଗତି ଦେଖିଲେ ନରୱେ ୪୦.୫, ସ୍ୱିଡେନ ୪୩.୭, ସ୍ଲୋଭାକିଆ ୩୧, ଡେନମାର୍କ ୨୮.୪, ନେଦରଲାଣ୍ଡସ ୩୫.୮, ସ୍ୱିଜରଲ୍ୟାଣ୍ଡସ୍ ୩୮.୨, ଚେକ ରିପବ୍ଲିକ ୩୫.୭, କ୍ରୋଏସିଆ ୩୫.୩, ହଙ୍ଗେରୀ ୩୨.୭, ବୁଲଗାରିଆ ୩୨.୨, କାତାର ୩୦.୮, ୟୁଏଇ ୨୯.୧, ମାଲେସିଆ ୫୦.୩, ତାଇୱାନ ୩୫.୨, ଦକ୍ଷିଣ କୋରିଆ ୩୬.୭ ଏମ୍‌ବିପିଏସ୍ ଡାଉନଲୋଡ୍ ସ୍ଥିତିରେ ରହିଛନ୍ତି ।


ଆଗାମୀ ଦିନରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଟେକ୍‌ନୋଲୋଜିକୁ ସରକାର ଅଧିକ ଗୁରୁତ୍ୱ ଦେବାକୁ ଯାଉଥିବା ହେତୁ ଏବେଠାରୁ ଡାଟାର ଗତିବୃଦ୍ଧି ନକଲେ ହେବନାହିଁ । ତେଣୁ ଢାଞ୍ଚାଗତ ବିକାଶ ପାଇଁ ୫-ଜି ସେବା ସ୍ତରକୁ ନେଲେ ହିଁ ତଥ୍ୟ ସଂଗ୍ରହର ଗତିକୁ ଦ୍ରୁତତର କରାଯାଇପାରିବ । ଆଭ୍ୟନ୍ତରୀଣ ସୁରକ୍ଷା କ୍ଷେତ୍ରରେ ଅପରାଧୀକୁ ଅଳ୍ପ ସମୟରେ ଚିହ୍ନଟ କରିବା, ତା'ର ଗତିପଥ ଜାଣିବା, ସେ ଥିବା ସ୍ଥାନକୁ ଜାଣିବା ସହ ଚଢାଉ କରିବା କ୍ଷେତ୍ରରେ ଟେକ୍‌ନୋଲୋଜି ଅଧିକ ସହାୟକ ହେବ । ଏମିତି ବିବିଧ କ୍ଷେତ୍ରରେ ଇଣ୍ଟରନେଟ ସେବା ଦ୍ରୁତତର ହେଲେ କାର୍ଯ୍ୟକ୍ଷେତ୍ରରେ ଗତିଶୀଳତା ମଧ୍ୟ ବଢିବ, ଲୋକେ ସେବାର ସୁବିଧା ପାଇପାରିବେ । ୫-ଜି ସେବା ଭାରତରେ ସେହି କ୍ରାନ୍ତି ଆଣିବ ବୋଲି ସମସ୍ତଙ୍କର ଆଶା ରହିଛି ।

*–ଭାରତୀୟ ସମ୍ବାଦ ସେବା (ଭାସ୍)*
*ଭୁବନେଶ୍ୱର-୭୫୧୦୦୩*

# ରସାୟନ ବିଜ୍ଞାନର ଜନକ ପ୍ରଫୁଲ୍ଲ ଚନ୍ଦ୍ରଙ୍କ ସ୍ମରଣେ...



ଭାରତରେ ରସାୟନ ବିଜ୍ଞାନର ଜନକ, ଯିଏକି ଦେଶର ପ୍ରଥମ ଆଧୁନିକ ରସାୟନ ଗବେଷଣା ବିଦ୍ୟାଳୟର ପ୍ରତିଷ୍ଠାତା, ସିଏ ହେଉଛନ୍ତି ଏକାଧାରରେ ଜଣେ ଶିକ୍ଷାବିତ୍, ଶିଳ୍ପପତି, ଐତିହାସିକ, ଜନହିତକାରୀ ତଥା ଜଣେ ପ୍ରଖ୍ୟାତ ବେଙ୍ଗଲି ରସାୟନବିତ, ଆଚାର୍ଯ୍ୟ ସାର୍ ପ୍ରଫୁଲ୍ଲ ଚନ୍ଦ୍ର ରାୟ। ପିତା ହରିଶ୍ ଚନ୍ଦ୍ର ରାୟଚୌଧୁରୀ ଏବଂ ମାତା ଭୁବନମୋହିନୀ ଦେବୀଙ୍କ ତୃତୀୟ ସନ୍ତାନ ରୂପେ ଜନ୍ମଗ୍ରହଣ କରିଥିଲେ ପ୍ରଫୁଲ୍ଲଚନ୍ଦ୍ର, ବଙ୍ଗଳାର ଖୁଲ୍‌ନା ଜିଲ୍ଲା ଅର୍ନ୍ତଗତ ଚାରୁଲିକଟିପରା ନାମକ କ୍ଷୁଦ୍ର ଗ୍ରାମରେ ୧୮୬୧ ମସିହା ଅଗଷ୍ଟ ମାସ ଦୁଇ ତାରିଖ ଦିନ। ତାଙ୍କ ଗ୍ରାମରେ ତାଙ୍କ ପିତାଙ୍କ ଦ୍ୱାରା ପ୍ରତିଷ୍ଠିତ ବିଦ୍ୟାଳୟରେ, ୧୮୬୬ ମସିହାରେ, ସେ ପ୍ରାଥମିକ ଶିକ୍ଷା ଆରମ୍ଭ କରିଥିଲେ। ପ୍ରଫୁଲ୍ଲଙ୍କୁ ଯେତେବେଳେ ଦଶବର୍ଷ ହୋଇଥିଲା, ତାଙ୍କ ବଡଭାଇ ଜ୍ଞାନେନ୍ଦ୍ରଙ୍କ ଗାଁ ବିଦ୍ୟାଳୟରୁ ଶିକ୍ଷା ସମାପ୍ତି ହୋଇଯାଇଥିଲା ଏବଂ ତାଙ୍କ ପିତା, ତାଙ୍କର ଉଚ୍ଚଶିକ୍ଷା ନିମନ୍ତେ ତାଙ୍କୁ କଲିକତାକୁ ନେବା ସହିତ, ପ୍ରଫୁଲ୍ଲଙ୍କୁ ମଧ୍ୟ ନେଇଯାଇଥିଲେ। କଲିକତାର ୧୩୨ ଆମହର୍ଷ୍ଟଷ୍ଟ୍ରିଟର ଏକ ଭଡା ଘରେ ରହି, ସେଠାକାର ଏକ ପ୍ରସିଦ୍ଧ ବିଦ୍ୟାଳୟ ହେୟରରେ ତାଙ୍କ ନାମ ଲେଖାଇ ଦେଲେ। ତାଙ୍କର ସାଦାସିଧା ଗାଁଉଲି ଚାଲିଚଳନ ଯୋଗୁଁ, ସହରୀ ପିଲାମାନଙ୍କର ଥଟ୍ଟା ମଜା ତାଙ୍କ ନିମନ୍ତେ ଆଶୀର୍ବାଦସ୍ୱରୂପ କାମ ଦେଲା। ସେ ସେମାନଙ୍କ ସହିତ ନ ମିଶି, ପାଠ ପଢିବାରେ ଅଧିକ ମନୋନିବେଶ କରିଥିଲେ ଏବଂ ବିଦ୍ୟାଳୟରୁ ଫେରିବା ପରେ,ପିତାଙ୍କ ପାଠାଗାରରେ ବସି ପୁସ୍ତକ ଅଧ୍ୟୟନରେ ସମୟର ସଦୁପଯୋଗ କରୁଥିଲେ। ପିଲାଦିନରୁ ସେ ବିଖ୍ୟାତ ବୈଜ୍ଞାନିକମାନଙ୍କ ଜୀବନୀ ପଢିବାକୁ ଭଲ ପାଉଥିଲେ। ୧୮୭୪ ମସିହାରେ, ସେ ଯେତେବେଳେ ଚତୁର୍ଥ ଷ୍ଟାଣ୍ଡାର୍ଡରେ ପଢୁଥିଲେ, ସେ ଭୀଷଣ ଭାବରେ ଆମାଶୟ ଦ୍ୱାରା ଆକ୍ରାନ୍ତ ହୋଇ, ପାଠ ଛାଡି, ନିଜ ଗ୍ରାମକୁ ଫେରିବାକୁ ବାଧ୍ୟ ହୋଇଥିଲେ। ବିଦ୍ୟାଳୟକୁ ନଯାଇ ଘରେ ରହି ପାଠ ପଢିବା ଦ୍ୱାରା, ସେ ବିଭିନ୍ନ ଭାଷା ଅଧ୍ୟୟନ କରି ଦକ୍ଷତା ହାସଲ କରିବାର ସୁଯୋଗ ପାଇଲେ। ୧୮୭୬ ମସିହାରେ, ସେ ସଂପୂର୍ଣ୍ଣ ସୁସ୍ଥ ହୋଇ, କଲିକତାକୁ ଫେରି ବ୍ରହ୍ମ ସଂସ୍କାରକ କେଶବ ଚନ୍ଦ୍ର ସେନଙ୍କ ଦ୍ୱାରା ପ୍ରତିଷ୍ଠିତ, ଆଲବର୍ଟ ସ୍କୁଲରେ ନାମ ଲେଖାଇଥିଲେ। ଗୃହାବସ୍ଥାନ ସମୟରେ ଏକାଗ୍ରତା ସହିତ ଅଧ୍ୟୟନ ଫଳରେ, ସେ ଦୈନନ୍ଦିନ ବିଦ୍ୟାଳୟକୁ ଆସୁଥିବା ଛାତ୍ରଛାତ୍ରୀମାନଙ୍କଠାରୁ କୌଣସି ଗୁଣରେ କମ୍ ନଥିଲେ। ବେଙ୍ଗଲୀ ସାହିତ୍ୟ ସାଙ୍ଗକୁ, ସେ ଗ୍ରୀକ୍, ଫ୍ରେଂଚ୍, ଲାଟିନ୍ ଏବଂ ସଂସ୍କୃତ ଭାଷାରେ ମଧ୍ୟ ଦକ୍ଷତା ଅର୍ଜନ କରିଥିଲେ। ୧୮୭୮ ମସିହାରେ ସେ ମାଟ୍ରିକୁଲେସନରେ ପ୍ରଥମ ଶ୍ରେଣୀରେ ଉତୀର୍ଣ୍ଣ ହୋଇଥିଲେ। ତା'ପରେ ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ପ୍ରତିଷ୍ଠିତ ଅନୁଷ୍ଠାନରେ ଏଫ୍.ଏ. (ଫାଷ୍ଟ ଆର୍ଟସ)ରେ ପଢିଥିଲେ। ସେତେବେଳେ ରସାୟନ ବିଜ୍ଞାନ ଏକ ବାଧ୍ୟତାମୂଳକ ବିଷୟ ରୂପେ ପଢାଯାଉଥିଲା। ଏହି ବିଷୟ ପ୍ରତି ପ୍ରଫୁଲ୍ଲଙ୍କର ବିଶେଷ ରୁଚି ଥିଲା। ଏଫ୍.ଏ. ପାଶ୍ କରିବା ପରେ ଜଣେ ରସାୟନ ବିଜ୍ଞାନ ଛାତ୍ର ଭାବରେ, କଲିକତା ବିଶ୍ୱବିଦ୍ୟାଳୟରେ ଡିଗ୍ରୀ ଅଧ୍ୟୟନ ଆରମ୍ଭ କଲେ। ସେତିକିବେଳେ, ସର୍ବଭାରତୀୟ ସ୍ତରରେ "ଗିଲ୍‌କ୍ରାଇଷ୍ଟ" ନାମକ ଏକ ପ୍ରତିଯୋଗିତା-ମୂଳକ ଛାତ୍ରବୃତି ପରୀକ୍ଷା ଆୟୋଜିତ ହୋଇଥିଲା, ଯେଉଁଥିରେ ସଫଳ ହେଲେ ସରକାରଙ୍କଠାରୁ ବୃତି ପାଇ ଇଂଲଣ୍ଡରେ ଅଧ୍ୟୟନ କରିବାର ସୁଯୋଗ ମିଳୁଥିଲା। ଭାରତରୁ ଯେଉଁ ଦୁଇଜଣ ଏହି ପରୀକ୍ଷାରେ ସଫଳ ହୋଇଥିଲେ, ସେ ଥିଲେ ତନ୍ମଧ୍ୟରୁ ଜଣେ। ଚକିତ ହୋଇଯାଇଥିଲେ ସାରା କଲେଜ୍‌ର ଅଧ୍ୟାପକ ଓ ଛାତ୍ରମାନେ, ଜଣେ ଗାଉଁଲୀ ପିଲାର କୃତିତ୍ୱରେ। କଲିକତାରେ ଡିଗ୍ରୀ ପାଠରେ ଡୋର ବାନ୍ଧି, ୧୮୮୨ ମସିହା ଅଗଷ୍ଟ ମାସରେ, ସେ ବାହାରିଲେ ଲଣ୍ଡନ ଅଭିମୁଖେ। ସେଠାରେ ଏଡିନବର୍ଗ ବିଶ୍ୱବିଦ୍ୟାଳୟରେ, ଆଲେକଜାଣ୍ଡର କ୍ରମ ବ୍ରାଉନଙ୍କ ଅଧୀନରେ ରସାୟନ ଶିକ୍ଷା ଆରମ୍ଭ କରିଦେଲେ। ସେଠାରେ ସେ ଅଧ୍ୟୟନ କରୁଥିବା ସମୟରେ, ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ "ଭାରତ-୧୮୫୭ ବିଦ୍ରୋହ ପୂର୍ବରୁ ଓ ପରେ" ନାମକ ଏକ ପ୍ରବନ୍ଧ ପ୍ରତିଯୋଗିତାର ଆୟୋଜନ କରି ସର୍ବଶ୍ରେଷ୍ଠ ପ୍ରବନ୍ଧକୁ ପୁରସ୍କାର ଦେବାର ଘୋଷଣା କରିଥିଲେ। ଲକ୍ଷ୍ୟ ଥିଲା ଛାତ୍ରମାନେ ଇଂରେଜମାନଙ୍କ କାର୍ଯ୍ୟକୁ ଠିକ୍ ବୋଲି ଦର୍ଶାଇ ପ୍ରବନ୍ଧ ଲେଖନ୍ତୁ। କିନ୍ତୁ ଦେଶପ୍ରେମୀ ପ୍ରଫୁଲ୍ଲ, ଇଂରେଜ ମାନଙ୍କ ଏକଛତ୍ରବାଦ ଯୋଗୁଁ ଏହି ବିଦ୍ରୋହ ସଙ୍ଗଠିତ ହୋଇଥିଲା ବୋଲି ସତ୍ୟକୁ, ନିର୍ଭୀକ ଭାବରେ ତାଙ୍କ ପ୍ରବନ୍ଧରେ ଉଲ୍ଲେଖ କରି ସାରା ଇଂଲଣ୍ଡରେ ଚହଳ ପକାଇ ଦେଇଥିଲେ। ତା'ପରେ ସେ "ଅଶୋଧିତ ଧାତୁର ବିଶ୍ଳେଷଣ" ଉପରେ ଗବେଷଣା କରି ଡକ୍ଟରେଟ୍ ଡିଗ୍ରୀ ପାଇଥିଲେ ଏବଂ ଏଡିନବର୍ଗ ବିଶ୍ୱବିଦ୍ୟାଳୟର ରସାୟନ ବିଜ୍ଞାନ ସୋସାଇଟିର ଉପାଧ୍ୟକ୍ଷ ଭାବରେ ନିଯୁକ୍ତି ପାଇଥିଲେ। ତା'ପରେ ସେ ନିଜ ଦେଶକୁ ଫେରିଆସି ଖଣ୍ଡିଏ ଚାକିରୀ ଅନ୍ୱେଷଣ ଜାରି ରଖିବା ସହିତ, ନିଜର ପୁରୁଣା ବନ୍ଧୁ ଡକ୍ଟର ଜଗଦୀଶ ଚନ୍ଦ୍ର ବୋଷଙ୍କ ସହିତ ମିଶି ରସାୟନ ସମ୍ବନ୍ଧୀୟ ଗବେଷଣା ଜାରି ରଖିଲେ। ହଠାତ୍ ପ୍ରଫୁଲ୍ଲଚନ୍ଦ୍ର ପାରଦ ଓ ତେଜାବକୁ ପ୍ରୟୋଗ କରି ନାଇଟ୍ରେଟ୍‌ର ଆବିଷ୍କାର କରିଥିଲେ, ଯାହାକି ସାରା ପୃଥିବୀର ରସାୟନ ବିଜ୍ଞାନୀମାନଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲା। ସେହି ମରକ୍ୟୁରସ ନାଇଟ୍ରେଟ୍‌ରେ କିଛି ହଳଦିଆ କଣିକା ଦେଖିବାକୁ ପାଇଥିଲେ। ଏହି ନୂତନ ଆବିଷ୍କାର ବାବଦରେ ସର୍ବପ୍ରଥମେ ବେଙ୍ଗଲର ଏସିଆଟିକ୍ ସୋସାଇଟି ଜର୍ଣ୍ଣାଲରେ ପ୍ରକାଶିତ ହେବାପରେ ସାରାବିଶ୍ୱରୁ ତାଙ୍କ ପାଖକୁ ପ୍ରଶଂସାର ସୁଅ ଛୁଟିଲା। ଏହି ଗବେଷଣା ପରେ, ସେ ନୂଆ ନୂଆ ବିଭିନ୍ନ ଧାତୁର ମିଶ୍ରଣରେ ଅନେକ ପ୍ରକାର ଯୌଗିକ ପଦାର୍ଥ ଆବିଷ୍କାର ମଧ୍ୟ କରିଥିଲେ। ତା'ପରେ ଦେଶଭକ୍ତ ପ୍ରଫୁଲ୍ଲଚନ୍ଦ୍ର ସ୍ୱଦେଶୀ ଜ୍ଞାନ କୌଶଳରେ "ବେଙ୍ଗଲ କେମିକାଲସ" ନାମକ ଏକ ବୃହତ ଶିଳ୍ପ ସ୍ଥାପନ କରିଥିଲେ। ତା'ଛଡା ଦେଶକୁ ସ୍ୱାବଲମ୍ବୀ କରିବା ଏବଂ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦେବା ଉଦ୍ଦେଶ୍ୟରେ ,ସେ ୧୯୦୧ରେ "କଲିକତା ପଟରୀ ଓ୍ୱାର୍କସ" ନାମକ ଚିନାମାଟି ପାତ୍ର ନିର୍ମାଣ କାରଖାନା, ୧୯୦୫ରେ "ବେଙ୍ଗଲ ଷ୍ଟିମ୍ ନାଭିଗେସନ" କମ୍ପାନୀ, ୧୯୨୧ରେ "ବେଙ୍ଗଲ ଇନାମେଲ ଓ୍ୱାର୍କସ୍" ପରି ଅନେକ ଶିଳ୍ପ ପ୍ରତିଷ୍ଠା କରିଥିଲେ। ୧୯୨୪ ମସିହାରେ ରାୟ, ଭାରତୀୟ ରସାୟନ ବିଦ୍ୟାଳୟ ସ୍ଥାପନା କରିଥିଲେ। ୧୯୨୦ ସେସନ୍‌ରେ ସେ ଭାରତୀୟ ବିଜ୍ଞାନ କଂଗ୍ରେସର ସଭାପତି ଦାୟିତ୍ୱ ତୁଲାଉଥିଲେ। ବଙ୍ଗଳା ଭାଷାରେ ପ୍ରକାଶିତ ଅନେକ ପତ୍ରପତ୍ରିକାରେ, ଧାରାବାହିକ ଭାବରେ ତାଙ୍କ ବିଜ୍ଞାନ ସମ୍ବନ୍ଧୀୟ ଲେଖା ବାହାରୁଥିଲା। ୧୯୩୨ରେ "ଲାଇଫ ଆଣ୍ଡ ଏକ୍ସପେରିଏନସ ଅଫ ଏ ବେଙ୍ଗଲି କେମିଷ୍ଟ" ନାମକ ଆତ୍ମଜୀବନୀ ପ୍ରକାଶ କରିଥିଲେ। ୧୯୦୨ରେ ସେ "ଏ ହିସଟ୍ରି ଅଫ ହିନ୍ଦୁ କେମେଷ୍ଟ୍ରି ଫ୍ରମ ଦ ୟରଲିଏଷ୍ଟ ଟାଇମ ଟୁ ଦ ମିଡିଲ ଅଫ ସିକ୍ସଟିନଥ୍ ସେଂଚୁରୀ"ର ପ୍ରଥମ ସଂସ୍କରଣ ଏବଂ ୧୯୦୯ରେ ଏହାର ଦ୍ୱିତୀୟ ସଂସ୍କରଣ ପ୍ରକାଶ କରିଥିଲେ। ସାମାଜିକ ସେବା କ୍ଷେତ୍ରରେ ସେ, ୧୯୨୩ରେ ପୂର୍ବ ବଙ୍ଗଳାର ବନ୍ୟାଆକ୍ରାନ୍ତ ଗୃହଶୂନ୍ୟ ଏବଂ ଭୋକିଲାମାନଙ୍କ ପାଇଁ "ବେଙ୍ଗଲ ରିଲିଫ କମିଟି" ନାମକ ଏକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗଠନ କରି, ଲକ୍ଷ ଲକ୍ଷ ଟଙ୍କା ଆଦାୟ କରି ବନ୍ୟାପ୍ରପୀଡିତ ମାନଙ୍କ ମଧ୍ୟରେ ବଂଟନ କରିଥିଲେ। ସାଧାରଣ ବ୍ରହ୍ମ ସମାଜ, ବ୍ରହ୍ମ ବାଳିକା ବିଦ୍ୟାଳୟ ଏବଂ ଭାରତୀୟ ରସାୟନ ସୋସାଇଟିର ପରିଚାଳନା ନିମନ୍ତେ ସେ ବରାବର ଆର୍ଥିକ ଅନୁଦାନ ପ୍ରଦାନ କରୁଥିଲେ। ଜୀବନକାଳ ମଧ୍ୟରେ ଅନେକ ପୁରସ୍କାର, ସମ୍ମାନ ଓ ସମ୍ମାନଜନକ ଉପାଧି ପ୍ରାପ୍ତ ହୋଇଥିଲେ। ୧୮୮୭ରେ ଏଡିନବର୍ଗ ବିଶ୍ୱବିଦ୍ୟାଳୟରୁ "ଫାରାଡେ ଗୋଲ୍ଡ ମେଡାଲ୍", ୧୯୧୨ରେ "କମ୍ପାନିୟନ ଅଫ ଦ ଅର୍ଡର ଅଫ ଦ ଇଣ୍ଡିଆନ ଏମ୍ପାୟାର",୧୯୧୯ରେ "ନାଇଟ ବାଚଲର୍" ଇତ୍ୟାଦି ପାଇବାର ଯୋଗ୍ୟତା ଅର୍ଜନ କରିଥିଲେ। ସମ୍ମାନଜନକ ଉପାଧି ମଧ୍ୟରେ ୧୯୦୮ରେ କଲିକତା ବିଶ୍ୱବିଦ୍ୟାଳୟ ଦ୍ୱାରା "ଅନରାରୀ ଡକ୍ଟର ଅଫ ଫିଲୋସଫି ଡିଗ୍ରୀ", ୧୯୧୨ରେ ଦୁରାମ ବିଶ୍ୱବିଦ୍ୟାଳୟ ଦ୍ୱାରା "ଅନରାରୀ ଡି.ଏସସି ଡିଗ୍ରୀ", ୧୯୨୦ରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ ତରଫରୁ "ଅନରାରୀ ଡି.ଏସସି ଡିଗ୍ରୀ", ୧୯୨୦ ଏବଂ ୧୯୩୬ରେ ଢାକା ବିଶ୍ୱବିଦ୍ୟାଳୟ ତରଫରୁ "ଅନରାରୀ ଡି.ଏସସି ଡିଗ୍ରୀ" ପାଇଥିଲେ। ୧୯୪୪ ମସିହା ଜୁନ୍ ଚଉଦ ତାରିଖରେ, ଏହି ମହାନ୍ ବୈଜ୍ଞାନିକ, ଦେଶସେବକ, ଲେଖକ, ଶିଳ୍ପପତି ସବୁଦିନ ପାଇଁ ଆମ ଗହଣରୁ ବିଦାୟ ନେଇ ଚିରନିଦ୍ରାରେ ଶୟନ କରି ଦେଶର ଏକ ଅପୂରଣୀୟ କ୍ଷତି କରିଦେଲେ, ଯାହାକି ପୂର୍ଣ୍ଣ ହେବା ସମ୍ଭାବନା ଅତ୍ୟନ୍ତ କ୍ଷୀଣ।



**–ପ୍ରଦୀପ୍ତ ଆଚାର୍ଯ୍ୟ**
*ଅବସରପ୍ରାପ୍ତ ପ୍ରଧାନଶିକ୍ଷକ, ଈଶାଣୀବ୍ରହ୍ମପୁର, କଟକ।*
*ମୋ-୬୩୭୧୫୯୩୨୨୦*




## ବାହାର ଅଞ୍ଚଳର ଟ୍ରକ ଚଳାଚଳକୁ ନେଇ ଦୁଇସଂଘ ଧାରଣାରେ ମାଟୋଆ ସଂଘ ଧାରଣା ୭ମ ଦିନ ପରେ ଜେଟିଏ ସଂଘର ଧାରଣା ଆରମ୍ଭ




ଯୋଡ଼ା (ପିଏନ)- ଯୋଡା ଖଣିମଣ୍ଡଳ ଅଧୀନ ହେଁସାବେଡା ସ୍ଥିତ ଜୋରିବାହାଲ ଲୌହ ଖଣିରେ ଖଣିଜ ପରିବହନରେ ଡମ୍ପର ପରିବର୍ତ୍ତେ ବାହାର ଟ୍ରକକୁ ନିୟୋଜିତ କରିବାରୁ ଅଞ୍ଚଳରେ ଆନ୍ଦୋଳନାତ୍ମକ ପରିସ୍ଥିତି ସୃଷ୍ଟି ହେଲାଣି । ଯୋଡା ମାଇନିଂ ଏରିଆ ଟ୍ରକ ମାଲିକ ସଂଘ (ମାଟୋଆ)ର ଧାରଣା ୭ମ ଦିନରେ ପହଞ୍ଚି ଥିବା ବେଳେ ରବିବାର ଦିନ ଠାରୁ ଜୁରୁଡି ଟ୍ରକ ଆସୋସିଏସନ (ଜେଟିଏ) ଧାରଣା ଦେଇଥିବା ଜଣାଯାଇଛି । ପ୍ରେସ ବିବୃତ୍ତି ମାଧ୍ୟମରେ ଜେଟିଏ ପକ୍ଷରୁ କୁହାଯାଇଛି ଯେ କାସଭି ଇଣ୍ଟରନେସନାଲ ଜୋରିବାହାଲ ଲୌହଖଣି ସ୍ଥାନୀୟ ଟ୍ରକକୁ କାମନଦେବା ଓ ପରିବହନର ମୂଲ୍ୟ ମନଇଚ୍ଛା ଦେବାରୁ ଏହାର ପ୍ରତିବାଦ କରି ଜୁରୁଡି ଟ୍ରକ ଆସୋସିଏସନ ଜରିବାହାଲ ଠାରେ ଧାରଣା ଦେଇଛି । ଏସମ୍ପର୍କରେ କାସଭି ଖଣିକୁ ଚିଠି ଦେଇ ଦାବି ସମ୍ପର୍କରେ ଜଣାଇଦେଇଛି । ଜୁରୁଡି ଟ୍ରକ ଆସୋସିଏସନର ସମ୍ପାଦକ ମହେନ୍ଦ୍ର ମହାନ୍ତି ଓ ବରିଷ୍ଠ ସଦସ୍ୟ ପ୍ରଭୁରଞ୍ଜନ ଶତପଥି କହିଛନ୍ତି ଯେ ମନମୁଖୀ କାର୍ଯ୍ୟକୁ ବନ୍ଦ ନକଲା ପର୍ଯ୍ୟନ୍ତ ଏବଂ ବାହାର ଅଞ୍ଚଳର ଗାଡିର ପରିବହନକୁ ବନ୍ଦ ନକଲା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଏହି ଧାରଣା ଜାରି ରହିବ ସୂଚନା ଦେଇଛନ୍ତି । ଯୋଡା, ଜୁରୁଡି ଏବଂ ଏହାର ଆଖପାଖ ଅଞ୍ଚଳରେ ଥିବା ହଜାର ହଜାର ଟ୍ରକ ମାଲିକ ଖଣି କମ୍ପାନୀର ଏହି ମନମୁଖୀ କାର୍ଯ୍ୟ ପାଇଁ ଋଣଗ୍ରସ୍ତ ହୋଇ କ୍ଷତି ସହୁଛନ୍ତି ବୋଲି ସମ୍ପାଦକ ମହାନ୍ତି ପ୍ରକାଶ କରିଛନ୍ତି । ତେଣେ ପ୍ରଶାସନର ୨ଗୋଟି ସମସାମହୀକ ଧାରଣା ମୁଣ୍ଡବଥାର କାରଣ ପାଲଟିଛି । କିଛି ଟ୍ରକ ମାଲିକ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ ଗ୍ରେଡ ହେରଂରେ କରି ଖଣିଜ ପରିବହନ ହେବାର ସମ୍ଭାବନା ଥିବାରୁ ସ୍ଥାନୀୟ ଟ୍ରକ ଗୁଡିକୁ ଖଣି କର୍ତ୍ତୃପକ୍ଷ ନିୟୋଜିତ କରୁନାହିଁ । ଏନେଇ କାସଭି ଖଣିର ବରିଷ୍ଠ ଅଧିକାରୀ ଖଣିରେ କୌଣସି ଅନିୟମିତତା ନଥିବା କଥା କହି ପ୍ରକାଶ କରିଛନ୍ତି ଯେ ଦିନେ ଦୁଇଦିନ ମ୍ଧରେ ଦୁଇଟି ସଂଘ ସହ ଆଲୋଚନା କରାଯାଇ ଏହାର ସମାଧାନ କରାଯିବ । ସ୍ଥାନୀୟ ଟ୍ରକ ମାଲିକଙ୍କୁ ଉପେକ୍ଷା କରାନଯାଇ ସେମାନଙ୍କ ସମସ୍ତ ସ୍ୱାର୍ଥକୁ ଦୃଷ୍ଟିରେ ରଖି ନିଷ୍ପତ୍ତି ନିଆଯିବ ।

## ସ୍ୱାଧିନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ

ନୂଆପଡ଼ା,(ପି.ଏନ): ଆସନ୍ତା ଅଗଷ୍ଟ ୧୫ ରେ ଦେଶ ସ୍ୱାଧିନ ହେବାର ୭୫ ବର୍ଷ ପାଳନ ଅବସରରେ ଅମୃତ ମହୋତ୍ସବ ନାଁ ରେ ପାଳନ ହେବାକୁ ଯାଉଛି ୭୫ ତମ ସ୍ୱାଧିନତା ଦିବସ ।ସ୍ୱାଧୀନତା ଦିବସ ପାଳନ କୁ ନେଇ ସାରାଦେଶ ସଜବାଜ ହେଉଥିବା ବେଳେ ଏପରିପେକ୍ଷୀ ରେ ନୂଆପଡା ଜିଲ୍ଲା ର ଖଡିଆଳ ସହର ର ରାଜା ଆର୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ପଡିଆ ଠାରେ ପାଳନ ହେବ ୭୫ ତମ ସ୍ୱାଧିନତା ଦିବସ। ସ୍ୱାଧିନତା ଦିବସ ପାଳନ କୁ ନେଇ ମଙ୍ଗଳବାର ଖଡିଆଳ ବ୍ଲକ ସମ୍ମିଳନୀ କକ୍ଷ ଠାରେ ଖଡିଆଳ ବିଡିଓ ନାରାୟଣ ସାହୁ ଙ୍କ ଅଧ୍ୟକ୍ଷତା ରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଜାତୀୟ ପତାକା ଉତୋଳନ କରିବା ସହ ଅଭିବାଦନ ଗ୍ରହଣ କରିବେ । ଏ ଅବସର ରେ ପ୍ରାଥମିକ ସ୍କୁଲ ରୁ ଆରମ୍ଭ କରି କଲେଜ ସ୍ତର ପର୍ଯ୍ୟନ୍ତ ବିଭିନ୍ନ ପ୍ରତିଯୋଗିତା କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯିବା ସହ କୃତିପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିବାପାଇଁ ନିଷ୍ପତ୍ତି ନିଆଯାଇଥିଲା । ଉକ୍ତ ପ୍ରସ୍ତୁତି ବୈଠକ ରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଅତିଥି ଭାବେ ଖଡିଆଳ ବ୍ଲକ ଅଧ୍ୟକ୍ଷା ପୁଷ୍ପାଜଂଳୀ ନନ୍ଦ, ବ୍ଲକ ଉପାଧ୍ୟକ୍ଷ ଗୌତମ ତାଣ୍ଡି, ଅବସରପ୍ରାପ୍ତ ଅଧ୍ୟକ୍ଷ ରାମଚନ୍ଦ୍ର ମିଶ୍ର ଏ ବି ଡି ଓ ଶୁକ୍ଳୁ ରାଠୋର, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ପତି, ଦବ୍ଲୁ ଇ ଓ କ୍ଷଣପ୍ରଭ ପାଣିଗ୍ରାହୀ, ପୋଲିସ ଏସ ଆଇ ଦେବେନ୍ଦ୍ର ବିନ୍ଧାଣି, ଅଧାପକ ଡ ପଦ୍ମଲୋଚନ ବର୍ମା,, ଅସିତ୍ ପଟ୍ଟନାୟକ, ଅକ୍ଷୟ ନନ୍ଦ, ଅବସର ପ୍ରାପ୍ତ ଯବାନ ସୁରେନ୍ଦ୍ର କୁମାର, ବ୍ଲକ ଶିକ୍ଷା ଅଧିକାରୀ ସମେତ ବିଭିନ୍ନ ସ୍କୁଲ କଲେଜର ଶିକ୍ଷକ/ଶିକ୍ଷୟିତ୍ରୀ ପ୍ରମୁଖ ଉପସ୍ଥିତ ଥିବାବେଳେ ଅଧ୍ୟାପକ ଆଲୋକ ରଥ ମଞ୍ଚ ପରିଚାଳନା ଓ ଶିକ୍ଷୟିତ୍ରୀ ମମତା ପାଢ଼ୀ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ସମଲେଶ୍ୱରୀ ଏକ୍ସପ୍ରେସ୍ ଧକ୍କାରେ ଅଜଣା ଯୁବକ ମୃତ

ବଲାଙ୍ଗିର,(ପି.ଏନ): ଆଜି ଦିନ ପ୍ରାୟ ୧୧ ଟା ସମୟରେ ବଲାଙ୍ଗୀର ରୁ ଦେଓଗାଁ କୁ ସଂଯୋଗ କରୁଥିବା ରେଲୱେ ଲାଇନ୍ ର ମଠଖାଇ ପାହାଡ ପାଖାପାଖି ଅଂଚଳରେ ଆଜି ଏକ ଅଜଣା ବ୍ୟକ୍ତିଙ୍କ ମୁଣ୍ଡ ଉଦ୍ଧାର କରିଛି ରେଲୱେ ପୋଲିସ । ବଲାଙ୍ଗୀରୁ ଦେଓଗାଁ ପଟକୁ ଯାଉଥିବା ସମଲେଶ୍ୱରୀ ଏକ୍ସପ୍ରେସ ର ଧକ୍କାରେ ଏହି ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ଜିଆରପି ପୋଲିସ ବଲାଙ୍ଗିର ଅଧିକାରୀ ଏସ୍ କେ ପଧାନ ସୂଚନା ଦେଇଥିବା ବେଳେ ଶରୀରର ବାକି ଅଂଶ କିଛି ଦୂରରେ ଯାଇ ପଡିଥିବା ଖୋଜା ଖୋଜି ପରେ ମିଳିଥିବା ବେଳେ ଏହା ଏକ ଆତ୍ମହତ୍ୟା ମାମଲା ହୋଇଥିବା ପୋଲିସ କହୁଛି । ଏପର୍ଯ୍ୟନ୍ତ ତାର ପରିଚୟ ମିଳିପାରି ନାହିଁ ।

## ସାହାରା ଇଣ୍ଡିଆ ପରିବାର ପକ୍ଷରୁ ଗତ ୭୫ ଦିନରେ ନିବେଶକଙ୍କ ୩୨୨୬ କୋଟି ଟଙ୍କା ପଇଠ

ଭୁବନେଶ୍ୱର: ସାହାରା ଇଣ୍ଡିଆ ପରିବାର ପକ୍ଷରୁ ଆଜି ମିଡିଆରେ ଜାରି କରାଯାଇଥିବା ଏକ ବିବୃତି ଅନୁସାରେ, ଗତ ଦୁଇରୁ ଅଢେଇ ମାସ ମଧ୍ୟରେ ଏହି ଗ୍ରୁପ୍ ପକ୍ଷରୁ ଏହାର ୧୦,୧୭,୧୯୪ ଜଣ ସଦସ୍ୟଙ୍କୁ ମୋଟ ୩୨୨୬.୦୩ କୋଟି ଟଙ୍କା ପଇଠ କରାଯାଇଛି । ଏହି ଅବଧିରେ ପଇଠ କରାଯାଇଥିବା ମୋଟ ରାଶି ମଧ୍ୟରୁ ୨.୧୮% ରାଶି ବିଳମ୍ବିତ ଦେୟ ଅଭିଯୋଗକାରୀଙ୍କୁ ପଇଠ କରାଯାଇଥିଲା । ସମୁଦାୟ ବିଳମ୍ବିତ-ଦେୟ ଅଭିଯୋଗକାରୀ ବା ଡିଲେଡ୍-ପେମେଂଟ୍ସ କମ୍ପ୍ଲେନାଂଟ୍ସ ସଂଖ୍ୟା ମୋଟ ନିବେଶକଙ୍କର ୦.୦୭% ରହିଛି । ସାହାରା ନିକଟରେ ଦେଶବ୍ୟାପର ୮ କୋଟି ନିବେଶକ ରହିଛନ୍ତି । ସାହାରା ଗତ ୧୦ ବର୍ଷ ମଧ୍ୟରେ ଏହାର ୫,୭୬,୭୭,୩୩୯ ଜଣ ନିବେଶକଙ୍କୁ ମୋଟ ୧,୪୦,୧୫୭.୫୧ କୋଟି ଟଙ୍କା ପଇଠ କରିଛି । ଏହାମଧ୍ୟରୁ କେବଳ ୪୦% ମାମଲା ପୁନଃନିବେଶର ହୋଇଥିବା ବେଳେ ଅବବଶିଷ୍ଟଗୁଡିକୁ ନଗଦ ଅର୍ଥ ପଇଠ କରାଯାଇଛି । ଗ୍ରୁପ୍ ପକ୍ଷରୁ ପେମେଂଟ୍‌ରେ ବିଳମ୍ବ ହୋଇଥିବା ସ୍ୱୀକାର କରାଯାଇଛି , ଯାହାକି ମୁଖ୍ୟତଃ ସୁପ୍ରିମକୋର୍ଟଙ୍କ ଦ୍ୱାରା ଗତ ୮ ବର୍ଷ ହେବ ଲାଗୁ କରାଯାଇଥିବା ପ୍ରତିବନ୍ଧକ ଯୋଗୁଁ ଘଟିଥିଲା । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ, ଯଦି କୌଣସି ଅର୍ଥ ଗ୍ରୁପ୍ (କୋ-ଅପରେଟିଭ୍‌ଗୁଡିକ ସମେତ)ର ସମ୍ପତିକୁ ବିକ୍ରି କରି କିମ୍ବା ବନ୍ଧକ ରଖି କିମ୍ବା ମିଳିତ ଉଦ୍ୟୋଗରୁ ହାସଲ କରାଯାଉଛି ତେବେ ତାହାକୁ ସାହାରା-ସେବି ଆକାଉଂଟ୍‌ରେ ଜମା କରିବାକୁ ପଡୁଛି । ସାହାରା ଅଧିକାରୀ କହିଛନ୍ତି, ସାଂଗଠନିକ କାର୍ଯ୍ୟ ପାଇଁ କିମ୍ବା ନିବେଶକଙ୍କୁ ରିପେମେଂଟ୍ ପାଇଁ ଆମେ ଗୋଟିଏ ଟଙ୍କା ମଧ୍ୟ ବ୍ୟବହାର କରିପାରିବୁ ନାହିଁ । ଅନ୍ୟପକ୍ଷରେ ସାହାରା ବର୍ତମାନ ସୁଦ୍ଧା ସାହାରା-ସେବି ଖାତାରେ ସୁଧ ସମେତ ପ୍ରାୟ ୨୨,୦୦୦ କୋଟି ଟଙ୍କା ଜମା କରିସାରିଛି । ଅନ୍ୟପକ୍ଷରେ ଦେଶବ୍ୟାପୀ ଗତ ୮ ବର୍ଷ ମଧ୍ୟରେ ସେବି ଦ୍ୱାରା ୧୫୪ଟି ଖବରକାଗଜରେ ୪ଟି ପର୍ଯ୍ୟାୟର ବିଜ୍ଞାପନ ଦେଇଥିବା ବେଳେ ନିବେଶକଙ୍କୁ ମାତ୍ର ୧୦୬.୧୦ କୋଟି ଟଙ୍କା ପରିଶୋଧ କରିଛି । ପ୍ରାୟ ଏକ ବର୍ଷ ତଳେ ପ୍ରକାଶିତ ଏହାର ଶେଷ ବିଜ୍ଞାପନରେ ସେବି ସ୍ପଷ୍ଟ କରିଥିଲା ଯେ, ଏହା ଅନ୍ୟ କୌଣସି ପ୍ରକାରର ଦାବିକୁ ଗ୍ରହଣ କରିବ ନାହିଁ । ଏହାର ଅର୍ଥ ହେଉଛି ସେବି ପାଇଁ ଆଉ କୌଣସି ଦାବିଦାର ଦାହାନ୍ତି । ସେବି ଅନ୍ୟ କୌଣସି ଦାବି ଗ୍ରହଣ ନକରିବାର ଏକମାତ୍ର କାରଣ ହେଉଛି ସାହାରା ଗ୍ରୁପ୍ ସମସ୍ତ ନିବେଶକଙ୍କ ଅର୍ଥ ପରିଶୋଧ କରିସାରିଛି । ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ, ଏହି ୨୨,୦୦୦ କୋଟି ଟଙ୍କା ଉପଯୁକ୍ତ ଯାଂଚ ପରେ ପୁଣିଥରେ ସାହାରା ନିକଟକୁ ଫେରିବ । ସେହିପରି ସାହାରାର ପ୍ରବକ୍ତା ସ୍ପଷ୍ଟ କରିଛନ୍ତି ଯେ, କିଛି ମିଡିଆ ରିପୋର୍ଟ ସାହାରା ଚିଟ୍ ଫଣ୍ଡ ବ୍ୟବସାୟରେ ଅଛି ବୋଲି ଧାରଣା ସୃଷ୍ଟି କରୁଛନ୍ତି , ଯାହାକି ସମ୍ପୂର୍ଣ୍ଣ ରୂପେ ମିଥ୍ୟା ଓ ଭ୍ରମାତ୍ମକ ସୂଚନା । ସାହାରା ଅତୀତରେ କିମ୍ବା ବର୍ତମାନ କୌଣସି ପ୍ରକାରର ଚିଟ୍ ଫଣ୍ଡ ବ୍ୟବସାୟରେ ନାହିଁ । ସାହାରା ଇଣ୍ଡିଆ ପରିବାରର ସୂଚନା ଅନୁଯାୟୀ, ଗ୍ରୁପ୍ ଏହାର ସମସ୍ତ ଜମାକାରୀଙ୍କୁ ଦେୟ ପ୍ରଦାନ କରିଛି । ଗତ ୪୨ ବର୍ଷ ହେବ ଏହା ନିଜର ସଦସ୍ୟମାନଙ୍କୁ ସେବା ପ୍ରଦାନ କରୁଛି ଏବଂ ଆଗକୁ ଏହା ଜାରି ରଖିବ । ସମସ୍ତ ଆଇନ୍‌ଗତ ପ୍ରକ୍ରିୟାର ଅନୁସରଣ କରାଯାଇ ସଦସ୍ୟମାନଙ୍କଠାରୁ ଅର୍ଥ ସଂଗ୍ରହ କରାଯାଇଥିଲା । ତେବେ ଆମେ ବିଳମ୍ବିତ ଅବଧି ପାଇଁ ସୁଧ ମଧ୍ୟ ପ୍ରଦାନ କରୁଛି । ଏସମ୍ପର୍କରେ ଆମର ନିବେଶକମାନଙ୍କୁ ଖବରକାଗଜ ବିଜ୍ଞାପନ ମାଧ୍ୟମରେ ଅବଗତ କରାଯାଇଛି ।

## ପଟ୍ଟାମୁଣ୍ଡାଇ ଡିଗ୍ରୀ ମହିଳା ମହାବିଦ୍ୟାଳୟର ଦୁର୍ନୀତି: ବେଆଇନ ନିଯୁକ୍ତି ଅଭିଯୋଗର ତଦନ୍ତ ଆରମ୍ଭ କଲେ ଲୋକାୟୁକ୍ତ ନିର୍ଦ୍ଦେଶାଳୟର ୨ଜଣିଆ ଟିମ



କେନ୍ଦ୍ରାପଡା, (ପିଏନ)- ବହୁ ଚର୍ଚ୍ଚିତ ପଟ୍ଟାମୁଣ୍ଡାଇ ଡିଗ୍ରୀ ମହିଳା ମହାବିଦ୍ୟାଳୟରେ ବେଆଇନ ନିଯୁକ୍ତି ଓ ଆର୍ଥିକ ଦୁର୍ନିତୀ ଅଭିଯୋଗର ତଦନ୍ତ କରିବାକୁ ସୋମବାର ମହାବିଦ୍ୟାଳୟରେ ପହଁଚି ତଦନ୍ତ ଆରମ୍ଭ କରିଛନ୍ତି ଓଡିଶା ଲୋକାୟୁକ୍ତ ନିର୍ଦ୍ଦେଶାଳୟର ଏକ ୨ଜଣିଆ ଟିମ । ମହାବିଦ୍ୟାଳୟରେ ବେଆଇନ ଭାବରେ ଆବଶ୍ୟକତା ଠାରୁ ଅଧିକ ସଂଖ୍ୟକ ଷ୍ଟାଫଙ୍କୁ ନିଯୁକ୍ତି ପ୍ରଦାନ ଓ ସେମାନଙ୍କ ମଧ୍ୟରୁ କେତେକ ଷ୍ଟାଫଙ୍କ ନିଯୁକ୍ତି ତାରିଖକୁ ବାରମ୍ବାର ବଦଳା ଯିବା ଏବଂ ଆର୍ଥିକ ଅନିୟମିତତା ଓ କଲେଜ ଜିମିକିଣା ଦୁର୍ନିତୀ ଅଭିଯୋଗର ତଦନ୍ତ କରିବାକୁ ଓଡିଶା ଲୋକାୟୁକ୍ତଙ୍କ କାର୍ଯ୍ୟାଳୟର ନିର୍ଦ୍ଦେଶକ ଓ ଅନ୍ୟ ଜଣେ ଅଧିକାରୀ ପଟ୍ଟାମୁଣ୍ଡାଇ ଡିଗ୍ରୀ ମହିଳା ମହାବିଦ୍ୟାଳୟରେ ପହଁଚି ତଦନ୍ତ ଆରମ୍ଭ କରିଥିବା ପଟ୍ଟାମୁଣ୍ଡାଇ +୨ କନିଷ୍ଠ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଅଜୟ କୁମାର ନାୟକ ସୂଚନା ଦେଇଛନ୍ତି । ଅଭିଯୋଗକାରୀ ପ୍ରତାପ ମହାନ୍ତି ଓ ରାଧାକାନ୍ତ ମହାନ୍ତି ଓଡିଶା ଲୋକାୟୁକ୍ତଙ୍କ ନିକଟରେ କରିଥିବା ଅଭିଯୋଗ ଅନୁଯାଇ ପଟ୍ଟାମୁଣ୍ଡାଇ ମହିଳା ମହାବିଦ୍ୟାଳୟର ତତକାଳିନ ଅଧ୍ୟକ୍ଷ ବିପିନ ବିହାରୀ ବାରିକ କେତେକ ଅଧ୍ୟାପକ, ଅଧ୍ୟାପିକା ଓ ଅଣଶିକ୍ଷକ କର୍ମଚାରୀମାନଙ୍କୁ ବେଆଇନ ନିଯୁକ୍ତି ପ୍ରଦାନ କରିବା ସହ ସେମାନଙ୍କ ନିଯୁକ୍ତି ତାରିଖକୁ ବାରମ୍ବାର ବଦଳାଯାଇଥିବା, କେତେକଙ୍କ ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ନଥାଇ ସେମାନଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥିବା, କେତେକଙ୍କୁ ୨ରୁ ୪ଥର ପର୍ଯ୍ୟନ୍ତ ନିଯୁକ୍ତି ପ୍ରଦାନ କରାଯାଇଥିବା, ଆବଶ୍ୟକତା ଠାରୁ ବହୁ ଅଧିକ ସଂଖ୍ୟାରେ ବିଭିନ୍ନ ପଦବୀରେ ବେଆଇନ ଭାବେ ନିଯୁକ୍ତି ପ୍ରଦାନ କରିଥିବା, ନିଯୁକ୍ତିରେ ଜାଲିଆତି କରିବା, ଆର୍ଥିକ ଅନିୟମିତତା କରିଥିବା ଓ ଶ୍ରୀ ବାରିକ ତୁଳସୀ ମହିଳା ମହାବିଦ୍ୟାଳୟରେ ଅଧ୍ୟାପକ ଭାବେ କାର୍ଯ୍ୟ କରିବା ସମୟରେ ବହୁ ଅନୀୟମିତତା ଓ ଅର୍ଥ ତୋଷରପାତରେ ଜଡିତ ଥିବା ସମ୍ପର୍କରେ ୨ଅଭିଯୋଗକାରୀ ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ କରିଥିଲେ । ଏଥିସହିତ ତୁଳସୀ ମହିଳା ମହାବିଦ୍ୟାଳୟରୁ ବଦଳି ହୋଇ ପଟ୍ଟାମୁଣ୍ଡାଇ ମହିଳା କଲେଜକୁ ଯିବା ପରେ ତାଙ୍କର ସର୍ଭିସବୁକ ତୁଳସୀ ମହିଳା କଲେଜରୁ ପଟ୍ଟାମୁଣ୍ଡାଇ ମହିଳା କଲେଜକୁ ପଠାଯାଇନଥିଲେ ମଧ୍ୟ ନିଜ ସର୍ଭିସବୁକକୁ ଜାଲିଆତି କରି ବିଭିନ୍ନ ସମୟରେ ଇନକ୍ରୀମେଂଟ ପ୍ରଭୃତି ସରକାରୀ ଅର୍ଥ ତୋଷରପାତ କରିଥିବା ମଧ୍ୟ ଅଭିଯୋଗ ହୋଇଛି । ଅଭିଯୋଗ ଗୁଡିକର ତଦନ୍ତ ପୂର୍ବକ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଯୋଗକାରୀ ଦ୍ୱୟ ଲୋକାୟୁକ୍ତଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ସେହି ଅଭିଯୋଗ ଅନୁଯାଇ ଲୋକାୟୁକ୍ତଙ୍କ କାଯ୍ୟଳୟରୁ ଆଜି ଏକ ୨ଜଣିଆ ଟିମ କଲେଜରେ ପହଁଚି ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି । ଲୋକାୟୁକ୍ତଙ୍କ ନୋଟିସ ଅନୁଯାଇ ଉଭୟ ଅଭିଯୋଗକାରୀ ତଦନ୍ତ ସମୟରେ କଲେଜରେ ଉପସ୍ଥିତ ଥିଲେ।

## ଫ୍ୟୁଚର ଜେନେରାଲି ଇଣ୍ଡିଆ ଇନସ୍ୟୁରାନ୍ସ ଶୁଭାରମ୍ଭ କଲା 'ଟୋଟାଲ ହେଲ୍‌ଥ ସ୍କୋର'

ଭୁବନେଶ୍ୱର, (ପିଏନ): ଭାରତରେ ମାନସିକ ସ୍ୱାସ୍ଥ୍ୟଗତ ସମସ୍ୟା ଅଧିକ ପରିଲକ୍ଷିତ ହେଉଥିବା, ବିଶେଷକରି ସାମ୍ପ୍ରତିକ ମହାମାରୀ ସମୟରେ ଏହା ଅଧିକ ଉତ୍କଟରୂପ ଧାରଣ କରିଥିବା ବିଷୟକୁ ଦୃଷ୍ଟିରେ ରଖି ଫ୍ୟୁଚର ଜେନେରାଲି ଇଣ୍ଡିଆ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ (ଏଫ୍‌ଜିଆଇଆଇ) ଏକ ଅନ୍‌ଲାଇନ ମାନସିକ ସ୍ୱାସ୍ଥ୍ୟ ଆକଳନ ପରୀକ୍ଷା – ଟୋଟାଲ ହେଲ୍‌ଥ ସ୍କୋର ଶୁଭାରମ୍ଭ କରିଛି । ଏହି ଅନନ୍ୟ ସ୍ୱ-ଆକଳନ ବ୍ୟବସ୍ଥା ଜଣେ ବ୍ୟକ୍ତିବିଶେଷଙ୍କୁ ତାଙ୍କର ମାନସିକ ସୁସ୍ଥତା ଆକଳନ କରିବାକୁ ସମର୍ଥ କରାଇବ । ଏଫ୍‌ଜିଆଇଆଇ ପ୍ରତ୍ୟେକଙ୍କୁ ସେମାନଙ୍କର ମାନସିକ ସ୍ୱାସ୍ଥ୍ୟଗତ ବିଷୟକୁ ଗୁରୁତ୍ୱର ସହିତ ବିବେଚନା କରିବାକୁ ପ୍ରୋତ୍ସାହିତ କରୁଛି ଏବଂ ଜଣଙ୍କର ଶାରୀରିକ ସ୍ୱାସ୍ଥ୍ୟଭଳି ଭିତରେ ସୁସ୍ଥ ରହିବାକୁ ହେଲେ ମାନସିକ ସ୍ୱାସ୍ଥ୍ୟ ଠିକ୍ ରଖିବା ଉପରେ ଗୁରୁତ୍ୱ ଦେଉଛି । ଟୋଟାଲ ହେଲ୍‌ଥ ସ୍କୋର ଏକ ପ୍ରଶ୍ନାବଳୀ ଏବଂ ଏପିଆଇ ଭିତ୍ତିକ ଆକଳନ ଯାହା ମାନସିକ ସ୍ୱାସ୍ଥ୍ୟଗତ ସମସ୍ୟାର ଆଦ୍ୟ ଉପସର୍ଗଗୁଡିକୁ ବୁଝିପାରୁଥିବା କାର୍ଯ୍ୟରତ ଚିକିତ୍ସକ ଏବଂ ପରାମର୍ଶଦାତାମାନଙ୍କ ଦ୍ୱାରା ଡିଜାଇନ କରାଯାଇଛି । ଜଣେ ବ୍ୟକ୍ତିବିଶେଷ ଏହି ବ୍ୟବସ୍ଥାରେ ନିଜର ମାନସିକ ସ୍ୱାସ୍ଥ୍ୟ ସମ୍ପର୍କରେ ଆକଳନ କରିବାପରେ ତାଙ୍କୁ ଏକ ସ୍କୋର ପ୍ରଦାନ କରାଯିବ ଯାହା ତାଙ୍କର ସାମ୍ପ୍ରତିକ ମାନସିକ ସ୍ୱାସ୍ଥ୍ୟ ଅବସ୍ଥା ସମ୍ପର୍କରେ ଅବଗତ କରାଇବ । ଏଥିସହିତ ସେ ମାନସିକ ଚାପ, ଉତ୍କଣ୍ଠା, ଅବସାଦ ଏବଂ ଅନ୍ୟ ତତ୍‌ସମ୍ପର୍କିତ ସମସ୍ୟା ଭଳି ମାନସିକ ସ୍ୱାସ୍ଥ୍ୟ ସହିତ ସଂଯୁକ୍ତ ସମସ୍ୟାଗୁଡିକୁ ବୁଝିବା ଏବଂ ସେଗୁଡିକୁ ପରିଚାଳନା କରିବା ସକାଶେ ନିଜର ଯତ୍ନନେବା ପାଇଁ ଉଦ୍ଦିଷ୍ଟ ବିଷୟବସ୍ତୁର ସୁଯୋଗ ନେଇପାରିବେ । ଏହି ସ୍ୱ-ଯତ୍ନ ବିଷୟବସ୍ତୁ ମାନସିକ ସ୍ୱାସ୍ଥ୍ୟ ବିଶାରଦମାନଙ୍କ ଦ୍ୱାରା ବିଶେଷଭାବେ ଫ୍ୟୁଚର ଜେନେରାଲି ପାଇଁ ବିକଶିତ କରାଯାଇଛି । ଫ୍ୟୁଚର ଜେନେରାଲି ଇଣ୍ଡିଆ ଇନସ୍ୟୁରାନ୍ସର ଏମ୍‌ଡି ତଥା ସିଇଓ ଅନୁପ ରାଉ କହିଛନ୍ତି, 'ଆମ ଗ୍ରାହକଙ୍କ ସହିତ ଆଜୀବନ ଭାଗିଦାର ହେବା ଏବଂ ମାନବୀୟ ସ୍ପର୍ଶ ସହ ବିଶେଷ ଜ୍ଞାନ ପ୍ରଦର୍ଶନ କରିବା ହେଉଛି ଆମର ଲକ୍ଷ୍ୟ । ଭାରତର ସାଂସ୍କୃତିକ ବିଧିବ୍ୟବସ୍ଥା ଏବଂ ପ୍ରତିବନ୍ଧକଗୁଡିକୁ ବାସ୍ତବିକତାର ସହିତ ବୁଝିବା ଏବଂ କେତେକ ଜଟିଳ କଥୋପକଥନକୁ ସମର୍ଥ କରାଇପାରିଲେ ଆମେ ଏହି ଲକ୍ଷ୍ୟ ହାସଲ କରିପାରିବୁ । ଆମେ ସମସ୍ତେ ଜାଣୁ ଯେ ମାନସିକ ସ୍ୱାସ୍ଥ୍ୟକୁ ଏକ ଅନାବଶ୍ୟକ ବିଷୟ ଭାବରେ ବିବେଚନା କରାଯାଏ । ଏକ ବ୍ରାଣ୍ଡ୍ ଭାବରେ ମାନସିକ ସୁସ୍ଥତା ଏବଂ ଏଥିପ୍ରତି ଜନସାଧାରଣଙ୍କ ଆଭିମୁଖ୍ୟକୁ ନେଇ ଏକ ସୁସ୍ଥ ଆଲୋଚନା ଆଗେଇନେବାକୁ ଆମେ ଚାହୁଁ । ମାନସିକତାରେ ପରିବର୍ତ୍ତନର ଆରମ୍ଭ ବିନ୍ଦୁ ହେଉଛି ଶାରୀରିକ ସ୍ୱାସ୍ଥ୍ୟ ଭଳି ମାନସିକ ସ୍ୱାସ୍ଥ୍ୟ ସମପରିମାଣରେ ଗୁରୁତ୍ୱପୂର୍ଣ୍ଣ ବୋଲି ଲୋକଙ୍କୁ ବୁଝାଇବା ଏବଂ ଏହା ପରିମାପ କରିବାକୁ ସେମାନଙ୍କୁ ପର୍ଯ୍ୟାପ୍ତ ଉପାୟ ଯୋଗାଇଦେବା । ଏଣୁ ଆମେ ଟୋଟାଲ ହେଲ୍‌ଥ ସ୍କୋର ସୃଷ୍ଟି କରିଛୁ, ଯାହା ଏକ ସରଳ ପ୍ରଶ୍ନାବଳୀ ଏବଂ ଏପିଆଇ ଭିତ୍ତିକ ସ୍କୋର ବ୍ୟବସ୍ଥା।

## ବିଜେପି ପକ୍ଷରୁ ହର ଘର ତ୍ରିରଙ୍ଗା ପତାକା ଅଭିଯାନ ପାଇଁ ଏକ ଜିଲ୍ଲା ସ୍ତରୀୟ ପ୍ରସ୍ତୁତି ବୈଠକ

ବଲାଙ୍ଗିର ,(ପି.ଏନ): ବଲାଙ୍ଗୀର ଜିଲ୍ଲା ବିଜେପି ପକ୍ଷରୁ ହର ଘର ତ୍ରିରଙ୍ଗା ପତାକା ଅଭିଯାନ ପାଇଁ ଏକ ଜିଲ୍ଲା ସ୍ତରୀୟ ପ୍ରସ୍ତୁତି ବୈଠକ ସର୍କିଟ ହାଉସ ଠାରେ ଜିଲ୍ଲା ବିଜେପି ସଭାପତି ଶିବାଜୀ ମହାନ୍ତିଙ୍କ ସଭାପତିତ୍ୱରେ ଆଜି ଅନୁଷ୍ଠିତ ହୋଇଛି । ଆଜି ର ପ୍ରସ୍ତୁତି ବୈଠକ ରେ ଓଡ଼ିଶା ରାଜ୍ୟ ବିଜେପି ଦଳର ବରିଷ୍ଠ ନେତା ଟଙ୍କଧର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜିଲ୍ଲା ବିଜେପି ପକ୍ଷରୁ କିପରି ଭାବ ରେ ସମସ୍ତ ମଣ୍ଡଳ ସମସ୍ତ ଶକ୍ତି କେନ୍ଦ୍ର ଓ ବୁଥ ମାନଙ୍କରେ ହର ଘର ତ୍ରିରଙ୍ଗା ପତାକା ଅଭିଯାନକୁ କିପରି ଭାବ ରେ ପାଳନ କରାଯିବ ତା ଉପରେ ଦିଗ ଦର୍ଶନ ପ୍ରଦାନ କରିଥିଲେ ।୧୩ଅଗଷ୍ଟ ଠାରୁ ୧୫ ଅଗଷ୍ଟ ତିନି ଦିନ ବିଜେପି ପକ୍ଷରୁ ହର ଘର ତ୍ରିରଙ୍ଗା ଅଭିଯାନ କରାଯିବ । ଆଜି ର ଏହି କାର୍ଯ୍ୟକ୍ରମ ରେ ପାଟଣାଗଡ଼ ପୂର୍ବତନ ବିଧାୟକ, ପୂର୍ବତନ ରାଜ୍ୟ ସଭାପତି, ପୂର୍ବତନ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଉପସ୍ଥିତ ଥିବା ସହ ଅନନ୍ତ ଦଶ, ପ୍ରଭାସ ପାଣିଗ୍ରାହୀ, ଭାରତୀ ମହନନ୍ଦ, ପଙ୍କଜିନୀ ପଣ୍ଡା, ରଞ୍ଜିତା ପାଣିଗ୍ରାହୀ, ବନଶ୍ରୀ ଆଚାର୍ଯ୍ୟ, ଅମିତ ସିଂ ନିନା, ଶ୍ରୀବସ୍ତ ବେହେରା, ଦୀନେଶ ଶର୍ମା, ଅଜୟ ଶର୍ମା, ରାଜକିଶୋର ନାୟକ, ପିତାମ୍ବର ଖମାରୀ, ନବୀନ ଜିନ୍ଦଲ, ଗୌରାଙ୍ଗ ନାୟକ, ନରସିଂ ସିଙ୍ଗ, ବଳକୃଷ୍ଣ ଧରୁଆ, ରଙ୍କ ପଣ୍ଡା, ଅକ୍ଷ ରଣା, ଏବଂ ସମସ୍ତ ମଣ୍ଡଳ ସଭାପତି, ମଣ୍ଡଳ ସଂଯୋଜକ ମଧ ଯୋଗ ଦେଇଥିଲେ ।

### ଖଡିଆଳ ସହରରେ ଟ୍ରାଫିକ ସମସ୍ୟା ସହ ବାଇପାସ ରାସ୍ତା ନିର୍ମାଣ ଦାବୀ ରେ ୧୨ ଘଂଟିଆ ବନ୍ଦ ପାଳନ

ନୂଆପଡ଼ା, (ପି.ଏନ): ନୂଆପଡା ଜିଲ୍ଲା ଖଡିଆଳ ସହର ରେ ଟ୍ରାଫିକ ସମସ୍ୟା କାରଣ ରୁ ଦୁର୍ଘଟଣା ବୃଦ୍ଧି ହେଉଅଛି । ତେଣୁ ବାଇପାସ ନିର୍ମାଣ ଦାବୀନେଇ ଆଜି ଖଡ଼ିଆଳ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଆଜି ୧୨ ଘଣ୍ଟା ପାଇଁ ବନ୍ଦ ପାଳନ କରାଯାଇଛି, ସକାଳ ୭ ଟା ରୁ ସଂନ୍ଧ୍ୟା ୭ ଟା ଯାଏ ବନ୍ଦ ପାଳିତ । ଅଖ ଚକ ବନ୍ଦ । ଏହି ବନ୍ଦପାଳନରେ ଦୋକାନ ବଜାର ସରକାରୀ ବେସରକାରୀ କାର୍ଯ୍ୟାଳୟ, ଶିକ୍ଷା ଅନୁଷ୍ଠାନ ଗୁଡିକ ସ୍ୱତ ପ୍ରବୃତ ଭାବରେ ବନ୍ଦ ରହିଛି । ଆନ୍ଦୋଳନକାରୀ ମାନେ ଖଡିଆଳ ବ୍ଲକ ଛକ, ଥାନା ଛକ, ଅମ୍ବେଦକର ଛକ ରେ ବେନର ଧରି ପିକେଟିଂ କରୁଛନ୍ତି । ଖଡିଆଳ ସହର ନୂଆପଡା ଜିଲ୍ଲା ର ମୁଖ୍ୟ ସହର ହୋଇଥିବା ହେତୁ ବୋଡେନ, ସିନାପାଲି ଓ କୋମନା ବ୍ଲକ ସହ ସିମାନ୍ତ ବଲାଙ୍ଗୀର କଳାହାଣ୍ଡି ସିମାନ୍ତ ର ହଜାର ହଜାର ଲୋକ ଖଡିଆଳ ଉପରେ ନିର୍ଭର କରନ୍ତି । ଦୁର୍ଘଟଣା କାରଣରୁ ଜୀବନ ଏବଂ ଧନ ହାନୀ ଘଟୁଛି । ପରିବାର ମୁଖ୍ୟଙ୍କୁ ହରାଇ ସଂପୂର୍ଣ୍ଣ ପରିବାର ନଷ୍ଟ ଯାଉଅଛି । ତେଣୁ ଟ୍ରାଫିକ ବ୍ୟବସ୍ଥା ସହ ବାଇପାସ ରାସ୍ତା ,ନୋ ଏଣ୍ଟ୍ରି ଯୋନ ର ବ୍ୟବସ୍ଥା ପାଇ ଆନ୍ଦୋଳନକାରୀ ମାନେ ଦାବୀ କରିଛନ୍ତି ।

## ଗଭୀର ଆତ୍ମବିଶ୍ୱାସ ଓ ସକରାତ୍ମକ ମନୋଭାବ ନେଇ କାମ କଲେ ସଫଳତା ମିଳିଥାଏ : ପୂର୍ବତନ ସାଂସଦ


ବଲାଙ୍ଗିର,(ପି.ଏନ): ଆଜି ବଲାଙ୍ଗୀର ସ୍ଥିତ ଜେଏସ୍‌ଏମ୍ କଲେଜ ଅଫ୍ କମର୍ସ ଠାରେ ବରଗଡ଼ର ପୂର୍ବତନ ସାଂସଦ ଡ. ପ୍ରଭାସ ସିଂହ ଯୋଗ ଦେଇ ଛାତ୍ର ରାଜନୀତି ଶୀର୍ଷକ ବିଷୟ ଉପରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଛାତ୍ରଛାତ୍ରୀ ମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ପୂର୍ବତନ ସାଂସଦ ଶ୍ରୀ ସିଂହ ନିଜ ଛାତ୍ର ଜୀବନ ଓ ଏହା ଉପରେ ରାଜନୀତିର ପ୍ରଭାବ ଉପରେ ନିଜର ଅନୁଭୂତି କୁ ବର୍ଣ୍ଣନା କରିଥିଲେ । ରାଜନୀତିରେ ଜାଣତରେ ହେଉ କି ଅଜାଣତରେ ଅନେକ ଶତ୍ରୁ ଓ ଅନେକ ମିତ୍ର ତିଆରି ହୋଇଥାନ୍ତି । ଗଭୀର ଆତ୍ମବିଶ୍ୱାସ ଓ ସକରାତ୍ମକ ମନୋଭାବ ନେଇ କାମ କଲେ ଯେକୌଣସି କ୍ଷେତ୍ରରେ ସଫଳତା ମିଳିଥାଏ ବୋଲି ଶ୍ରୀ ସିଂହ ଛାତ୍ରଛାତ୍ରୀ ମାନଙ୍କୁ ବୁଝାଇ ଥିଲେ । ସେବା ମନୋଭାବ ନେଇ ଉଚ୍ଚଶିକ୍ଷିତ ମାନେ ରାଜନୀତିକୁ ପ୍ରବେଶ କଲେ ଦେଶ ସବୁ କ୍ଷେତ୍ରରେ ଉନ୍ନତି କରିପାରିବ ବୋଲି ଶ୍ରୀ ସିଂହ କହିଥିଲେ । ଏହି ଅବସରରେ କଲେଜର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପାର୍ଲାମେଣ୍ଟ ଠାରୁ ଆରମ୍ଭ କରି ପଂଚାୟତ ପର୍ଯ୍ୟନ୍ତ ରାଜନୀତି ସଂପର୍କିତ ଅନେକ ପ୍ରଶ୍ନର ଉତ୍ତର ରଖିଥିଲେ ପୂର୍ବତନ ସାଂସଦ ଶ୍ରୀ ସିଂହ । କଲେଜର ପ୍ରତିଷ୍ଠାତା ସିଏ ଶ୍ରୀକାନ୍ତ ସର୍ମା ଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ କେଲଜର ଅଧାପକ ସୁବ୍ରତ ପଟ୍ଟନାୟକ ଓ ଶିକ୍ଷାବିତ ମନୋରଞ୍ଜନ ସାହୁ ମଂଚାସୀନ ରହି ଦେଶର ଭବିଷ୍ୟତ ଛାତ୍ରଛାତ୍ରୀ ମାନଙ୍କ ଉଦ୍ଦେଶ୍ୟରେ ନିଜର ବକ୍ତବ୍ୟ ରଖିଥିଲେ । ନିରୋଜ ମିଶ୍ର ସଭାକୁ ସଂଚାଳନ କରିଥିଲେ । କଲେଜର ଛାତ୍ର କ୍ରିସ କେଡିଆ ଓ ଯସ ପାଲ ମଂଚାସୀନ ପୂର୍ବତନ ସାଂସାଦ ଶ୍ରୀ ସିଂହକୁ ରାଜନୀତି ସଂପର୍କିତ କିଛି ପ୍ରଶ୍ନ ପଚାରିଥିଲେ । ଏହି ଆଲୋଚନା ଓ ମତବିନିମୟ କାର୍ଯ୍ୟକ୍ରମରେ କଲେଜର ସମସ୍ତ ଛାତ୍ରଛାତ୍ରୀ ଓ ଅଧାପକ, ଅଧାପିକା ମାନେ ଉପସ୍ଥିତ ଥିଲେ ।

## ଗୁଣ୍ଡୁରିଗୁଡା ଆଦର୍ଶ ବିଦ୍ୟାଳୟର ପିଲାଙ୍କ ଦ୍ୱାରା ବିଭିନ୍ନ ଚାରା ରୋପଣ

ମାଲକାନଗିରି,(ପି.ଏନ): ଖଇରପୁଟ ବ୍ଲକ ର କୁଡୁମୁଲୁଗୁମ୍ମା ପଞ୍ଚାୟତ ଅନ୍ତର୍ଗତ ଗୁଣ୍ଡୁରିଗୁଡା ଆଦର୍ଶ ବିଦ୍ୟାଳୟ ପରିସରରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ବନମହୋତ୍ସବ ପାଳିତ ହୋଇଯାଇଛି । ବିଦ୍ୟାଳୟ ର ପ୍ରିନ୍ସପାଲ ମହେଶ୍ୱର ସାହୁଙ୍କ ତତ୍ତ୍ୱାବଧାନରେ ଆରମ୍ଭ ହୋଇଥିବା ମହୋତ୍ସବ ରେ ଅତିଥି ଭାବେ ଖଇରପୁଟ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ବଳି ମାଝୀ, କୁଡୁମୁଲୁଗୁମ୍ମା ଗ୍ରାମ ପଞ୍ଚାୟତ ସରପଞ୍ଚ ମଙ୍ଗଳା ମାଢୀ, ସ୍ଥାନୀୟ ସମବାୟ ସମିତି ର ସଭାପତି ଗୋପି ପାଙ୍ଗି ସମାଜସେବୀ ଭଗବାନ ସାହୁଙ୍କ ସହ ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ମାନେ ଯୋଗ ଦେଇ ବିଦ୍ୟାଳୟ ପରିସରରେ ପ୍ରାୟ ୧୫୦ ଗୋଟି ଚାରା ରୋପଣ କରିଥିଲେ । ଉକ୍ତ ଚାରା ଗୁଡ଼ିକ ମଧ୍ୟରେ ମୁଖ୍ୟତଃ ଭାବେ ଆମ୍ବ, ପଣସ, ଅଁଳା, ପିସ୍ତା ବାଦାମ, ଚାକୁଣ୍ଡା ପ୍ରଭୃତି ଚାରା ବିଦ୍ୟାଳୟ ର ପାଚେରି କଡେ କଡେ ଲଗାଯାଇଛି । ଆଜିର ଏହି କାର୍ଯ୍ୟକ୍ରମରେ ବିଶେଷ କରି ଛାତ୍ର ଛାତ୍ରୀ ମାନଙ୍କ ଭିତରେ ଚାରା ଲଗାଇବାରେ ବହୁତ ଉତ୍ସୁକତା ଦେଖିବାକୁ ମିଳିଥିଲା ଓ ସାମୁହିକ ଶପଥ ନେଇଥିଲେ ଯେ ଗଛଟି ସମ୍ପୁର୍ଣ୍ଣ ଭାବେ ବଢିବା ପର୍ଯ୍ୟନ୍ତ ସେମାନେ ଏହାର ବ୍ୟାପକ ଯତ୍ନ ନେବେ । ପ୍ରିନ୍ସପାଲ ଶ୍ରୀ ସାହୁ କହିଛନ୍ତି ଯେ ବର୍ତ୍ତମାନ ସୁଦ୍ଧା ବିଦ୍ୟାଳୟ ର ପାଚେରି ସମ୍ପୁର୍ଣ୍ଣ ନିର୍ମାଣ ହୋଇଥିବାରୁ ଅତିକମରେ ଗାଈ ଗୋରୁ ଛେଳିଙ୍କ ଦାଉରୁ ଗଛ ଗୁଡ଼ିକ ସୁରକ୍ଷିତ ରହିବା ସହ ବିଦ୍ୟାଳୟର ପରିବେଶରେ ସୁନ୍ଦର ପ୍ରାକୃତିକ ଓ ସବୁଜ ବଳୟ ସୃଷ୍ଟି କରିପାରିବ ।

## ସିପିଆଇ ଜୟପୁର ଜୋନ୍ ସମ୍ମିଳନୀ

ଜୟପୁର, (ପି.ଏନ): ଜୟପୁର ଶ୍ରମିକ କର୍ମଚାରୀ ଭବନ ଠାରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଜୟପୁର ଜୋନ୍ ର ସମ୍ମିଳନୀ ସତ୍ୟବ୍ରତ ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସମ୍ମିଳନୀ ପୂର୍ବରୁ କମ୍ୟୁନିଷ୍ଟ ପାର୍ଟି ର ଝଣ୍ଡା ଯୁଧିଷ୍ଠିର ରାଉଳ ଉତ୍ତୋଳନ କରିଥିଲେ । ସଭାକୁ ସମ୍ବୋଧିତ କରି ସିପିଆଇ ରାଜ୍ୟ ପରିଷଦ ସଭ୍ୟ ଶ୍ରୀ ପ୍ରମୋଦ ମହାନ୍ତି କହିଥିଲେ ଯେ ଅଛେ ଦିନର ମିଥ୍ୟା ଭେଳିକି ଦେଖେଇ ନରେନ୍ଦ୍ର ମୋଦୀ ଙ୍କ ନେତୃତ୍ୱରେ ବିଜେପି କେନ୍ଦ୍ର ରେ କ୍ଷମତା ଦଖଲ ପରେ ପ୍ରତ୍ୟେକ କ୍ଷେତ୍ରରେ ଜନସ୍ୱାର୍ଥ ରକ୍ଷା କରିବାରେ ବିଫଳ ହୋଇଛି । ବେକାରୀ ସମସ୍ୟା ବଢିବା ସହ ନିଯୁକ୍ତି ହ୍ରାସ ପାଉଛି, ଦରଦାମ୍ ବୃଦ୍ଧି ଅସହ୍ୟ, ରନ୍ଧନ ଗ୍ୟାସ, ପେଟ୍ରୋଲ, ଡିଜେଲ ଦର ଅତ୍ୟଧିକ ବୃଦ୍ଧି ଦରବୃଦ୍ଧି କୁ ବହୁଗୁଣିତ କରିଛି । ଜନସାଧାରଣ ଙ୍କ ଠାରୁ ବିଭିନ୍ନ ବାଟରେ ଟିକସ ନିଆଯାଉଛି । ସାମ୍ବିଧାନିକ ସଂସ୍ଥା ଗୁଡ଼ିକର ଅପବ୍ୟବହାର କରି ବିରୋଧୀ ଦଳ ମାନଙ୍କ ବିରୁଦ୍ଧରେ ଅସ୍ତ୍ର ରୂପେ ବ୍ୟବହାର କରାଯାଉଛି । ଓଡ଼ିଶାର ଯୁବକ ଦାଦନ ଖଟିବାକୁ ଯାଉଥିବା ବେଳେ ଆଜି ବି ସ୍ୱଚ୍ଛ ପିଇବା ପାଣି ମିଳୁନାହିଁ ଯେଉଁଥିପାଇଁକି ହଇଜାରେ ଲୋକ ମରୁଛନ୍ତି । ଜନସାଧାରଣ ଙ୍କ ସମସ୍ୟା ନେଇ ଗଣ ଆନ୍ଦୋଳନ କୁ ମଜବୁତ୍ କରିବା ପାଇଁ ଆହ୍ୱାନ ଦେଇଥିଲେ । ଜିଲ୍ଲା ସହ ସମ୍ପାଦକ ଶ୍ରୀ ରାମକୃଷ୍ଣ ଦାସ ସାଂଗଠନିକ କମିଟି ଗଠନ ପାଇଁ ପ୍ରସ୍ତାବ ଦେଇଥିଲେ ।ସଭାରେ ଜୟପୁର ଜୋନ୍ ପାଇଁ ଏକ ସାତଜଣିଆ କମିଟି ସର୍ବଶ୍ରୀ ସତ୍ୟବ୍ରତ ନନ୍ଦ, ନନ୍ଦ ହରିଜନ, ସନ୍ୟାସୀ ମାଳୀ, କେଶବ ନାଗ, ମାଧବ ନାୟକ, ସୀମାଞ୍ଚଳ ନାୟକ, ନିତ୍ୟାନନ୍ଦ ପାତ୍ର, ପ୍ରମୁଖ ଙ୍କୁ ନେଇ ଗଠନ କରାଯାଇଛି । ଶ୍ରୀ ସତ୍ୟବ୍ରତ ନନ୍ଦ ସମ୍ପାଦକ ଓ ସନ୍ୟାସୀ ମାଳୀ ସହ ସମ୍ପାଦକ ଭାବେ ସଂଗଠନ ଦାୟିତ୍ୱ ବହନ କରିଛନ୍ତି ।




# ନବୀନର ୯୩ତମ ସ୍ୱନକ୍ଷତ୍ର ଉତ୍ସବ

ଭୁବନେଶ୍ୱର (ପିଏନ୍): ୧୯୩୦ ମସିହାରୁ ବ୍ରହ୍ମପୁର ସହରରୁ ମହୁରୀ ରାଜା କୃପାସିନ୍ଧୁ ନରେନ୍ଦ୍ର ଦେବଙ୍କ ଦ୍ୱାରା ପ୍ରତିଷ୍ଠିତ ସାପ୍ତାହିକ ନବୀନ ନିରବଚ୍ଛିନ୍ନ ଭାବେ ପ୍ରକାଶ ପାଇ ୯୩ ବର୍ଷରେ ପଦାର୍ପଣ କରିଛି। ଏହି ପରିପ୍ରେକ୍ଷୀରେ ନବୀନର ସ୍ୱନକ୍ଷତ୍ର ଉତ୍ସବ ଅଗଷ୍ଟ ୩ ତାରିଖ ବୁଧବାର ପୂର୍ବାହ୍ନ ୧୧ ଘଂଟା ସମୟରେ ଭୁବନେଶ୍ୱରସ୍ଥିତ ଜୟଦେବ ଭବନ ପରିସରରେ ଆୟୋଜିତ ହୋଇଯାଇଛି। ଏହି ଉତ୍ସବରେ ମାନ୍ୟବର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏଥିସହ ରାଜ୍ୟ ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ପ୍ରଦିପ କୁମାର ଅମାତ, ସମ୍ବାଦର ସମ୍ପାଦକ ତଥା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ବିଜେବି କଲେଜର ଅବସରପ୍ରାପ୍ତ ଇତିହାସ ବିଭାଗ ପ୍ରାଧାପକ ଡ଼. କୈଳାସ ଚନ୍ଦ୍ର ଦାଶ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ନବୀନର ପ୍ରତିଷ୍ଠାତା କୃପାସିନ୍ଧୁ ନରେନ୍ଦ୍ର ଦେବଙ୍କ ଉଦ୍ଦେଶ୍ୟରେ ଦୁଇ ବିଶିଷ୍ଟ ପ୍ରତିଭାଧର ଶୋଭାର ସମ୍ପାଦକ ସଞ୍ଜିତ ପଟ୍ଟନାୟକ (କୋରାପୁଟ) ଓ ସମାଜସେବୀ ତଥା କ୍ରୀଡ଼ା ସଂସ୍କୃତିପ୍ରେମୀ ଏସ୍. ଅଜିତ ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ନବୀନର ଏକ ସ୍ୱତନ୍ତ୍ର ଆକର୍ଷଣୀୟ ସଂଖ୍ୟା ରାଜ୍ୟପାଳଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା।

# ଗୁଲନଗର ନୟନଯୋରି ଜବର ଦଖଲ: ଜଳବନ୍ଦି ପରିସ୍ଥିତି ନେଇ ଉତ୍ତେଜନା



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ଅଞ୍ଚଳ ସମେତ ସଦର ମହକୁମାରେ ସରକାରୀ ଜମିରେ ଥିବା ଜଳ ନିଷ୍କାସନ ପଥ ନୟନଯୋରୀ ଓ କେନାଲଗୁଡିକୁ ଜବରଦଖଲ କରାଯିବାରେ ଜଳନିଷ୍କାସନ ସମସ୍ୟା ଲାଗି ରହିଛି। କେନ୍ଦ୍ରାପଡା ସହର ଉପକଣ୍ଠ ଗୁଲନଗର ଗ୍ରାମରେ ଜଳନିଷ୍କାସନ ସମସ୍ୟା ଯୋଗୁଁ ଋଷଜମି ପଡିଆ ରହୁଥିବା ବେଳେ ଗାଁ ରାସ୍ତାରେ ଆଣ୍ଠୁଏ ପାଣି ଜମି ରହିବା ହେତୁ ଜବର ଦଖଲ ବିରୋଧରେ ଉତ୍ତେଜନା ଲାଗି ରହିଛି। ଗୁଲନଗର ଚଟିପୋଲ ନିକଟସ୍ଥ ଦଣ୍ଡାମୁଣ୍ଡ ଛକ ଅପରପାର୍ଶ୍ୱ ଗୁଲନଗର ଗ୍ରାମକୁ ପ୍ରବେଶ ପଥରେ ସାମାନ୍ୟ ବର୍ଷାରେ ଆଣ୍ଠୁଏ ପାଣି ଜମି ରହୁଛି। ଗ୍ରାମ ଭିତରକୁ ଲୋକେ ଯାଆସ କରିପାରୁ ନଥିବା ବେଳେ ଛାତ୍ରଛାତ୍ରୀମାନେ ମଧ ସ୍କୁଲ ଯାଇପାରୁନଥିବା ଅଭିଯୋଗ ହୋଇଛି। ଗାଁ ରାସ୍ତା କଡ ଜଳସେଚନ ବିଭାଗ ନୟନଯୋରୀକୁ ସେହି ଗ୍ରାମର କେତେକ ବ୍ୟକ୍ତି ପୋତି ଦେଇ ତାହା ଉପରେ ଦୋକାନ ଓ ବସବାସ କରୁଥିବା ହେତୁ ଜଳ ନିଷ୍କାସନ ହୋଇପାରୁ ନଥିବା ଅଭିଯୋଗ ହୋଇଛି। ଏ ନେଇ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲା ପ୍ରଶାସନ, ତହସିଲ ଏବଂ ଜଳସେଚନ ବିଭାଗକୁ ପୂର୍ବରୁ ଅବଗତ କରାଯାଇଥିଲେ ମଧ ପ୍ରଶାସନ ପଦକ୍ଷେପ ନେଉ ନଥିବାରୁ ଥାନାରେ ମାମଲା ରୁଜୁ ହୋଇଛି। ଏହି ସମସ୍ୟା ନେଇ ଗ୍ରାମରେ ତୀବ୍ର ଉତ୍ତେଜନା ମଧ ଲାଗି ରହିଛି। ଅବରୋଧକାରୀଙ୍କୁ ତୁରନ୍ତ ଉଚ୍ଛେଦ କରାଯିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ବାପାର ମାଡରେ ପୁଅର ମୃତ୍ୟୁ ଅଭିଯୋଗ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାର ନିକିରାଇ ଥାନା ଅଞ୍ଚଳରେ ବାପାର ମାଡରେ ପୁଅର ମୃତ୍ୟୁ ହୋଇଥିବା ନେଇ ନିକିରାଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପାଇବା ପରେ ନିକିରାଇ ଥାନା ଅଧିକାରୀ କାଦମ୍ବିନୀ ପରିଡା ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି। ସେହି ଥାନା ଅନ୍ତର୍ଗତ ଇନ୍ଦୁପୁର ହାବେଲୀ ଗ୍ରାମ ଦଳିତ ସାହିର ୮ବର୍ଷର ଦେବନ ଜେନା ଓରଫ ଦେବୁଙ୍କୁ ହତ୍ୟା କରିଛି ବାପା ସୁନାକର ଜେନା। ଦେବୁକୁ ବିଗତ ୪ଦିନ ଧରି ପ୍ରବଳ ଜ୍ୱର ହୋଇଥିବାରୁ ବାପା ସୁନାକର କିଛି ଫଳ ଓ ଔଷଧ ଧରି ଘରେ ପହଞ୍ଚିଥିଲେ। ଦେବୁକୁ ଏସବୁ ଖାଇବାକୁ କହିଲାରୁ ଜ୍ୱରରେ ପିଡିତ ଦେବୁ ଏସବୁ ଖାଇବାକୁ ରାଜି ନହେବାରୁ ବାପା ସୁନାକର ଦେବୁକୁ ଶକ୍ତ ଚାପୁଡା ମାରିବା ସହିତ ଏକ ବାଡିରେ ପିଟି ଚାଲିଥିଲେ। ଫଳରେ ଦେବୁ ସଂଜ୍ଞାହୀନ ହୋଇପଡିଥିଲା। ଦେବ ମାଡ ଖାଉଥିବା ବେଳେ ତାହାକୁ ବାରଣ କରିବାରୁ ଦେବର ମା' ଓ ବଡଭାଇ ମଧ ସୁନାକରଙ୍କ ଆକ୍ରମଣରୁ ବର୍ତ୍ତି ନଥିଲେ। ରାତିରେ ପୁନର୍ବାର ଦେବୁକୁ ଡାକି ଔଷଧ ଦେବାକୁ ଚେଷ୍ଟା କରିବାରେ ଦେବୁ ନିସ୍ତେଜ ହୋଇପଡିଥିବା ଦେଖାଯାଇଥିଲା। ପରିବାର ପକ୍ଷରୁ ଦେବୁକୁ ଇନ୍ଦୁପୁର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ବେଳେ ଦେବୁର ଅବସ୍ଥା ସଙ୍କଟାପନ୍ନ ଥିବା ଓ ତା' ପାଟିରୁ ରକ୍ତ ବାହାରୁଥିବା ଡାକ୍ତର ଦେଖିବା ପରେ ଦେବୁକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ରେଫର କରିଦେଇଥିଲେ। ଦେବୁର ମୃତ୍ୟୁ ହୋଇଯିବାରୁ ତା'ର ବଡବାପା ତଥା ସୁନାକରର ବଡଭାଇ ନିକିରାଇ ଥାନାରେ ପୁତୁରା ମୃତ୍ୟୁ ପାଇଁ ସୁନାକର ଦାୟୀ ବୋଲି ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ନିକିରାଇ ଥାନା ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ସହ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଏଥିସହିତ ଅଭିଯୁକ୍ତ ସୁନାକରକୁ ଥାନାରେ ଅଟକ ରଖିଥିଲେ।

# ବିଜେପି ନଦୀ ସୁରକ୍ଷା ସମିତି (ନମାମି ଗଙ୍ଗେ)ର ରାଜ୍ୟ ସଭାପତି ମହେଶ୍ୱର ସାହୁଙ୍କ ୬୩ତମ ଜନ୍ମଦିନ ପାଳିତ

ଘଷିପୁରା (ପିଏନ୍): ଭାରତୀୟ ଜନତା ପାର୍ଟି କୃଷକ ମୋର୍ଚ୍ଚାର ପୂର୍ବତନ ରାଜ୍ୟ ସଭାପତି, ବିଜେପି କୃଷକ ମୋର୍ଚ୍ଚା ରାଷ୍ଟ୍ରୀୟ ପୂର୍ବତନ ଉପସଭାପତି ତଥା ଓଡିଶାର ବିଶିଷ୍ଟ ଚାଷୀ ନେତା, ବର୍ତ୍ତମାନର ବିଜେପି ନଦୀ ସୁରକ୍ଷା ସମିତି (ନମାମି ଗଙ୍ଗେ)ର ରାଜ୍ୟ ସଭାପତି ମହେଶ୍ୱର ସାହୁଙ୍କ ୬୩ତମ ଜନ୍ମଦିନ ଆନନ୍ଦପୁରରେ ମହାସମାରୋହରେ ପାଳିତ ହୋଇଯାଇଛି। ଆନନ୍ଦପୁର ସହରରେ ଅବସ୍ଥିତ ପଞ୍ଚମୁଖୀ ହନୁମାନ ମନ୍ଦିରରେ ସକାଳ ୮ ଘଟିକା ସମୟରେ ଶ୍ରୀ ସାହୁ ପୂଜାର୍ଚ୍ଚନା କରିବା ପରେ ମନ୍ଦିର ପ୍ରାଙ୍ଗଣରେ ଫଳଗଛ ଲଗାଇ ଜନ୍ମଦିନ ପାଳନ କରିଥିଲେ। ଏହି ଅବସରରେ ଆନନ୍ଦପୁର ସହରରେ ଅବସ୍ଥିତ ଆନନ୍ଦ ଭବନଠାରେ ଆନନ୍ଦପୁର ଉନ୍ନୟନ ପରିଷଦର ସଭାପତି ତଥା ଆନନ୍ଦପୁର କଲେଜର ପୂର୍ବତନ ଅଧକ୍ଷ ରମାକାନ୍ତ ନାୟକଙ୍କ ସଭାପତିତ୍ୱରେ କୃଷକ ନେତା ମହେଶ୍ୱର ସାହୁଙ୍କ ଉଦ୍ଦେଶ୍ୟରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଆନନ୍ଦପୁର ବିଧାୟକ ପ୍ରାର୍ଥୀ ଆଲୋକ କୁମାର ସେଠୀ, ଆନନ୍ଦପୁର କଲେଜର ଅଧକ୍ଷ ଦିଲ୍ଲୀପ କୁମାର ଦାଶ, ଆନନ୍ଦପୁର ମ୍ୟୁନିସିପାଲଟି ଉପନଗରପାଳ ଦୁର୍ଗା ଚରଣ ଦଳେଇ, କାଉନ୍ସିଲର ସମ୍ବିତ କୁମାର ଦାସ, ବିଜେପି ଅନୁସୂଚିତ ଜାତି ମୋର୍ଚ୍ଚା ରାଜ୍ୟ ଉପସଭାପତି ହେମ' କୁମାର ମଲ୍ଲିକ, ବିଜେଡି ଜିଲ୍ଲା ଉପସଭାପତି ଦେବରଂଜନ ସାହୁ, ବିଜେଡି ନେତା ସତ୍ୟାନନ୍ଦ ମିଶ୍ର, ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ଜ୍ଞାନରଂଜନ ସାମନ୍ତସିଂହାର, ଗୋଲକ ଜେନା, ଜିଲ୍ଲା ଉପସଭାପତି ନିରାକାର ଦଳେଇ, ଆନନ୍ଦପୁର ନଗର ମଣ୍ଡଳ ସଭାପତି ପ୍ରଶାନ୍ତ କୁମାର ମହାପାତ୍ର, ସାମ୍ବାଦିକ ମଦନ ପାଣି, ରତିକାନ୍ତ ସାହୁ, ମୁନା ସିଂ, ରାମଚନ୍ଦ୍ର ସୁର, ଲକ୍ଷ୍ମୀଧର ମିଶ୍ର, ବିକ୍ରମ କେଶରୀ ରାଉତରାୟ, ନରେନ୍ଦ୍ର କୁମାର ସାହୁ, ଅର୍ଜ୍ଜୁନ ମହାନ୍ତି, ସୁମତୀ ଯେନା, ଶରତ କୁମାର ସ୍ୱାଇଁ, ନରେନ୍ଦ୍ର କୁମାର ପଣ୍ଡା, ରବିନ୍ଦ୍ର କୁମାର ଚାନ୍ଦ, ପ୍ରାଣବନ୍ଧୁ ସାହୁ, ସନ୍ୟାସୀ ପାତ୍ର, ରାଜେନ୍ଦ୍ର କୁମାର ସାହୁ, ନାରାୟଣ ବାରିକ, ରଘୁନାଥ ପଣ୍ଡିତ, ବିନୋଦ ବିହାରୀ ମିଶ୍ର, ହରେକୃଷ୍ଣ ପାତ୍ର, ଦୟାନିଧି ଯେନା, ଶଙ୍କର୍ଷଣ ଜେନା, ରଂଜନ କୁମାର ମହାନ୍ତ, ବାଇଧର ସାହୁ, ପୁରୁଷୋତ୍ତମ ସାହୁ, ଅଶୋକ କୁମାର ରାଉତ, ନିତ୍ୟାନନ୍ଦ ନାୟକ, ଅରୁଣ କୁମାର ମିଶ୍ର, ସର୍ବେଶ୍ୱର ଦଳାଇ, ପବିତ୍ର କୁମାର ବେହେରା, ପ୍ରସନ୍ନ କୁମାର ମିଶ୍ର, ବାଂଛାନିଧି ସାହୁ ପ୍ରମୁଖ ଶତାଧିକ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ମହିଳା ମହାବିଦ୍ୟାଳୟରେ +୩ ଛାତ୍ରୀଙ୍କ ବିଦାୟ ସମ୍ବର୍ଦ୍ଧନା



ଧର୍ମଶାଳା (ପିଏନ୍): ଧର୍ମଶାଳା ମହିଳା ଡିଗ୍ରୀ ମହାବିଦ୍ୟାଳୟର ଦର୍ଶନ, ଶିକ୍ଷା ଓ ରାଜନୀତି ବିଜ୍ଞାନ ବିଭାଗର ବିଦାୟୀ ଛାତ୍ରୀଙ୍କ ଉଦ୍ଦେଶ୍ୟରେ କଲେଜ ପରିସରରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଇନ୍ଦୁପ୍ରଭା ସାମଲଙ୍କ ସଭାପତିତ୍ୱରେ ଶିକ୍ଷା ବିଭାଗର ଅଧ୍ୟାପକ ଡ. ରାଜକିଶୋର ଜେନା, ରାଜନୀତି ବିଭାଗ ଅଧ୍ୟାପକ ସଚିଦାନନ୍ଦ ପ୍ରଧାନ ଓ ଦର୍ଶନ ବିଭାଗ ଅଧ୍ୟାପକ ଡ. ସୁନାକର ଦାସ, ଇଂରାଜୀ ବିଭାଗ ଅଧ୍ୟାପିକା ସସ୍ମିତା ରାଉତରାୟ ଯୋଗଦେଇ ବିଦାୟୀ ଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ସଭାରେ କଲେଜର ସମସ୍ତ ଅଣଶିକ୍ଷକ କର୍ମଚାରୀ ଓ ଅନର୍ସର ସମସ୍ତ ଛାତ୍ରୀମାନେ ଉପସ୍ଥିତ ରହିଥିଲେ।

# ବାବୁସାନ୍ ଓ ପ୍ରକୃତି ମିଶ୍ରଙ୍କୁ ଡ୍ରଗ୍ସ କାରବାରର ତଦନ୍ତ ପ୍ରକ୍ରିୟାରେ ସାମିଲ କରାଯାଉ

ଭୁବନେଶ୍ୱର (ପିଏନ୍): ବିଗତ କିଛି ଦିନ ଧରି ବିଭିନ୍ନ ଗଣମାଧ୍ୟମରେ ଚର୍ଚ୍ଚାର ମୁଖ୍ୟ ବିଷୟବସ୍ତୁ ପାଲଟିଥିବା ଓଡ଼ିଆ। ଚଳଚ୍ଚିତ୍ର ଓ ସଙ୍ଗୀତ ଜଗତ ସହିତ ସମ୍ପୃକ୍ତ ଓଡ଼ିଶାର ଦୁଇଟି ପ୍ରମୁଖ ପରିବାର ତଥା ଓଡ଼ିଆ ଚଳଚ୍ଚିତ୍ରରେ ନିଜର ଅଭିନୟ ନିମନ୍ତେ ବିଶେଷ ଭାବେ ପରିଚିତ ସେମାନଙ୍କର ଦୁଇ କଳାକାର ସନ୍ତାନଙ୍କର ପାରିବାରିକ କଳହ ପୋଲିସ ତଦନ୍ତ ପରେ ସମୟ କ୍ରମେ ସତ କ'ଣ ତାହା ନିଶ୍ଚୟ ଲୋକଲୋଚନକୁ ଆସିବ। କିନ୍ତୁ ବର୍ତ୍ତମାନ ସମୟରେ ବିଭିନ୍ନ ଗଣମାଧ୍ୟମରେ ଆଲୋଚନାରୁ ଯାହା ଜଣାଯାଉଛି, ଏହି ଘଟଣା ପଛରେ ଦୁଇଟି ପ୍ରମୁଖ କାରଣ ଏକାସାଙ୍ଗରେ ଅନେକ ପ୍ରକାରର ବିପଜ୍ଜନକ ନିଶାଦ୍ରବ୍ୟର ବହୁଳ ସେବନ ଏବଂ ଅବୈଧ ସମ୍ପର୍କ, ଯାହା ଆଜି ଓଡ଼ିଶାରେ ଯୁବ ପିଢ଼ିଙ୍କୁ ଗଭୀର ମାନସିକ ଆଘାତ ଦେଇଛି। କାରଣ ଆଜିକାଲିର ଯୁବ ପିଢ଼ି ଚଳଚ୍ଚିତ୍ର ଜଗତର ଅଭିନେତା ଅଭିନେତ୍ରୀଙ୍କୁ ଅନେକଟା ଅନୁସରଣ କରିଥାନ୍ତି। ଏହି ପ୍ରସଙ୍ଗରେ, ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ସମ୍ବାଦ ତଥା ଆଲୋଚନା ପର୍ଯ୍ୟାଲୋଚନାରୁ ଧିରେ ଧିରେ ସ୍ପଷ୍ଟ ସୂଚନା ମିଳୁଛି ଯେ, ଏହି ଦୁର୍ଭାଗ୍ୟଜନକ ପାରିବାରିକ ଅଶାନ୍ତି ଘଟଣା ପଛରେ ବିପଜ୍ଜନକ ନିଶାଦ୍ରବ୍ୟର ବହୁଳ ସେବନ ହିଁ ମୁଖ୍ୟ କାରଣ। ବିଗତ ଦିନରେ, ଏଭଳି ବିପଜ୍ଜନକ ନିଶାଦ୍ରବ୍ୟର ଅତ୍ୟଧିକ ସେବନ ହିଁ ଆମମାନଙ୍କଠାରୁ, ବଲିଉଡ ଜଗତରେ ଅଳ୍ପ ଦିନରେ ବିଶେଷ ପ୍ରସିଦ୍ଧି ଲାଭ କରିଥିବା ଜଣେ ଦକ୍ଷ ଅଭିନେତା ସୁଶାନ୍ତ ସିଂହ ରାଜପୁତଙ୍କୁ ଅକାଳରେ ଛଡ଼େଇ ନେଇଥିଲା। ସେ ସମୟରେ ପୋଲିସ ତଦନ୍ତରୁ ସ୍ପଷ୍ଟ ହୋଇଥିଲା ଯେ, ସାମାଜିକ ଓ ଆର୍ଥିକ ଦୃଷ୍ଟିକୋଣରୁ ଯଥେଷ୍ଟ ସ୍ୱଚ୍ଛଳ ହୋଇଥିଲେ ମଧ, ଅତ୍ୟଧିକ ନିଶାଦ୍ରବ୍ୟ ସେବନ ହିଁ ସୁଶାନ୍ତ ସିଂହ ରାଜପୁତଙ୍କୁ ମାନସିକ ଭାବେ ସମ୍ପୂର୍ଣ୍ଣ ଦୁର୍ବଳ କରିଦେଇଥିଲା ଏବଂ ସେ ଆତ୍ମହତ୍ୟା ଭଳି ଦୁଃଖଦ ରାସ୍ତା ବାଛି ନେଇଥିଲେ। ଏକଥା ମଧ ସେତେବେଳେ ତଦନ୍ତରୁ ପ୍ରମାଣିତ ହୋଇଥିଲା ଓ ବିଭିନ୍ନ ଜାତୀୟ ଗଣମାଧ୍ୟମରେ ମୁଖ୍ୟ ଶିରୋନାମା ପାଲଟିଥିଲା ଯେ ସେହିସବୁ ବିପଜ୍ଜନକ ନିଶାଦ୍ରବ୍ୟର ଓଡିଶା ସହିତ ଘନିଷ୍ଠ ସମ୍ପର୍କ ଥିଲା ଏବଂ ଓଡିଶା ବାହାରେ ଓଡିଶା ନିଶାଦ୍ରବ୍ୟର ମଧ ବିଶେଷ ଋହିଦା ଥିଲା। ଏକଥା ମଧ ସତ ଯେ, ଆମ ରାଜ୍ୟର ଦକ୍ଷ ପୋଲିସ ବିଭାଗ, ଆମ ରାଜ୍ୟରୁ ଅନ୍ୟ ରାଜ୍ୟକୁ ନିଶାଦ୍ରବ୍ୟ ଚୋରା ଋଲାଣ ବେଳେ, ସବୁବେଳେ ସେଗୁଡ଼ିକୁ ଜବତ କରି ଏବଂ ସମ୍ପୃକ୍ତ ଅପରାଧୀମାନଙ୍କୁ ଗିରଫ କରି ନିଜର ଦକ୍ଷତାକୁ ପ୍ରମାଣିତ କରିପାରିଛି। ଓଡ଼ିଶାରେ ସୁଶାନ୍ତ ସିଂହ ରାଜପୁତଙ୍କ ଭଳି ଦୁଃଖଦ ଘଟଣାର ଯେପରି ପୁନରାବୃତ୍ତି ନହେବ, ସେଥିନିମନ୍ତେ ଆମ ଦକ୍ଷ ପୋଲିସ ବିଭାଗ ଆହୁରି ଯତ୍ନବାନ୍ ହେବା ଉଚିତ। ଏହାସହିତ ଆଜି ଦୁର୍ଦ୍ଦିନରେ ଗତି କରୁଥିବା ଆମ ଓଡିଆ ଚଳଚ୍ଚିତ୍ର ଜଗତ ସହିତ ସମ୍ପୃକ୍ତ ଅନେକ ବ୍ୟକ୍ତିବିଶେଷଙ୍କର ବହୁମାତ୍ରାରେ ନିଶାଦ୍ରବ୍ୟ ସେବନ ଏବଂ ଏହାର ଅବୈଧ କାରବାର ସହିତ ସମ୍ପୃକ୍ତି ବିଷୟଟିକୁ ଗୁରୁତ୍ୱର ସହିତ ତଦନ୍ତ ପରିସରଭୁକ୍ତ କରାଯିବାର ଆବଶ୍ୟକତା ରହିଛି। ସମ୍ପୃକ୍ତ ଦୋଷୀମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣକରି, ଓଡ଼ିଆ ଚଳଚ୍ଚିତ୍ର ଜଗତର ସ୍ୱର୍ଣ୍ଣିମ ଗୌରବ ଫେରାଇ ଆଣିବାକୁ ଅନୁରୋଧ କରୁଛୁ। ଏଥିସହିତ ବାବୁସାନଙ୍କ ଧର୍ମପତ୍ନୀ ତୃପ୍ତି ଶତପଥି ବିଭିନ୍ନ ଗଣମାଧ୍ୟମରେ ଦେଇଥିବା ପ୍ରତିକ୍ରିୟାରେ ଡ୍ରଗ୍ସ, ଗଞ୍ଜେଇ, ଚରସ୍ ବାବୁସାନ୍ ବ୍ୟବହାର କରନ୍ତି ବୋଲି କହିଛନ୍ତି। ତେଣୁ ପୋଲିସ ପ୍ରଶାସନ ବାବୁସାନ୍ ଏବଂ ପ୍ରକୃତି ମିଶ୍ରଙ୍କୁ ତଦନ୍ତ ପ୍ରକ୍ରିୟାରେ ସାମିଲ କରି ମେଡିକାଲ୍ ଟେଷ୍ଟ କରିବା ସହିତ ଏମାନଙ୍କୁ ନିଶାଦ୍ରବ୍ୟ କେଉଁ କେଉଁମାନେ ଯୋଗାଉଛନ୍ତି, ସେମାନଙ୍କୁ ଲୋକଲୋଚନକୁ ଆଣିବା ପାଇଁ କଳିଙ୍ଗ ସେନା ପକ୍ଷରୁ ଖାରବେଳନଗର ଥାନାରେ ସେନା ସୁପ୍ରିମୋ ହେମନ୍ତ ରଥ, ସାଧାରଣ ସଂପାଦକ ବିଜୟରାଜ, ଇଂ. ମନୋଜ ସାମନ୍ତ ରାୟ, ଇଂ. ମନୋଜ ନାୟକ, ଅବଦୁଲ କୟୁମ୍ ଖାନ୍, ପାର୍ଥସାରଥୀ ତ୍ରିପାଠୀ, ରଞ୍ଜିତ୍ ସାମଲ ପ୍ରମୁଖ ଏତାଲା ପ୍ରଦାନ କରିଥିଲେ।

# ଗୋବରୀ କେନାଲ କେବେ ହେବ ପ୍ରଦୂଷଣମୁକ୍ତ ! ଏନ୍‌ଜିଟି ଛାଟ ଅପେକ୍ଷାରେ ଗୋବରୀ କେନାଲ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡ଼ା ସହର ଦେଇ ବୋହି ଯାଇଥିବା ଗୋବରୀ ନଦୀ ଜଳ ପ୍ରଦୂଷିତ ହେଉଥିବାରୁ ନ୍ୟାସନାଲ ଗ୍ରୀନ ଟ୍ରିବ୍ୟୁନାଲ(ଏନ୍‌ଜିଟି) କେନ୍ଦ୍ରାପଡ଼ା ପୌରସଂସ୍ଥା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ପ୍ରତି ମାସରେ ପୌରସଂସ୍ଥା ଏକ ଲକ୍ଷ ଟଙ୍କା ଜୋରିମାନା ଦେବ ବୋଲି ଏନ୍‌ଜିଟି ନିର୍ଦ୍ଦେଶ ଦେଇଛି। ଏପରିକି ଦୁଇ ବର୍ଷ ପିଛିଲା ଭାବେ ୨୪ ଲକ୍ଷ ଟଙ୍କା ଜୋରିମାନା ଦେବାକୁ ଏନ୍‌ଜିଟି ନିର୍ଦ୍ଦେଶରେ ଉଲ୍ଲେଖ କରିଛି। ଅନୁରୂପ ଭାବେ କେନ୍ଦ୍ରାପଡ଼ା ସହର ଦେଇ ବୋହି ଯାଇଥିବା ଗୋବରୀ କେନାଲ ମଧ ଏବେ ପ୍ରଦୂଷିତ। ଏହି କେନାଲ ଏବେ ଏନ୍‌ଜିଟି ଛାଟ ଅପେକ୍ଷାରେ ରହିଛି। ଏହି କେନାଲର ଜଳ ଚାଷ କାର୍ଯ୍ୟରେ ବ୍ୟବହୃତ ହୁଏ। ତଳି ଅଞ୍ଚଳର ଲୋକେ ଏହି ଜଳରେ ସ୍ନାନ କରନ୍ତି। ଏଥିସହ ବିଭିନ୍ନ କାର୍ଯ୍ୟ ପାଇଁ ଏହି କେନାଲ ଜଳକୁ ବ୍ୟବହାର କରନ୍ତି। ହେଲେ ଏବେ କେନାଲ ପାଣି ପ୍ରଦୂଷିତ। ଏହାର କାରଣ ହେଉଛି କେନାଲ ଜଳରେ ସହରର ଦୂଷିତ ଜଳ ମିଶୁଛି। ଲୋକେ ଘରର ପାଇଖାନା ପାଣି କେନାଲକୁ ଛାଡୁଛନ୍ତି। ସହରର ଡ୍ରେନ୍ ପାଣି କେତେକ ସ୍ଥାନରେ ଗୋବରୀ କେନାଲରେ ମିଶୁଛି। ସେହିପରି କେନାଲରେ ବର୍ଜ୍ୟବସ୍ତୁ ପକାଯାଉଛି। ଯାହା ଫଳରେ ଗୋବରୀ କେନାଲ ଜଳ ପ୍ରଦୂଷିତ ହେବାରେ ଲାଗିଛି। ଏହି କେନାଲ ଜଳ ଏପରି ପ୍ରଦୂଷିତ ହୋଇଛି ଯେ ଏଥିରେ ସ୍ନାନ କଲେ ଲୋକେ ନିଶ୍ଚିତ ଭାବେ ଚର୍ମ ରୋଗ ସହ ବିଭିନ୍ନ ପ୍ରକାରର ରୋଗରେ ପଡିବେ। ଠିକ ସେହିପରି ଏହି ଜଳକୁ ଚାଷ କାର୍ଯ୍ୟରେ ବ୍ୟବହାର କରାଗଲେ ଚାଷ ଉଜୁଡି ଯିବ। ତେଣୁ ଗୋବରୀ କେନାଲ ଜଳ ପ୍ରଦୂଷଣମୁକ୍ତ ହେବା ନେଇ ଏନ୍‌ଜିଟି ଛାଟ ବାଜିବା ପୂର୍ବରୁ ଏହାକୁ ପ୍ରଦୂଷଣମୁକ୍ତ କରାଯାଉ ବୋଲି ବୁଦ୍ଧିଜୀବୀମାନେ ଦାବି କରିଛନ୍ତି। ଆଇନଜୀବୀ ବିଧୁଭୂଷଣ ମହାପାତ୍ର କହିଛନ୍ତି ଗୋବରୀ କେନାଲ ଜଳ ଚାଷଜମିରେ ବ୍ୟବହାର କରାଯାଇଥାଏ। ନିୟମିତ ବ୍ୟବଧାନରେ ଏହି କେନାଲରୁ ଦଳ ସଫା ହେବା ଆବଶ୍ୟକ। କାରଣ ଦଳ ଜମା ହେବାଦ୍ୱାରା ଜଳ ପ୍ରଦୂଷିତ ହେଉଛି। ଏଥିସହ କେନାଲରେ ଲୋକମାନେ ବିଭିନ୍ନପ୍ରକାର ଜିନିଷ ପକାଇ ଏହାର ଜଳକୁ ପ୍ରଦୂଷିତ କରୁଛନ୍ତି। ଏହି ଜଳକୁ ଚାଷ ଜମିରେ ବ୍ୟବହାର କରାଗଲେ ଚାଷ ଭଲ ହେବ ନାହିଁ। ଓଲଟା ଚାଷ ଜମିର ଉର୍ବରତା ନଷ୍ଟ ହୋଇଯିବାର ମଧ ଆଶଙ୍କା ରହିଛି। ଏହାକୁ ହୃଦୟଙ୍ଗମ କରି ଉଚ୍ଚ କର୍ତ୍ତୃପକ୍ଷ ଗୋବରୀ କେନାଲ ଜଳକୁ ପ୍ରଦୂଷଣମୁକ୍ତ କରନ୍ତୁ। ପ୍ରକାଶ ଥାଉକି ଏହି କେନାଲକୁ ପ୍ରଦୂଷଣମୁକ୍ତ କରି ଏହାର ସୌନ୍ଦର୍ଯ୍ୟକରଣ କରିବା ପାଇଁ ୨୦ କୋଟି ଟଙ୍କାର ବ୍ୟୟ ଅଟକଳ ହୋଇଥିଲା। ପ୍ରାୟ ୬ ମାସ ତଳେ ବିଧାୟକ ଶଶୀଭୂଷଣ ବେହେରା ଗୋବରୀ କେନାଲ ପୁନରୁଦ୍ଧାର କାର୍ଯ୍ୟର ଶୁଭାରମ୍ଭ ପାଇଁ ଭିତ୍ତିଭୂମି ପକାଇଥିଲେ। କିନ୍ତୁ ତାହା ଏବେ ଶୀତଳ ଭଣ୍ଡାରରେ ପଡି ରହିଯାଇଛି ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି। ନବୀକରଣ ସମ୍ପର୍କରେ ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ ଇଂ ପ୍ରବୋଧ କୁମାର ରାଉତଙ୍କୁ ପଚାରିବାରୁ ସେ କହିଲେ ଏଗ୍ରିମେଣ୍ଟ କରାଯାଇଛି। ଠିକାଦାର ଶିବପ୍ରସାଦ ପରିଡ଼ା ଏହି କାର୍ଯ୍ୟ କରିବେ ବୋଲି ଚୁକ୍ତି କରିଛନ୍ତି। ଆସନ୍ତା ଖରିଫ ଋତୁ ପରେ ଗୋବରୀ କେନାଲର ନବୀକରଣ କାର୍ଯ୍ୟ ଆରମ୍ଭ ହେବ।

# ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ ଘଟଣାରେ ଥାନାରେ ହେଲା ଅଭିଯୋଗ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବିଜୟନଗରରେ ଥିବା ଏକ ବିଦ୍ୟାଳୟରେ ଜଣେ ୧୦ମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ ଘଟଣାରେ ପରିବାର ଲୋକେ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ନିକଟରେ ଅଭିଯୋଗ କରିଥିବା ବେଳେ ସେଠାରୁ କୌଣସି ନ୍ୟାୟ ମିଳିଲା ନାହିଁ। ତେଣୁ ପରିବାର ଲୋକେ ବାଧହୋଇ ମହାକାଳପଡ଼ା ଥାନାରେ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ଘଟଣାର ଅନୁସନ୍ଧାନ କରି ରିପୋର୍ଟ ଦେବା ପାଇଁ ଜିଲ୍ଲାପାଳ ଅମ୍ରିତ ଋତୁରାଜ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଖବର ଅନୁଯାୟୀ ସଂପୃକ୍ତ ବିଦ୍ୟାଳୟରେ ପରୀକ୍ଷା ଚାଲିଥିବା ବେଳେ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ପଛ ବେଞ୍ଚକୁ ଯିବା ପାଇଁ କହିଥିଲେ। ଫଳରେ ଛାତ୍ରୀ ଜଣକ ପଛ ବେଞ୍ଚକୁ ଯାଇଥିଲେ। ଏହି ସମୟରେ ବିଜ୍ଞାନ ଶିକ୍ଷକ ଜଣକ ଛାତ୍ରୀଙ୍କ ସହ ଅସଦାଚରଣ କରିଥିଲେ। ଏ ନେଇ ଛାତ୍ରୀ ଜଣକ ଘରେ କହିବା ପରେ ପରିବାର ଲୋକେ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ନିକଟରେ ଅଭିଯୋଗ କରିଥିଲେ। କିନ୍ତୁ ଏଥିରେ ପରିବାର ଲୋକେ ସନ୍ତୁଷ୍ଟ ନ ହୋଇ ଥାନାରେ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କୁ ପଚାରିବାରୁ ସେ କହିଲେ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସେ ତଦନ୍ତ କରି ରିପୋର୍ଟ ଦେବାପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏହି ଘଟଣାରେ ବିହିତ ପଦକ୍ଷେପ ଗ୍ରହଣ କରିବ।

# ଜାତୀୟ ରାଜପଥ ନିର୍ମାଣ ଠିକାସଂସ୍ଥାର ବିଚିତ୍ର ନୀତି

ଧର୍ମଶାଳା (ପିଏନ୍): ୧୬ନମ୍ବର ଜାତୀୟ ରାଜପଥ ନିର୍ମାଣ ଦାୟିତ୍ୱରେ ଥିବା ଡିବିଏଲ ଠିକାସଂସ୍ଥାର ବିଚିତ୍ର ନୀତି ଦେଖିବାକୁ ମିଳିଛି। ଧର୍ମଶାଳା ବ୍ଲକ ଜାରକା ଛକ ଦେଇ ଯାଇଥିବା ଜାତୀୟ ରାଜପଥର ପ୍ରଶସ୍ତିକରଣ ସହିତ ଓଭରବ୍ରିଜ ନିର୍ମାଣ କାମ ଚାଲିଥିବାରୁ ଦୁଇବର୍ଷରୁ ଉର୍ଦ୍ଧ୍ୱ ସମୟ ହେଲା ଗାଡିଗୁଡିକ ସର୍ଭିସ ରୋଡ ଦେଇ ଯାତାୟାତ କରୁଛି। ସେପଟେ ମୁଖ୍ୟ ରାସ୍ତା କାମ ଅଧାପନ୍ତରିଆ ହୋଇ ପଡିରହିଥିଲେ ମଧ୍ୟ ସମ୍ପୃକ୍ତ ଠିକା ସଂସ୍ଥା ସେଥିପ୍ରତି ଧ୍ୟାନ ନଦେଇ ସର୍ଭିସ ରୋଡ ସୌନ୍ଦର୍ଯ୍ୟକରଣ କାମରେ ଲାଗିପଡିଛି। ଅନ୍ୟପଟେ ୨ ବର୍ଷ ଧରି ଗାଡିଗୁଡିକ ସର୍ଭିସ ରୋଡରେ ଯାତାୟାତ କରୁଥିବାରୁ ବଜାରକୁ ଆସୁଥିବା ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିନେଇ ସ୍ଥାନୀୟ ବଜାର କମିଟି ଓ ବିଭିନ୍ନ ସଙ୍ଗଠନ ପକ୍ଷରୁ ବାରମ୍ବାର ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଉଥିଲେ ମଧ୍ୟ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ନଦେଇ ଚୁପ ହୋଇ ବସିରହିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ସେହିପରି ସ୍ଥାନୀୟ ଜନପ୍ରତିନିଧିମାନେ ସବୁ ଦେଖି ନୀରବ ରହୁଥିବା ସମ୍ପର୍କରେ ସାଧାରଣରେ ଅନେକ କଥା ଶୁଣିବାକୁ ମିଳୁଛି। ତେବେ ଜାରକାଠାରେ ଦୀର୍ଘ ବର୍ଷ ହେଲା ଲାଗିରହିଥିବା ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟ କେବେ ସରିବ ଓ କେବେ ଯାତାୟାତ ସ୍ୱାଭାବିକ ହେବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯଥାଶୀଘ୍ର ଏହି କାମ ଶେଷ କରି ଯାତାୟାତ ସ୍ୱାଭାବିକ କରିବାକୁ ସାଧାରଣରେ ଦାବି ହୋଇଛି।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଅବହେଳିତ ବଳରାମପୁରର ପୁରାତନ ଜଗନ୍ନାଥ ମନ୍ଦିର

ଧର୍ମଶାଳା,(ପି.ଏନ): ଯାଜପୁର ଜିଲା ପ୍ରାଚୀନ ଓଡିଶାରେ କଳା ଓ ସଂସ୍କୃତି ଏକ ବଡ କେନ୍ଦ୍ରଥିଲା । ଏହି ଜିଲା ପୁରାତନ ସମୃଦ୍ଧ ଓଡିଶାର ଏକ ପ୍ରାଚୀନ ସହର ଓ ରାଜଧାନୀ ରୂପେ ପରିଗଣିତ ଥିଲା । ଏହା ରାଜ୍ୟର ଏକ ତନ୍ତ୍ର ବିଦ୍ୟା ନଗରଭାବେ ଜଣାଯାଏ ।ସମୃଦ୍ଧ ଏବଂ ବିଭିନ୍ନ କଳାର ଗନ୍ତା ଘର ଏହି ଯାଜପୁର ଜିଲା ସଂସ୍କୃତିର ଏକ ପେଣ୍ଠସ୍ଥଳ । ଜିଲାରେ ବସ୍ତୁକଳା,ଚିତ୍ରକଳା,ମୂର୍ତି କଳା ଓ ହସ୍ତଶିଳ୍ପର ବହୁଳ ପ୍ରଚାର ହୋଇଥାଏ । ଅନେକ ସାମାଜିକ ଓ ଧାର୍ମୀକ ସଂସ୍କୃତିକ ପର୍ବ ପର୍ବାଣୀର ପାଳନ ସହର ଓ ଜିଲାର ସାଧାରଣ ବିଶେଷତ୍ୱ । ଯାହାକୁ ନେଇ ଗଢି ଉଠିଥିଲା ଅନେକ ମନ୍ଦିର ।ଯାଜପୁର ଜିଲାର କୋଣ ଅନୁକୋଣରେ ରହିଛି ପ୍ରାଚିନ ସଂସ୍କତିର ଛାପ । ଐତିହ୍ୟମଣ୍ଡିତ କୀର୍ତିସ୍ଥଳ ଉପରେ ପର୍ଯ୍ୟଟନ କ୍ଷେତ୍ର ଶୋଭିତ । ପ୍ରାଚୀନ ଉତ୍କଳର ରାଜଥାନୀ ଥିଲା ଯାଜପୁରର ଗଳିକନ୍ଦିରେ ପୌରାଣିକ ଓ ଐତିହାସିକ କିର୍ତୀରାଜିର ବିଦ୍ୟାମାନ । ଜିଲାରେ ରହିଛି ଅନେକ ଜଗନ୍ନାଥ ମନ୍ଦିର । ତେବେ ଅନେକ ପୁରତାନ ମନ୍ଦିର ଏବେ ଅବହେଳିତ ଅବସ୍ଥାରେ ପଡି ରହିଛି । ଯାହାକି ଜଗନ୍ନାଥ ପ୍ରେମୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି ।ଯାଜପୁର ଜିଲା ଧର୍ମଶାଳା ତହସିଲ ତାଳଜଙ୍ଗ ପଂଚାୟତସ୍ଥ ବଳରାମପୁର ଗଡ । ଏହି ବଳରାମପୁର ଗଡ ବହୁ ଐତିହ୍ୟ ବହନ କରୁଥିବା ପ୍ରାଚୀନ ଜଗନ୍ନାଥ ମନ୍ଦିର ସହ ଭାଙ୍ଗିରୁଜି ଯାଇଥିବା ରାଜପ୍ରସାଦ ଓ ପ୍ରାକୃତିକ ସବୁଜିମା ଭରା ସୁନ୍ଦର ପରିବେଶକୁ ଆହୁରୀ ସୁନ୍ଦର କରି ଏକ ପର୍ଯ୍ୟଟନ ସ୍ଥଳରେ ପରିଣତ କରିବା ପାଇଁ ଚାଲିଛି ଅଭିଯାନ । ସୁଦୂର ଭୁବନେଶ୍ୱରରୁ ୧୬ ନଂ ଜାତୀୟ ଦେଇ ୬୦ କିଲୋମିଟର ଅତିକ୍ରମ କଲେ ପଡିବ ଚଣ୍ଡିଖୋଲ ଛକ । ଏବଂ ଦୈତାରୀ-ପାରାଦୀପ ୫୩ ନଂ ଜାତୀୟ ରାଜପଥ କବାଟବନ୍ଧ ସେତୁ ଅତିକ୍ରମ କରିବାର ଡାହାଣ ପାର୍ଶ୍ୱରେ ରହିଛି ବଳରାମପୁର ଗଡ । ଏହା ପାହାଡ ଉପରେ ଅବସ୍ଥିତ । ପାହାଡ ପାଦ ଦେଶରୁ ଗାଡି ଏବଂ ଚାଲି ଚାଲି ଯିବାକୁ ପଡେ । ଏହି ପାହାଡ ଉପରେ ରହିଛି ଏକ ପୁରାତନ ଜଗନ୍ନାଥ ମନ୍ଦିର ।ପାହାଡ ଉପରେ ଜିଲାର ପ୍ରାୟ ସ୍ଥାନକୁ ଦେଖିବା ସମ୍ଭବ ହୋଇଥାଏ । ଏହାର ମନୋରମ ଦଅଶ୍ୟ ସମସ୍ତଙ୍କୁ ଚକିତ କରିବ । ଏଠାରୁ ସୂଦୁର କଳିଙ୍ଗ ନଗର ଦୃଶ୍ୟ ମଧ୍ୟ ଦେଖିବାକୁ ମିଳିବ । ରାଜସ୍ଥାନର ଯଦୁପୁର ବଂଶର ଅଂଶ । ଦେଢ ହଜାର ବର୍ଷ ପୂର୍ବେ ଅର୍ଥାତ ୫୫୩ ଖୀଷ୍ଟାବ୍ଦରେ ସେମାନେ ଏଠାକୁ ଆସିଥିଲେ । ଯାହାକି ଆରମ୍ଭ ହୋଇଥିଲା ସଂସ୍କୃତିର ନିର୍ମାଣ । ଏବଂ ଆଠଗଡର ରାଜାଙ୍କ ଉଭଣୀ ଆଠଗଠ ରାଣୀ ରାଧାପ୍ରୀୟା ପାଟଦେଇପୁରଙ୍କ ଦ୍ୱାରା ଏବଂ ଆଠଗଡର ରାଜାଙ୍କ ଉଭଣୀ ଆଠଗଡ ରାଣୀ ରାଧାପ୍ରୀୟା ପାଟଦେଇପୁରଙ୍କ ଦ୍ୱାରା । ଏବଂ ଆଠଗଡର ରାଜାଙ୍କ ଉଭଣୀ ଆଠଗଠ ରାଣୀ ରାଧାପ୍ରୀୟା ପାଟଦେଇପୁରଙ୍କ ଦ୍ୱାରା ଏହି ମନ୍ଦିର ସାଲ ୧୩୨୨ ସାଲରେ ଆରମ୍ଭ ହୋଇଥିଲା । ଏହା ୧୩୩୦ସାଲ ,ବୈଶାଖ ୨୫ ଅକ୍ଷୟ ତୃତୀୟା ଦିନ ଏହାର ପ୍ରତିଷ୍ଠା ହୋଇଥିଲା ।ପରେ ଏଠାରେ ବିଭିନ୍ନ ପାର୍ବଣ ସମୟରେ ବହୁ ଆଡମ୍ବରରେ ପର୍ବପର୍ବାଣୀ ପାଳିତ ହୋଇଥାଏ । କିନ୍ତୁ ଏବେ ଏହାର ସ୍ଥାୟୀ ରକ୍ଷଣାବେକ୍ଷଣ ଅଭାବରୁ ଏହା ଅତି ଦୟନୀୟ ଅବସ୍ଥାରେ ପଡିରହିଛି । ପର୍ଯ୍ୟଟନ ବିଭାଗ ଓ ଜିଲା ପ୍ରଶାସନର ଶୁଭ ଦୃଷ୍ଟି ଏହି ପ୍ରାଚିନ ମନ୍ଦିର ଉପରେ ପଡୁନାହିଁ । ତେବେ ସ୍ଥାନୀୟ ଗ୍ରାମବାସୀ ଓ ସ୍ୱେଚ୍ଛାସେବୀ ସଂଗଠନ ମିଳିତରେ ଏହାର ରକ୍ଷଣା ବେକ୍ଷଣ ସାଂଗକୁ ପରିବେଶକୁ ଆହୁରୀ ମନୋରମ ନିମନ୍ତେ ଚାରାରୋପଣ କରି ଏହାର ସୌନ୍ଦର୍ଯ୍ୟ ପାଇଁ କାର୍ଯ୍ୟ ଜାରି ରଖିଛନ୍ତି ।ଆଧୁନିକତାର ସ୍ୱର୍ଶରେ ବଦଳୁଛି ଯାଜପୁର ସହର । ଗ୍ରାମ୍ୟ ସଂସ୍କୃତିକୁ ଉଦଜୀବିତ ପାଇଁ ପ୍ରୟାସ ଜାରି ରଖିଥିବା ବେଳେ ,କଳା,ସଂସ୍କୃତି ଓ ଇତିହାର ବହୁ ମୁଖ ସାକ୍ଷୀଭାବେ ପରିଗଣିତ ଅନେକ ଐତିହ୍ୟକୁ ଆଗାମୀ ପୀଢିମାନଙ୍କ ପାଇଁ ସେପରି କିଛି ପଦକ୍ଷେପ ନିଆଯାଉନାହିଁ । ତେବେ ଏ ଦିଗରେ ପର୍ଯଟନ ବିଭାଗ,ଜିଲା ପ୍ରଶାସନ ଓ ସ୍ଥାନୀୟ ପ୍ରଶାସନ ଏହା ଉପରେ ନଜର ପଡିଲେ ଅନେକ ମନ୍ଦିର ମଠର ପୁନଃରୁଦ୍ଧାର ହୋଇପାରନ୍ତା ବୋଲି ଅଂଚଳବାସୀ ଦାବି କରିଛନ୍ତି ।

# ବଲାଙ୍ଗିର ଜିଲ୍ଲାରେ ନୂଆ କରୋନା ଆକ୍ରାନ୍ତ ସଂଖ୍ୟା ୩୭

ବଲାଙ୍ଗିର .(ପି.ଏନ):ଆଜି ବଲାଙ୍ଗିର ଜିଲ୍ଲାରେ ନୂଆ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୩୭ ରହିଥିବା ସରକାରୀ ସୂତ୍ରରୁ ଜଣାପଡିଛି । ସୂଚନା ଅନୁସାରେ ଆଗଲପୁର ବ୍ଲକ ଆଗଲପୁର ଗ୍ରା.ପ.ରୁ ୧ ଜଣ, ବଲାଙ୍ଗିର ବ୍ଲକ ଡୁଙ୍ଗୁରାବାହାଲ ଗ୍ରା.ପ.ରୁ ୪ ଜଣ, ବାରପୁଡୁଗିଆ ଗ୍ରା.ପ.ରୁ ୧ ଜଣ, ଖୁଜେନପାଲି ଗ୍ରା.ପ.ରୁ ୧ ଜଣ, ସକମା ଗ୍ରା.ପ.ରୁ ୧ ଜଣ, ବୈଦିପାଲି ଗ୍ରା.ପ.ରୁ ୧ ଜଣ, ବଲାଙ୍ଗିର ମ୍ୟୁନିସିପାଲିଟି ୱାର୍ଡ ନମ୍ବର ୨୦, ୬, ୨୧, ୧୮ରୁ ଜଣେ ଲେଖାଏଁ, ବଙ୍ଗୋମୁଣ୍ଡା ବ୍ଲକ ଅର୍ସାତୁଲା ଗ୍ରା.ପ.ରୁ ଜଣେ, ବେଲପଡା ବ୍ଲକ ବେଲପଡା ଗ୍ରା.ପ.ରୁ ୧ ଜଣ, ଦେଓଗାଁ ବ୍ଲକ ଗାଇବାହାଲ ଗ୍ରା.ପ.ରୁ ୧ ଜଣ, ଦେଓଗାଁ ଗ୍ରା.ପ.ରୁ ୨ ଜଣ, ହାତୀସରା ଗ୍ରା.ପ.ରୁ ୧ ଜଣ, ଖପ୍ରାଖୋଲ ବ୍ଲକ ଓଡିଆପାଲି ଗ୍ରା.ପ.ରୁ ୩ ଜଣ, ମହାରପଦର ଗ୍ରା.ପ.ରୁ ଜଣେ, ରେଙ୍ଗାଲି ଗ୍ରା.ପ.ରୁ ୨ ଜଣ, ଲୋଇସିଂହା ବ୍ଲକ ଲୋଇସିଂହା ଗ୍ରା.ପ.ରୁ ୨ ଜଣ, ବୁଢୀପଦର ଗ୍ରା.ପ.ରୁ ଜଣେ, ବୈଦିବାହାଲ ଗ୍ରା.ପ.ରୁ ଜଣେ, ପାଟଣାଗଡ ବ୍ଲକ ଲରମ୍ବା ଗ୍ରା.ପ.ରୁ ଜଣେ, ଘଷିଏନ୍ ? ଗ୍ରା.ପ.ରୁ ଜଣେ, ପାଟଣାଗଡ ଏନ୍ ?ଏସି ୱାର୍ଡ ନମ୍ବର ୬ରୁ ଜଣେ, ପୁଇଁନ୍ତଲା ବ୍ଲକ ଆଟଗାଁ ଗ୍ରା.ପ.ରୁ ଜଣେ, ସଇଁତଲା ବ୍ଲକ ବିବିନା ଗ୍ରା.ପ.ରୁ ଜଣେ, ସଇଁତଲା ଗ୍ରା.ପ.ରୁ ଜଣେ, କୁମ୍ଭାରି ଗ୍ରା.ପ.ରୁ ଜଣେ, ଟିଟିଲାଗଡ ମ୍ୟୁନିସିପାଲିଟି ୱାର୍ଡ ନମ୍ବର ୧ରୁ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ଜଣାପଡିଛି ।

# ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଓ ଆପୋଲୋ ହସ୍ପିଟାଲ୍‌ର ମିଳିତ ପ୍ରୟାସରେ ଡ଼ିଜିଟାଲ ହେଲଥ୍ ସେବା 'ଦି ହେଲ୍‌ଦି ଲାଇଫ୍'ର ଶୁଭାରମ୍ଭ

ଭୁବନେଶ୍ୱର: ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଏବଂ ଆପୋଲୋ ହସ୍ପିଟାଲ୍ ମିଳିତ ହୋଇ 'ଦି ହେଲ୍‌ଦି ଲାଇଫ୍' ନମାକ ଏକ ସମ୍ପୁର୍ଣ୍ଣ ସ୍ୱାସ୍ଥ୍ୟ ସେବା ଶୁଭାରମ୍ଭ କରିଛନ୍ତି । ଏହି ପ୍ରୋଗ୍ରାମ ଦ୍ୱାରା ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ସମସ୍ତ ଗ୍ରାହକ ସହଜ ଏବଂ ସୁଲଭ ବ୍ୟାଙ୍କିଙ୍ଗ୍ ସେବା ଚୟନ କରି ଦେଶର ଯେକୌଣସି ଆପୋଲୋ ୨୪/୭ ରେ ନିଜର ଚିକିତ୍ସା କରାଇପାରିବେ । ଏହି ଅନନ୍ୟ ସେବାକୁ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ ଓ ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ ଭିଡ଼ିଓ କନ୍‌ଫରେନ୍ସ ମାଧ୍ୟମରେ ଶୁଭାରମ୍ଭ କରିଛନ୍ତି ଏବଂ ଏମାନଙ୍କ ସହ ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ର ଏକ୍ସିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନି ଏବଂ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ଏମ୍‌ଡି ଡେଜିଗ୍‌ନେଟ୍ ଶ୍ରୀଯୁକ୍ତ ଶଶୀଧର ଜଗ୍‌ଦିସ୍ନ ମଧ୍ୟ ଉପସ୍ଥିତ ରହିଥିଲେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ଗ୍ରାହକମାନେ ଦି ହେଲ୍‌ଦି ଲାଇଫ୍ ସେବା ଦ୍ୱାରା ଯେକୌଣସି ସମୟରେ ବିନା ମୂଲ୍ୟରେ ଆପୋଲୋ ହସ୍ପିଟାଲ୍‌ର ଡ଼ାକ୍ତର ମାନଙ୍କ ସହ ଚିକିତ୍ସା ସମ୍ବନ୍ଧୀୟ କଥା ହୋଇପାରିବେ, ପ୍ରଥମ ବର୍ଷ ଜଣେ ଆପୋଲୋ ମେମ୍ବରଶିପ୍ ପାଇପାରିବେ ଓ ଆପୋଲୋ ୨୪/୭ରେ କ୍ରମାଗତ ଚିକିତ୍ସା କରାଇପାରିବେ । ଏହାଛଡ଼ା ଏହାର ମେଡ଼ିସିନ୍‌ର ହୋମ୍‌ଡ଼େଲେଭରି ମେମ୍ବରସିପ୍ ଡ଼ିସ୍କାଉନଟ୍, ହ୍ୱାଟସ୍ୟାପ୍ ଦ୍ୱାରା ସବୁବେଳେ ଆଡ଼ଭାଇଜର ଓ ସମ୍ପୁର୍ଣ୍ଣ ହେଲଥ୍ ଚେକ୍‌ଅପ୍ ସୁବିଧା ପାଇବେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଗ୍ରାହକମାନଙ୍କୁ ୪୦ ଲକ୍ଷ ପର୍ଯ୍ୟନ୍ତ ପ୍ରି ଆପ୍ରୁଭ ପର୍ସନାଲ ଲୋନ୍, ୧୦ ସେକେଣ୍ଡରେ ଲୋନ୍ ସେବା, କ୍ରେଡ଼ିଟ୍ ଓ ଡ଼େବିଟ୍ କାର୍ଡ଼ରେ ନୋ କଷ୍ଟ ଇଏମ୍‌ଆଇ, ଆଇ କେୟାର, ଡ଼େନ୍ଟାଲ କେୟାର, ମାର୍ଟିନିଟି ଏବଂ ଆଭିଏଫ୍ ସେବାରେ ଲାଇଫ୍ କେୟାର ଫାଇନାନ୍ସ ଓ କ୍ରେଡ଼ିଟ୍ କାର୍ଡ଼ ଫ୍ୟାସେଲିଟି ଇଏମ୍‌ଆଇରେ, ଇନ୍‌ଷ୍ଟାନଟ୍ ଛାଡ଼୍ ଆଦି ସେବା ଯୋଗାଇବ । ଏହି ଅବସରରେ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ କହିଛନ୍ତି ଯେ, ଜୀବନ ଏବଂ ସ୍ୱାସ୍ଥ୍ୟ ଠାରୁ କିଛି ବି ବଡ଼ ନୁହେଁ । ଏକ ସ୍ୱାସ୍ଥ୍ୟବାନ ଭାରତ ହିଁ ଏକ ସମୃଦ୍ଧି ଭରା ଦେଶ ହେଇପାରିବ । ସ୍ୱାଧିନତା ଦିବସରେ ପ୍ରଧାନମନ୍ତ୍ରୀଙ୍କ ଡ଼ିଜିଟାଲ ସ୍ୱାସ୍ଥ୍ୟ ସେବାର ଆହ୍ୱାନକୁ ସମ୍ମାନ ଜଣାଇ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଆପୋଲୋ ହସ୍ପିଟାଲ୍‌ର ୨୪/୭ ସହ ଏହି ସେବାର ଆରମ୍ଭ କରିଛି ଯାହା ଦ୍ୱାରା ଆମ ଗ୍ରାହକମାନେ ସୁବିଧାରେ ସ୍ୱାସ୍ଥ୍ୟ ସେବା ପାଇପାରିବେ । ଏହି ସେବା ଦ୍ୱାରା ଲୋକମାନେ ଅତି ଉଚ୍ଚ କୋଟିର ହେଲଥ୍ କେୟାର ଏବଂ ସୁଲଭ ଫାଇନାନ୍ସ ସହଜରେ ପାଇପାରିବେ ଓ ଏହି ସେବାର ଏକ ଅଂଶ ହୋଇଥିବାରୁ ଆମେ ବହୁତ ଖୁସି ବୋଲି ଆପୋଲୋ ହସ୍ପିଟାଲ୍‌ର ଚେୟାରମ୍ୟାନ୍ ଡ଼ଃ.ପ୍ରତାପ ସି. ରେଡ୍ଡୀ କହିଛନ୍ତି । ସ୍ୱାସ୍ଥ୍ୟ ପରିକ୍ଷା ପାଇଁ ଆମେ ସମୟକୁ ଅନ୍ୟ ଅସୁବିଧା ତୁଳନାରେ ଅଧିକ ମହତ୍ୱ ଦେଇଥାଉ, ଏହି ପାର୍ଟନରସିପ୍ ଦ୍ୱାରା ସମସ୍ତ ଭାରତୀୟ ମାନେ ଦେଶର ଯେକୌଣସି ସ୍ଥାନରୁ ଡ଼ିଜିଟାଲି ଉତ୍ତମ ସ୍ୱାସ୍ଥ୍ୟ ସେବା ସୁଲଭ ମୂଲାଙ୍କନରେ ପାଇପାରିବେ ବୋଲି ଆପୋଲୋ ହସ୍ପିଟାଲ୍ ଗ୍ରୁପ୍‌ର ଏକ୍ସିକ୍ୟୁଟିଭ୍ ଭାଇସ୍ ଚେୟାର ପରସନ୍ ମିସ୍ ଶୋଭନା କମିନେନିକହିଛନ୍ତି ।ଯେକୌଣସି ସମୟରେ ବିନା ମୂଲ୍ୟରେ ଆପୋଲୋ ହସ୍ପିଟାଲ୍‌ର ଡ଼ାକ୍ତର ମାନଙ୍କ ସହ ଚିକିତ୍ସା ସମ୍ବନ୍ଧୀୟ କଥା ହୋଇପାରିବେ, ପ୍ରଥମ ବର୍ଷ ଜଣେ ଆପୋଲୋ ମେମ୍ବରଶିପ୍ ପାଇପାରିବେ ଓ ଆପୋଲୋ ୨୪/୭ରେ କ୍ରମାଗତ ଚିକିତ୍ସା କରାଇପାରିବେ । ଏହାଛଡ଼ା ଏହାର ମେଡ଼ିସିନ୍‌ର ହୋମ୍‌ଡ଼େଲେଭରି ମେମ୍ବରସିପ୍ ଡ଼ିସ୍କାଉନଟ୍, ହ୍ୱାଟସ୍ୟାପ୍ ଦ୍ୱାରା ସବୁବେଳେ ଆଡ଼ଭାଇଜର ଓ ସମ୍ପୁର୍ଣ୍ଣ ହେଲଥ୍ ଚେକ୍‌ଅପ୍ ସୁବିଧା ପାଇବେ । ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କ ଗ୍ରାହକମାନଙ୍କୁ ୪୦ ଲକ୍ଷ ପର୍ଯ୍ୟନ୍ତ ପ୍ରି ଆପ୍ରୁଭ ପର୍ସନାଲ ଲୋନ୍, ୧୦ ସେକେଣ୍ଡରେ ଲୋନ୍ ସେବା, କ୍ରେଡ଼ିଟ୍ ଓ ଡ଼େବିଟ୍ କାର୍ଡ଼ରେ ନୋ କଷ୍ଟ ଇଏମ୍‌ଆଇ, ଆଇ କେୟାର, ଡ଼େନ୍ଟାଲ କେୟାର, ମାର୍ଟିନିଟି ଏବଂ ଆଭିଏଫ୍ ସେବାରେ ଲାଇଫ୍ କେୟାର ଫାଇନାନ୍ସ ଓ କ୍ରେଡ଼ିଟ୍ କାର୍ଡ଼ ଫ୍ୟାସେଲିଟି ଇଏମ୍‌ଆଇରେ, ଇନ୍‌ଷ୍ଟାନଟ୍ ଛାଡ଼୍ ଆଦି ସେବା ଯୋଗାଇବ । ଏହି ଅବସରରେ ଏଚ୍‌ଡ଼ିଏଫ୍‌ସି ବ୍ୟାଙ୍କର ପରିଚାଳକ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଆଦିତ୍ୟ ପୁରୀ କହିଛନ୍ତି ଯେ, ଜୀବନ ଏବଂ ସ୍ୱାସ୍ଥ୍ୟ ଠାରୁ କିଛି ବି ବଡ଼ ନୁହେଁ । ଏକ ସ୍ୱାସ୍ଥ୍ୟବାନ ଭାରତ ହିଁ ଏକ ସମୃଦ୍ଧି ଭରା ଦେଶ ହେଇପାରିବ ।

# ସୁବର୍ଣ୍ଣପୁର ରେ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ସୁବର୍ଣ୍ଣପୁର ,(ପି.ଏନ): ସୁବର୍ଣ୍ଣପୁର ଜିଲ୍ଲା ସଦର ମହକୁମାଠାରେ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ ଶ୍ରୀମତୀ ଅବୋଲୀ ସୁନିଲ ନରୱଣେ ଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳ ଙ୍କ ସମ୍ମିଳନୀ କକ୍ଷ ରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ନିର୍ଦେଶ ଅନୁଯାୟୀ କୋଭିଡ କଟକଣା ପାଳନ ପୂର୍ବକ ଚଳିତ ବର୍ଷ ସୁବର୍ଣ୍ଣପୁର ରିଜର୍ଭ ପୋଲିସ ପଡିଆରେ ସୀମିତ ସଂଖ୍ୟକ ଅତିଥିଙ୍କ ଉପସ୍ଥିତିରେ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ କରାଯିବ । ସ୍ୱାଧୀନତା ଦିବସର ପ୍ରାତଃ ସମୟରେ ସହରରେ ରାମଧୁନ ପ୍ରଚାର କରାଯିବ । ସକାଳ ଘଂ୦୬-୦୦ ଂଟା ସମୟରେ ସହର ର ବିଭିନ୍ନ ଛକରେ ଓ କାର୍ଯ୍ୟାଳୟ ରେ ଅବସ୍ଥାପିତ ମହାପୁରୁଷ ତଥା ବରପୁତ୍ର ଙ୍କ ପ୍ରତିମୂର୍ତି ରେ ବରିଷ୍ଠ ଅଧିକାରୀ ଙ୍କ ଦ୍ୱାରା ପୁଷ୍ପମାଲ୍ୟାର୍ପଣ କରାଯିବ । ସକାଳ ଘଂ୦୭-୩୦ ମି ସମୟରେ ସମସ୍ତ ସରକାରୀ, ବେସରକାରୀ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ ମାନଙ୍କରେ ଜାତୀୟ ପତାକା ଉତୋଳନ କରାଯିବ । ସ୍ୱାଧୀନତା ଦିବସର ମୁଖ୍ୟ ଅତିଥିଙ୍କ ଦ୍ୱାରା ପୂର୍ବାହ୍ନ ଘଂ୦୯-୧୫ ମିନିଟ ସମୟରେ ସ୍ଥାନୀୟ ରିଜର୍ଭ ପୋଲିସ ଚଳିତ ବର୍ଷ ମଧ୍ୟ କୋଭିଡ ନିୟମ ର ଅନୁପାଳନ ପୂର୍ବକ କେବଳ ପୋଲିସ ବ୍ୟାଣ୍ଡ ଓ ପୋଲିସ ପ୍ୟାରେଡ଼ ଦଳ ଅଂଶ ଗ୍ରହଣ କରିବେ । ଚଳିତ ସ୍ୱାଧୀନତା ଦିବସ ସମାରୋହ ପ୍ୟାରେଡ଼ ରେ କୌଣସି ବିଦ୍ୟାଳୟ ଅଥବା ମହାବିଦ୍ୟାଳୟର ପ୍ଲାଟୁନ ଅଂଶ ଗ୍ରହଣ କରିବାକୁ ବାରଣ କରାଯାଇଛି । ପ୍ୟାରେଡ଼ ପଡିଆରେ ମଧ୍ୟ କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ନାହିଁ । ସେହିପରି ଉତ୍ସବ ସ୍ଥଳକୁ ଜନସାଧାରଣ ଙ୍କ ସମାଗମକୁ ବାରଣ କରାଯାଇଛି । ସ୍ୱାଧୀନତା ଦିବସ ଉତ୍ସବରେ ପ୍ୟାରେଡ଼ କିମ୍ବା ମାର୍ଚ୍ଚପାଷ୍ଟ ହେବ ନାହିଁ । ଜିଲ୍ଲା ସ୍ତରୀୟ ଉତ୍ସବ ପରି ଜିଲ୍ଲାର ଉପଖଣ୍ଡ ସ୍ତରରେ,ବ୍ଲକ ସ୍ତରରେ ତଥା ପଂଚାୟତ ସ୍ତରରେ ମଧ୍ୟ କୋଭିଡ କଟକଣା ଅନୁପାଳନ ପୂର୍ବକ ସମାରୋହ ଅନୁଷ୍ଠିତ ହେବ । ଉତ୍ସବ ପରିପ୍ରେକ୍ଷୀରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ତତ୍ତ୍ୱାବଧାନରେ ଉଚ୍ଚବିଦ୍ୟାଳୟ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସ୍ତରରେ , ଜାତୀୟତା ବୋଧକ ସଙ୍ଗୀତ ଆବୃତି, ପ୍ରବନ୍ଧ, ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେବ । କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣ ପତ୍ର ଓ ପୁରସ୍କାର ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଜରିଆରେ ସମ୍ପୃକ୍ତ ଛାତ୍ର ଛାତ୍ରୀ ଙ୍କୁ ପ୍ରଦାନ କରାଯିବ । ଏହି ପ୍ରସ୍ତୁତି ବୈଠକରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ଅମରେଶ ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ ) ଶ୍ରୀ ସୂର୍ଯ୍ୟନାରାୟଣ ଦାଶ, ଅତିରିକ୍ତ ଜିଲ୍ଲାପାଳ (ଜେନେରାଲ ) ଶ୍ରୀମତୀ ନିଶିପୁନମ ମିଞ୍ଜ, ଉପଜିଲ୍ଲାପାଳ ସୋନପୁର ଡ଼ଃ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, ତଥା ସମ୍ପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗଦାନ କରିଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ ବିବରଣୀ ଉପସ୍ଥାପନ କରିଥିଲେ ।

# ଯୁବ ବର୍ଗଙ୍କ ପାଇଁ ଭୋଟର ହେବା ଆହୁରି ସହଜ ହେଲା

ଗଂଜାମ, (ପି.ଏନ):କେନ୍ଦ୍ର ସରକାରଙ୍କ ଆଇନ୍ ଓ ବିଚାର ବିଭାଗ ମନ୍ତ୍ରଣାଳୟ ଦ୍ୱାରା ଲୋକ ପ୍ରତିନିଧି ଆଇନ୍ ୧୯୫୦/୧୯୫୧ ର ପରିବର୍ତନ କରାଯାଇ ଭୋଟର ତାଲିକାରେ କେତେଗୁଡିଏ ସଂଶୋଧନ କରାଯାଇଛି, ଯାହାକି ଅଗଷ୍ଟ ୧ ତାରିଖ ଠାରୁ କାର ?ୟକାରୀ ହୋଇଅଛି । ଛତ୍ରପୁର ସ୍ଥିତ ଜିଲ୍ଲାପାଳଙ୍କ ସଭାବନା ସମ୍ମିଳନୀ କକ୍ଷ ଠାରେ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସେ ଜଣାଇଥିଲେଯେ, ବର୍ତମାନ ଯୁବବର୍ଗ ଭୋଟର ତାଲିକାରେ ନାମ ସଂଯୋଗ କରିବା ନିମନ୍ତେ ଅଧିକ ସହଜ ହୋଇ ପାରିବ । ବର୍ତମାନ ଭୋଟର ତାଲିକାରେ ନାମ ପଞ୍ଜିକରଣ ନିମନ୍ତେ ଗୋଟିଏ ଯୋଗ୍ୟତା ସୂଚକ ତାରିଖ ପରିବର୍ତେ ବର୍ଷକୁ ୪ ଥର ଜାନୁୟାରୀ ମାସ, ଅପ୍ରିଲ ମାସ, ଜୁଲାଇ ମାସ ଏବଂ ଅକ୍ଟୋବର ମାସର ପହିଲା ଅର୍ଥାତ୍ ୧ ତାରିଖ ଦିନ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କାର୍ଯ୍ୟକ୍ରମରେ ଭୋଟରଗଣ ନିଜ ନାମକୁ ଭୋଟର ତାଲିକାରେ ପଞ୍ଜିକରଣ କରାଇ ପାରିବେ । ତା.୦୧.୦୪.୨୦୨୩ରିଖ ସୁଦ୍ଧା ଭୋଟର ତାଲିକାଭୁକ୍ତ ହୋଇଥିବା ଭୋଟର ମାନେ ସେମାନଙ୍କ ଆଧାର ନମ୍ବର ନିର୍ବାଚନ ପଞ୍ଜିକରଣ ଅଧିକାରୀଙ୍କୁ ଜଣାଇବେ । ଆଜି ଠାରୁ ଭୋଟରଗଣ ଭୋଟର ପରିଚୟ ପତ୍ରକୁ ଆଧାର ସହିତ ସଂଯୋଗ କରିବେ । ଏହା ବାଧ୍ୟତାମଳକ ନୁହେଁ । ପଞ୍ଜିକରଣ ଫର୍ମରେ କେତେକ ସଂଶୋଧନ କରାଯାଇଛି । ଏହି ରୂପାନ୍ତରୀତ ପଞ୍ଜିକରଣ ଫର୍ମ ଅଗଷ୍ଟ ୧ ତାରିଖ ଠାରୁ କାର୍ଯ୍ୟକାରୀ ହେଲା । ବର୍ତମାନ ନୂଆ ଫର୍ମ ପୂରଣ କରି ଅତି ସରଳ ଭାବରେ ଭୋଟର ତାଲିକାକୁ ସଂଶୋଧନ କରାଇ ପାରିବେ । ଏଣିକି ୧୭ ବର୍ଷ ବୟସର ଯୁବବର୍ଗ ନିଜ ନାମକୁ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରାଇବା ନିମନ୍ତେ ଆବେଦନ କରିବେ । ସେମାନଙ୍କୁ ୧୮ ବର୍ଷ ଯେଉଁ ଦିନ ହେବ ସେହି ଦିନ ତାଙ୍କ ନାମ ଭୋଟର ତାଲିକାରେ ସଂଯୋଗ ହେବ । ଫର୍ମ-୬ ରେ ନୂତନ ଭୋଟର ହେବା ପାଇଁ, ଫର୍ମ ୬(ଖ) ରେ ଆଧାର ସହିତ ନିଜର ଭୋଟ ପରିଚୟପତ୍ର ସଂଯୋଗ କରିବେ, ଫର୍ମ-୭ ରେ ନାମ ବାଦ ଦେବା ନିମନ୍ତେ ଆବେଦନ କରିପାରିବେ ଏବଂ ଫର୍ମ-୮ ରେ ଭୋଟର ତାଲିକାରେ ସଂଶୋଧନ ହେଉ କିମ୍ବା ଭୋଟର କାର୍ଡ ରେ ପରିବର୍ତନ କରିବା ପାଇଁ ଆବେଦନ କରିପାରିବେ । ବୈଠକରେ ରାଜନୈତିକ ଦଳର ପ୍ରାର୍ଥୀଗଣ, ସାମ୍ବାଦିକ ଗଣ, ଅତିରିକ୍ତ ଜିଲ୍ଲାପାଳ ଲୀନା କୁମାରୀ ଖେସ୍, ଆସିଷ୍ଟାଣ୍ଟ କଲେକ୍ଟର ପ୍ରମୋଦ ବେହେରା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା, ନେହେରୁ ଯୁବ କେନ୍ଦ୍ରର ଅକ୍ଷୟ ନିପାନେ ଏବଂ ନିର୍ବାଚନ ବିଭାଗର କର୍ମକର୍ତାଗଣ ଉପସ୍ଥିତ ଥିଲେ ।

# ୧୦% ପି.ସି ଭାଗବଣ୍ଟାର ହିସାବ ଦେଇ ନିଲମ୍ବିତ ହେଲେ ପଂଚାୟତ ଅଧିକାରୀ

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ଜିଲ୍ଲାର କେତେକ କାର୍ଯ୍ୟାଳୟରେ ଆଖିବୁଜା ଦୁର୍ନିତି ଓ ପି.ସି କାରବାର ଚରମ ସୀମାରେ ପହଁଚିଛି । ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ବିଲ ପୈଠ ବେଳେ ଦାୟିତ୍ୱରେ ଥିବା ଅଧିକାରୀ ସିଧାସଳଖ ଲାଂଚ ମାଗିବା ଓ ପି.ସି କାଟି ରଖିବା ଦିନକୁ ଦିନ ବଢିବାରେ ଲାଗିଛି । ଏହିଭଳି ଏକ ଘଟଣାରେ ପୁରୁଷୋତମପୁର ପଂଚାୟତର ନିର୍ବାହୀ ଅଧିକାରୀ ସୁରେଖା ମଲିକ ୧୦% ପି.ସି କାଟି ରକି ଅବଶିଷ୍ଟ ଟଙ୍କା ଠିକାଦାର ଙ୍କୁ ପୈଠ କରିଥିବା ଘଟଣାର ଭିଡିଓ ପ୍ରଘଟ ହେବାପରେ ଜିଲ୍ଲା ପ୍ରଶାସନ ତାଙ୍କୁ ନିଲମ୍ବିତ କରିଥିବା ଜଣାପଡିଛି । ଘଟଣା ମୁତାବକ ଏହି ଭିଡିଓରେ ନିଆଯାଉ ଥିବା ୧୦% ପି.ସିରୁ ପଂଚାୟତ ଅଧିକାରୀ ନିଜେ ୪% ପି.ସି ରଖି ଅବଶିଷ୍ଟ ଅର୍ଥକୁ କନିଷ୍ଠ ଯନ୍ତ୍ରୀ ଓ ଅନ୍ୟ ମାନଙ୍କୁ ଦେଉଥିବାର ହିସାବ ପ୍ରକାଶ କରିଛନ୍ତି । ପୁରୁଷୋତମପୁର ପଂଚାୟତର ଏକ ପ୍ରକଳ୍ପର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ୨ଲକ୍ଷ ୮୦ ହଜାର ଟଙ୍କା ବ୍ୟୟ ଅଟକଳରେ ଠିକାଦାର ବିଶ୍ୱମ୍ବର ସେଠୀ କାମ କରିଥିଲେ । କାମ ସରି ଯାଇଥିଲେ ମଧ୍ୟ ବିଲ ପାଶ୍ କରିବା ପାଇଁ ଠିକାଦାର ଜଣକ ପିଇଓଙ୍କୁ ବାରମ୍ବାର ଅନୁରୋଧ କରିବା ପରେ ୧୦% ପି.ସି ନଦେଲେ ବିଲ ପାଶ୍ କରାଯିବ ନାହିଁ ବୋଲି ଭିଡିଓରେ ପ୍ରକାଶ କରିଥିଲେ । ଏହି ଭିଡିଓ ପ୍ରକାଶ ପାଇବା ପରେ ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ନିର୍ଦ୍ଦେଶରେ ଜିଲ୍ଲା ପଂଚାୟତ ଅଧିକାରୀ ସନ୍ତୋଷ କୁମାର ସାହୁ ଘଟଣାର ଅନୁସନ୍ଧାନ କରି ସତ୍ୟତା ଜଣା ପଡିବା ପରେ ଜିଲ୍ଲା ପ୍ରଶାସନ ପିଇଓ ସୁରେଖା ମିକଙ୍କୁ ନିଲମ୍ବିତ କରିଥିବା ଜଣାପଡିଛି ।

# ବିନା ସୂଚନା ଫଳକରେ ନିର୍ମାଣକାର୍ଯ୍ୟକୁ ନେଇ ଅସନ୍ତୋଷ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଅନ୍ତର୍ଗତ ସିନାପାଲି ସଦର ପ ।ୟତ ଜଗନ୍ନାଥ ଛକ ନିକଟ ଘୋଡାପଡା ଗଳି ରାସ୍ତା କଂକ୍ରିଟ କରଣ କାର୍ଯ୍ୟ ବିନା ସୂଚନା ଫଳକରେ ହୋଇଥିବା ନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିବା ସହ ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଥିବା ଅଭିଯୋଗ କରିଛନ୍ତି । ପ୍ରକାଶ ଯୋଗ୍ୟ ଯେ ଜନସାଧାରଣଙ୍କ ଅବଗତି ନିମନ୍ତେ ଯେ କୌଣସି ଉନ୍ନୟନ ମୂଳକ କାର୍ଯ୍ୟ ହେଲେ, କାର୍ଯ୍ୟସ୍ଥଳରେ ଏକ ସୂଚନା ଫଳକ ଦେବାର ସରକାରୀ ବ୍ୟବସ୍ଥା ରହିଅଛି । ଉକ୍ତ ଫଳକରେ ସେହି କାର୍ଯ୍ୟ ସମ୍ବନ୍ଧୀୟ ସବିଶେଷ ବିବରଣୀ ରହିବା କଥା । କିନ୍ତୁ ଏଠାରେ ବିଭାଗୀୟ ସରକାରୀ ଅଧିକାରୀ, କର୍ମଚାରୀଙ୍କ ଅବହେଳା ତଥା ମନମୁଖି କାର୍ଯ୍ୟ ଯୋଗୁଁ ସୂଚନା ଫଳକ ଦିଆଯାଇ ନାହିଁ । ଯାହାଫଳରେ ଜନସାଧାରଣ କାର୍ଯ୍ୟ ସମ୍ବନ୍ଧୀୟ କୌଣଷି ସୂଚନା ଜାଣିପାରୁ ନଥିବାରୁ ଅସନ୍ତୋଷ ପ୍ରକାଶ କରୁଛନ୍ତି । ଉକ୍ତ କାର୍ଯ୍ୟର ଅଟକଳ ମୂଲ୍ୟ କେତେ, କେତେ ଦୂରତା ପର୍ଯ୍ୟନ୍ତ ନିର୍ମାଣ ହେବ, ତାହା ଜାଣି ପାରୁ ନାହାନ୍ତି । କେଉଁ ଉଦ୍ଦେଶ୍ୟରେ ଏଭଳି ସରକାରୀ ବ୍ୟବସ୍ଥାକୁ ଅବମାନନା କରାଯାଉଛି, ସେନେଇ ଲୋକଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଏହା ଠିକାଦାର ପୋଷାନୀତିରେ ଚାଲିଛି ବୋଲି ପ୍ରକାଶ କରିବା ସହ ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଥିବା ଅଭିଯୋଗ କରିଛନ୍ତି । ନିର୍ମାଣ କାର୍ଯ୍ୟ ନିମ୍ନମାନ ହୋଇଥିବା ନେଇ ପଡାବାସୀ ଅଭିଯୋଗ କରିବାରୁ ସଂପୃକ୍ତ ଠିକାଦାର ପଡାବାସୀଙ୍କ ଉପରେ ଅସନ୍ତୋଷ ଥିବା ସେମାନେ ପ୍ରକାଶ କରନ୍ତି । ଏ ନେଇ ପଡାବାସୀ ସିନାପାଲି ବିଡିଓଙ୍କୁ ଏକ ଲିଖିତ ଅଭିଯୋଗ କରିଥିବା ପ୍ରକାଶ କରିବା ସହ ଏହାର ତଦନ୍ତ କରି ଉଚିତ୍ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସ୍ଥାନୀୟ ଉଦ୍ଧବ ମେହେର, କ୍ଷମାନିଧି ମେହେର, ଲିଙ୍ଗରାଜ ମେହେର, ସୂର୍ଯ୍ୟକାନ୍ତୀ ମେହେର, ନିର ମେହେର, ବାସନ୍ତୀ ମେହେର, ପରମେଶ୍ୱର ମେହେର, ସନ୍ତୋଷ ମେହେର, ରଞ୍ଜନ ମେହେର, ନିରାଶ ମେହେର, ବିଲାଶ ମେହେର, ଭୋକରଧନ ମେହେର ପ୍ରମୁଖ ଦାବି କରିଛନ୍ତି । ଏସଂକ୍ରାନ୍ତରେ ସିନାପାଲି ବିଡିଓ ସଦାଶିବ ନାଏକଙ୍କୁ ପଚାରିବାରୁ ଏ ବିଷୟରେ ଅଭିଯୋଗ ହୋଇଛି, ତାର ତଦନ୍ତ କରାଯିବ ବୋଲି ପ୍ରକାଶ କରିଥିଲେ ।


2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada




Bhubaneswar Thursday August 04, 2022 ଭୁବନେଶ୍ୱର ଗୁରୁବାର, ଅଗଷ୍ଟ ୦୪,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ବନ୍ଧୁ ହୋଇ ଗୁଆ ଦେବାର ବାହାନା ଦେଖାଇ ଲୁଟି ନେବା ଘଟଣାରେ ୪ ଅଭିଯୁକ୍ତ ଗିରଫ



ଖୋର୍ଦ୍ଧା,(ପିଏନ): ଗତ ମାସ ୧୨ ତାରିଖ ଦିନ ମଧ୍ୟାହ୍ନ ସମୟରେ ବେଗୁନିଆ ଥାନା ଠାରୁ ମାତ୍ର ୧ଶହ ମିଟର ଦୂରତାରେ ଘରେ କେହି ନଥିବାର ସୁଯୋଗ ନେଇ ୩ ଜଣ ଅଜଣା ବ୍ୟକ୍ତି ଜ୍ୱାଇଁ ଗୁଆ ଦେବାର ବାହାନା ଦେଖାଇ ନିଶାମଣି ସେଠୀଙ୍କ ଘରର କବାଟ ବାଡେଇଥିଲେ । ବୃଦ୍ଧା ନିଶାମଣୀ ଘରର କବାଟ ଫିଟାଇ ଦେବା କ୍ଷଣି ଅତର୍କିତ ଭାବରେ ୩ ଜଣ ଯାକ ପାଟିରେ ସେଲୋଟେପ ଲଗାଇ ହାତ ଗୋଡ ବାନ୍ଧି ସୁନାର ୮ ହଳ ରିଙ୍ଗ,୭ ନାକ ରିଙ୍ଗ ୨ ହଳଚେନ,୩ ହଳ କାଚ ରୂପା ପାଉଁଚି ୧ ହଳଗୋଟିଏ ଲାଟପ ଓ ମୋବାଇଲକୁ ଗଡରେ ଆଲମିରାର ଚାବି ଭାଙ୍ଗି ପଳାଇ ଯାଇଥିଲେ । ଏ ନେଇ ପରିବାର ଲୋକମାନେ ପହଂଚି ବୃଦ୍ଧାଙ୍କୁ ଉଦ୍ଧାର କରି ବେଗୁନିଆ ଥାନାରେ ୧୭୧/୨୨ରେ କେସ ରୁଜୁ କରିବା ସହ ଧାରା ୪୫୨,୩୯୨ ଓ ୩୪ ଆଇପିସି ସେକ୍ସନରେ ମହିଳା ଉପନିରୀକ୍ଷକ ଗାୟତ୍ରୀ ଗୋଚ୍ଛାୟତ ଘଟଣାର ତଦନ୍ତ ଆରମ୍ଭ କରିଥିଲେ । ପ୍ରାଥମିକ ସୂଚନା ଅନୁଯାଇ ଗତ ଛଅମାସ ତଳେ କଟକ ଜିଲ୍ଲା ବୈଦେଶ୍ୱର ଥାନା ଅନ୍ତର୍ଗତ ଅନ୍ଧାରୁଆ ଗ୍ରାମର ଛବି ସେଠିଙ୍କ ପତ୍ନୀ ସବିତା(୪୧) ଘରର ଯାବତୀୟ କାର୍ଯ୍ୟ ପାଇଁ ନିଶାମଣିଙ୍କ ଘରେ ନିଯୁକ୍ତ ହୋଇଥିଲେ । ତେବେ ସବିତାଙ୍କ ପରିବାର ଲୋକମାନେ ଭୁବନେଶ୍ୱରରେ ରହୁଥିବା ବେଳେ ତପନ ସେଠୀ ଓରଫ ବିକଳି(୩୨) ଓ ଚନ୍ଦ୍ରଶେଖର ପୁର ଅଂଚଳରେ ରହୁଥିବା ଅଟୋ ଡ୍ରାଇଭର ସୁରେନ୍ଦ୍ର ସେଠୀଙ୍କୁ ସୁନା ଅଳଙ୍କାର ଓ ଟଙ୍କା ରହିଥିବାର ଘରର ଅବିକଳ ସ୍ଥାନର ସୂଚନା ଶ୍ରୀମତୀ ସେଠୀ ଦେଇଥିଲେ ।ଏହି ସୂଚନା ପାଇବା କ୍ଷଣି ତପନ ସେଠୀ ଚୋରୀ କରିବା ପାଇଁ ସାଙ୍ଗ ଭରତପୁର ଅଂଚଳର ମନୋଜ ନାୟକ ଓରଫ ବାପି(୪୦),ଜଗା ସେଠୀ (୧୯) ଓ ଚନ୍ଦ୍ରଶେଖରପୁର ଅଂଚଳର ବସନ୍ତ ପଟ୍ଟନାୟକ(୩୨) ଯୋଜନା ମୁତାବକ ଜ୍ୱାଇଁ ଗୁଆ ପଠାଇଛନ୍ତି କହି ବାହାନାରେ ଘରେ ପଶି ଲୁଟ କରିଥିଲେ । ଏହି ଘଟଣାରେ ଖୋର୍ଦ୍ଧା ଜିଲ୍ଲା ଆରକ୍ଷୀ ଅଧିକାରୀ ସିଦ୍ଧାର୍ଥ କାଟାରିଆଙ୍କ ନିର୍ଦ୍ଦେଶରେ ଖୋର୍ଦ୍ଧା ଉପଖଣ୍ଡ ଅଧିକାରୀ ସୁଶୀଲ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ବେଗୁନିଆ ଥାନା ଅଧିକାରୀ ଲକ୍ଷ୍ମୀ ପ୍ରସାଦ ଶତପଥି ଓ ଅତିରିକ୍ତ ଥାନା ଅଧିକାରୀ ଶମ୍ଭୁନାଥ ନାୟକ ଏକ ଟିମ ଗଠନ କରି ଘଟଣାର ତଦନ୍ତକାରୀ ଅଧିକାର ଗାୟତ୍ରୀ ଗୋଚ୍ଛାୟତ, ଏଏସଆଇ ଗଜେନ୍ଦ୍ର କୁମାର ଜେନା,ଭୁବନ ବେହେରା,କନେଷ୍ଟବଳଶ୍ରୀ ନିବାସ ବାରିକ ଓ ପ୍ରଦୀପ ବେହେରାଙ୍କ ସହ ଅପରାଧିକ ଶାଖା ଓ ଜିଲ୍ଲା ସ୍ପେସିଆଲ ସ୍କ୍ୱାର୍ଡ ବିଭିନ୍ନ ସ୍ଥାନରେ ଚଢାଉ କାର୍ଯ୍ୟ କର ସୁନା ଗହଣା,ରୂପା,ଲାପଟପ ଓ ମୋବାଇଲ ଜବତ କରିଥିଲେ ।ଏତଦ ବ୍ୟତୀତ ଚୋରୀ ସୁନା ଅଳଙ୍କାର କିଣିବା ଅଭିଯୋଗରେ ଭୁବନେଶ୍ୱରର ଶୁଭଶ୍ରୀ ସୁନା ଅଳଙ୍କାର ଦୋକାନର ବଣିଆ କେ ସୂର୍ଯ୍ୟ ନାରାୟଣ ଆଚାରିଆ (୫୧),ଲିପସା ସେଠୀ(୨୬)ଙ୍କୁ ଗିରଫ କରା ଯାଇଥିଲା ।

## ୩ଟି କନ୍ୟା ସନ୍ତାନର ଜନନୀକୁ ମାରିଦେଲେ ଶାଶୁଘର ଲୋକ,ଅଭିଯୋଗ ଆଣିଲେ ମୃତା ମହିଳାଙ୍କ ଭାଇ

ଖୋର୍ଦ୍ଧା, (ପିଏନ): ବୋହୁ ୩ଟି କନ୍ୟା ସନ୍ତାନ ଜନ୍ମ ଦେଇ ସାରିବା ପରେ ପୁନଶ୍ଚ ଗର୍ଭବତୀ ହୋଇ ଚତୁର୍ଥ କନ୍ୟା ସନ୍ତାନ ଜନ୍ମ ଦେବା ପୂର୍ବରୁ ଶାଶୁଘର ଲୋକମାନେ ଜାଣିଶୁଣି ଗର୍ଭନଷ୍ଟ ପାଇଁ ବିଭିନ୍ନ ପ୍ରକାର ଔଷଧର ବ୍ୟବହାର ତାଙ୍କୁ ମାରି ଦେଇଥିବାର ଅଭିଯୋଗ ମୃତା ମହିଳାଙ୍କ ଭାଇ ଜଙ୍କିଆ ଥାନାରେ ଅଭିଯୋଗ କରିଛନ୍ତି । ମୃତା ମହିଳାଙ୍କ ଭାଇ ଦୀପକ ମହାନ୍ତିଙ୍କ ସୂଚନା ମୁତାବକ ଜଙ୍କିଆ ଥାନା ଅନ୍ତର୍ଗତ ଗୋଳବାଇ ଗ୍ରାମର କେଳୁଚରଣ ବଳବନ୍ତରାୟଙ୍କ ପୁଅ ତପନ ୧୪ ବର୍ଷ ତଳେ ବୈଦିକ ରିତୀ ନିତୀ ଅନୁଯାଇ ବେଗୁନିଆ ଥାନା ଅନ୍ତର୍ଗତ କୁଶପଲ୍ଲୀ ଗ୍ରାମର ଦୀପକଙ୍କ ଭଉଣୀ ପୁଷ୍ପାଞ୍ଜଳୀଙ୍କୁ ବିବାହ କରିଥିଲେ । ଏହି ବିବାହ ସମୟରେ ଦାବୀ ମୁତାବକ ଯୌତୁକ ଦିଆ ଯାଇଥିବା ବେଳେ କିଛିଦିନ ବିତି ଯିବା ପରେ ଅଧିକ ଯୌତୁକ ଅଣିବା ପାଇଁ ଶାଶୁଘର ପରିବାର ଲୋକମାନେ ଶାରିରୀକ ଓ ମାନସିକ ଭାବେ ନିର୍ଯ୍ୟାତନା ଦେଇ ଆସୁଥିଲେ । ଏ ନେଇ ଜଙ୍କିଆ ଥାନାରେ ବାରମ୍ବାର ଅଭିଯୋଗ ପରେ ଉଭୟ ପରିବାର ପକ୍ଷରୁ ଭଦ୍ରବ୍ୟକ୍ତିଙ୍କ ମାଧ୍ୟମରେ ଅପୋଷ ସମାଧାନ କରାଯାଇଥିଲା ।ଏପରିକି ସ୍ୱାମୀ ତପନ ନିଜ ଭାଣେଜୀଙ୍କ ସହ ଅନୈତିକ ସମ୍ପର୍କ ରହିଥିବାର ପୁଷ୍ପାଞ୍ଜଳୀ ଦେଖିବା ପରେ ପ୍ରାୟତଃ କଳହର ସୂତ୍ରପାତ ହୋଇଥିଲା ବୋଲି ବାପଘର ଲୋକଙ୍କୁ ଜଣାଇବାରୁ ଭାଇ ତପନ ମଧ୍ୟ ଏ ସମ୍ପର୍କରେ ଥାନାରେ ଜଣାଇଛନ୍ତି ।ଏହି ଘଟଣାରେ ଶାଶୁ ଘର ଲୋକମାନେ ମାଡ ମାରି ଗାଳିଗୁଲଜ କରିବାରୁ ପୁଷ୍ପାଞ୍ଜଳୀ ସହ୍ୟ କରି ନପାରିବାରୁ ନିଜର ତିନି ଝିଅଙ୍କୁ ଧରି ଶେଷଥର ପାଇଁ ୧୪ ମାସ ତଳେ ନିଜ ବାପଘର କୁଶପଲ୍ଲୀରେ ଶ୍ୱଶୁର ଘର ଲୋକ ଆଣି ଛାଡି ଦେଇଥିଲେ । ଝିଅ ନିଜ ବାପ ଘରେ ୭ ମାସ ରହିବା ପରେ ଶାଶୁ ଓ ଜ୍ୱାଇଁ ଆସି ନେବା ପାଇଁ କହିବାରୁ ଝିଅ ରାଜି ନ ହେବାରୁ ବେଗୁନିଆ ଥାନାରେ ଅଭିଯୋଗ ପରେ ଜାନୁୟାରୀ ମାସ ୨୪ ତାରିଖରେ ଭଦ୍ର ଲୋକଙ୍କ ନିଷ୍ପତି ଅନୁଯାଇ ଆପୋଷ ସମାଧାନ ପରେ ଶ୍ୱଶୁର ଘରକୁ ଯାଇଥିଲା ।ଏହା ମଧ୍ୟରେ ଝିଅର ଗର୍ଭରେ ରହିଥିବାର ଜାଣି ଶ୍ୱଶୁର ଘର ଲୋକମାନେ ପରୀକ୍ଷା କରିବା ପରେ ଝିଅ ଜନ୍ମ ହେବାକୁ ଥିବାର ଜାଣି ବିଭିନ୍ନ ସମୟରେ ଅକଥନୀୟ ଅତ୍ୟାଚାର କରି ଗର୍ଭପାତ କରିବାକୁ ଔଷଧ ପତ୍ର ଦେଉଥିଲେ ।ଫଳରେ ଗତ ଶୁକ୍ରବାର ରାତିରେ ଦେହ ଭୀଷଣ ଖରାପ ହେବାରୁ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରିଥିଲେ ।ତାଙ୍କର ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ନିମିତ ଡାକ୍ତର ଭୁବନେଶ୍ୱର ନେଇ ଯିବାକୁ ପରାମର୍ଶ ଦେଇଥିଲେ ।ଶନିବାର ଦିନ ଝିଅର ଶାଶୁଘର ଲୋକମାନେ ଭୁବନେଶ୍ୱରର ଏକ ପ୍ରାଇଭେଟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବାର ଖବର ଜଣାଇ ସେଠାରୁ ଫେରାର ହୋଇ ଯାଇଥିଲେ ।ଝିଅର ଭାଇ ଦୀପକ ଓ ମା ଦୁହେଁ ମିଶି ଚିକିତ୍ସାଳୟରେ ପହଂଚି ପୁଷ୍ପାଞ୍ଜଳୀ ମୃତ୍ୟୁ ବରଣ କରିଥିବାର ଦେଖିବା ପରେ ଶବକୁ ନେବା ପାଇଁ ବକେୟା ଅର୍ଥ ପଇଠ କରିବାକୁ ଚିକିତ୍ସାଳୟ କର୍ତ୍ତୃପକ୍ଷ କହିଥିଲେ ।ଏହି ଅର୍ଥ ପଇଠ ନ କରିବାରୁ ଭରତପୁର ଥାନାକୁ ଜଣାଇବାରୁ ପୁଲିସ ଏ ସମ୍ପର୍କରେ ଜଙ୍କିଆ ଥାନା ସହିତ ଯୋଗାଯୋଗ କରି ସରପଂଚଙ୍କ ହସ୍ତକ୍ଷେପ କରିବାରୁ ପୁଲିସ ଛାଡି ଦେଇଥିଲେ ।ଗତ ୩୧ ତାରିଖ ଦିନ ଦୀପକ ଭରତପୁର ଥାନାରେ ଅଭିଯୋଗ ପରେ ସ୍ୱାମୀ ତପନ ନିଜ ପରିବାର ସହିତ କିଛି ଲୋକଙ୍କୁ ଧରି ଭରତପୁର ଥାନାରେ ପହଂଚିବା କ୍ଷଣି ତପନକୁ ଅଟକ ରଖି ଅନ୍ୟ ଅଭିଯୁକ୍ତ ମାନଙ୍କୁ ଛାଡି ଦେଇଛନ୍ତି ବୋଲି ଅଭିଯୋଗକାରୀ ଜଣାଇଥିବା ବେଳେ ତୁରନ୍ତ ଅନ୍ୟ ମାନଙ୍କୁ ଗିରଫ କରାଯାଉ ବୋଲି କ୍ଷୋଭର ସହିତ କହିଛନ୍ତି ।

## ଡଃ ଅରୁନ୍ଧତୀ ଦେବୀଙ୍କୁ ବୀର ବାଜି ରାଉତ ସମ୍ମାନ - ୨୦୨୨ ପ୍ରଦାନ






ନୂଆଦିଲ୍ଲୀ, (ପି.ଏନ): ବିଶିଷ୍ଟ ସମାଜସେବୀ ଏବଂ ଶୋଭାନୀୟ ଆନ୍ଦୋଳନର ନିର୍ଦ୍ଦେଶିକା ଡଃ ଅରୁନ୍ଧତୀ ଦେବୀଙ୍କୁ ଚଳିତ ବର୍ଷର ବୀର ବାଜି ରାଉତ ସମ୍ମାନ ପ୍ରଦାନ କରାଯାଇଛି। ସମାଜର ସବୁକ୍ଷେତ୍ରରୁ ଅଶୋଭନୀୟତାର ଦୂରୀକରଣ ଏବଂ ଜନକଲ୍ୟାଣ ନେଇ ତାଙ୍କର ଜୀବନତମାମ ଅବଦାନ ସକାଶେ ଡଃ ଦେବୀଙ୍କୁ ଏହି ସମ୍ମାନନୀୟ ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ କରାଯାଇଥିବା ଜଣାଯାଇଛି। ଉତ୍କଳ ଭାରତୀ ପତ୍ରିକା ତରଫରୁ ଜାତୀୟସ୍ତରରେ ପ୍ରତିଷ୍ଠିତ ଏହି ସମ୍ମାନ, ବାଜିରାଉତଙ୍କର ସ୍ମୃତିରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ମୁକ୍ତ ଶିକ୍ଷା ବିଦ୍ୟାଳୟ ଠାରେ ଆୟୋଜିତ ଜାତୀୟ ଆଲୋଚନା ଚକ୍ର ଅବସରରେ ଡଃ ଦେବୀଙ୍କୁ ପ୍ରଦାନ କରାଯାଇଛି। ଜାତୀୟ ଶିକ୍ଷା ନୀତି ୨୦୨୦ : ଭାରତର ସର୍ବ କନିଷ୍ଠ ଶହୀଦ ବାଜି ରାଉତଙ୍କ ସମ୍ପର୍କରେ ଏକ ଶୈକ୍ଷିକ ଅନୁଶୀଳନ ଶୀର୍ଷକ ଏହି ବିଚାରଗୋଷ୍ଠୀରେ ଦେଶର ବହୁ ଲବ୍ଧପ୍ରତିଷ୍ଠ ଶିକ୍ଷାବିତ୍, ବୁଦ୍ଧିଜୀବୀ, ଛାତ୍ର ଛାତ୍ରୀ ଏବଂ ପ୍ରବାସୀ ଓଡ଼ିଆ ସମ୍ପ୍ରଦାୟର ନେତୃବୃନ୍ଦ ଯୋଗ ଦେଇଥିଲେ। ସମାବେଶକୁ ସମ୍ବୋଧନ କରି ଡଃ ଅରୁନ୍ଧତୀ ଦେବୀ, ବାର ବର୍ଷର ବାଳୁତ ବାଜି ରାଉତଙ୍କର ମହାନ ବଳିଦାନ ପ୍ରକୃତ ଦେଶପ୍ରେମ, ପ୍ରଗାଢ଼ ଦେଶଭକ୍ତି ଏବଂ ପ୍ରଶସ୍ତ ଦେଶସେବାର ନିଦର୍ଶନ ଥିଲା ବୋଲି ଉଲ୍ଲେଖ କରିଥିଲେ। ବାଜିଙ୍କର ଦେଶମାତୃକା ପାଇଁ ଚରମ ତ୍ୟାଗ, ଆମର ଯୁବପିଢ଼ିଙ୍କୁ ଯୁଗ ଯୁଗ ଧରି ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହେବାକୁ ପ୍ରେରିତ ଓ ଉତ୍ସାହିତ କରୁଥିବ ବୋଲି ଡଃ ଦେବୀ ପ୍ରକାଶ କରିଥିଲେ। ସଭାରେ ଉଦବୋଧନ ଦେଇ ସମ୍ମାନିତ ଅତିଥି, ୱାର୍ଲଡ ଓଡ଼ିଶା ସୋସାଇଟିର ଅଧକ୍ଷ କିଶୋର ଦ୍ୱିବେଦୀ, ପ୍ରଦେଶ ରାଜଧାନୀ ଭୁବନେଶ୍ୱର ଏବଂ ଜାତୀୟ ରାଜଧାନୀ ଦିଲ୍ଲୀ ଠାରେ ବାଜି ରାଉତଙ୍କର ଭବ୍ୟ ସ୍ମାରକ ନିର୍ମାଣ କରାଯିବାକୁ ନିବେଦନ କରିଥିଲେ। ସମ୍ମାନିତ ବକ୍ତା ପ୍ରଫେସର ଡି.କେ ଗିରି ସମାଜରୁ ଦ୍ୱନ୍ଦ ଓ ଦ୍ୱିବିଧାର ଦୂରୀକରଣ ନେଇ ଦୃଢ଼ ଯୁକ୍ତି ଉପସ୍ଥାପନ କରିଥିଲେ। ଆଲୋଚନା ଚକ୍ରର ଅଧକ୍ଷ ପ୍ରଫେସର ଜନ୍ମେଜୟ ଖୁଣ୍ଟିଆ, ବାଜି ରାଉତଙ୍କର ବାଳିଦାନକୁ ଇତିହାସରେ ଲିପିବଦ୍ଧ କରାଯିବା ଉଦ୍ଦେଶ୍ୟରେ ସରକାରଙ୍କୁ ପ୍ରସ୍ତାବ ଦେବାକୁ ପରାମର୍ଶ ଦେଇଥିଲେ। ବରେଣ୍ୟ ଅତିଥି ରାକେଶ ପାଣ୍ଡେ ଭାରତରେ ପ୍ରଚଳିତ ଧାର୍ମିକ ଗଣତନ୍ତ୍ରର ଉପାଦେୟତା ଉପରେ ଆଲୋକପାତ କରିଥିଲେ। ସହ ଆବାହକ ଡକ୍ଟର ଶିବନାଥ ମିଶ୍ର ବାଜି ରାଉତଙ୍କର ନାମରେ ଏକ ପାର୍କକୁ ନାମିତ କରିବାକୁ ମତପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଆଇନଜୀବୀ ଅନିତା ମହାପାତ୍ର ବାଜି ରାଉତଙ୍କର ଜୀବନ ଓ ଦର୍ଶନକୁ ବ୍ୟାପକ ଭାବେ ପ୍ରଚାର ଓ ପ୍ରସାର କରାଯିବା ଉପରେ ଜୋର ଦେଇଥିଲେ। ପ୍ରବାସୀ ଓଡ଼ିଆ ବିକାଶ ସମିତିର ସଭାପତି ସୂର୍ଯ୍ୟ ନାରାୟଣ ମିଶ୍ର, ସଚ୍ଚା ଜାତୀୟତା ଓ ସମର୍ପିତ ରାଷ୍ଟ୍ରପ୍ରେମ ଦ୍ୱାରା ଯୁବ ସମାଜ ଉଦ୍‌ବୁଦ୍ଧ ହେବାକୁ ଆହ୍ୱାନ ଜଣାଇଥିଲେ। ଯୁବ ପ୍ରାଧ୍ୟାପକ କମଳାକାନ୍ତ ରାଉଳ ଦେଶର ଇତିହାସକୁ ସଂଶୋଧନ କରାଯାଇ ଏଥିରେ ବାଜିରାଉତଙ୍କର ଜୀବନୀକୁ ସନ୍ନିବେଶିତ କରିବାକୁ ଦାବି କରିଥଲେ। ଅନ୍ୟମାନଙ୍କ ମଧ୍ୟରେ ନେହା ଆଲ୍ହାବାଦୀ, ପୁଷ୍ପାଞ୍ଜଳି ବାରିକ, ଅର୍ଚ୍ଚନା ପରିଡ଼ା, ଅନିଶ ପୂଜାପଣ୍ଡା, ଧର୍ମିତା ତଲୱାର, ଅଙ୍କିତ କୁମାର ଓ ଇନ୍ଦ୍ରଜିତ୍ ସୁକୁମାର ପ୍ରମୁଖ ବଜିରାଉତଙ୍କୁ ଭବ୍ୟ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ। ଅଧିବେଶନର ଶୁଭାରମ୍ଭ ମୀମାଂସା ପଟ୍ଟନାୟକଙ୍କ ଦ୍ୱାରା ଏକ ସୁମଧୁର ଭଜନ ପରିବେଷଣରୁ ହୋଇଥିଲା। ଉତ୍କଳ ଭାରତୀ ତରଫରୁ ପୂର୍ବତନ ମିସେସ୍ ଇଣ୍ଡିଆ ଇଣ୍ଟରନ୍ୟାସନାଲ ସୁରଞ୍ଜିତା ରାଣା ଦାଶ ଏବଂ ଉତ୍‌ଥାନର ସଭାପତି କ୍ରିଶନ କୁମାରଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ବୈଠକରେ ଡଃ ରଚନା ପ୍ରସାଦଙ୍କ ଦ୍ୱାରା ହିନ୍ଦୀରେ ଲିଖିତ, ଆପକା କାନୁନ୍ ଆପକେ ଅଧିକାର ଶୀର୍ଷକ ପୁସ୍ତକକୁ ଅତିଥିମାନେ ଉନ୍‌ମୋଚନ କରିଥିଲେ। ସଭା ଶେଷରେ ଧନ୍ୟବାଦ ଅର୍ପଣ କରି ମୁଖ୍ୟ ଆୟୋଜକ ଓ ଆଲୋଚନାଚକ୍ରର ଆବାହକ ଡଃ ନିର୍ମଳ ପଟ୍ଟନାୟକ ବାଜିରାଉତଙ୍କର ସ୍ମୃତି ରକ୍ଷା କରାଯିବା ଏବଂ ତାଙ୍କର ଜୀବନୀକୁ ପାଠ୍ୟକ୍ରମରେ ସାମିଲ କରାଯିବା ପାଇଁ ଭାରତ ସରକାରଙ୍କୁ ସ୍ମାରକପତ୍ର ଦିଆଯାଇଥିବାର ସୂଚନା ଦେଇଥିଲେ। ସମଗ୍ର ଅଧିବେଶନକୁ ଡଃ ଅଞ୍ଜନା ପଟ୍ଟନାୟକ ସୁଚାରୁ ରୂପେ ଉପସ୍ଥାପନା ଓ ସଂଯୋଜନା କରିଥିଲେ। ଆଲୋଚନାଚକ୍ରକୁ ଆୟୋଜନ ଓ ପରିଚାଳନା କରିବାରେ ଉତ୍ତମ କୁମାର ଦେଓ, ସୁରେନ୍ଦ୍ର କୁମାର ନାୟକ ଏବଂ ସୁକାନ୍ତ କୁମାର ମହାପାତ୍ର ପ୍ରମୁଖ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ଡଃ ତିଲୋତ୍ତମା ଭଟ୍ଟ, ବିଜୟଲକ୍ଷ୍ମୀ ପଟ୍ଟନାୟକ, ନିବେଦିତା ଗିରି, ଗୀତାଞ୍ଜଳି ସ୍ୱାଇଁ, ଚକ୍ରପାଣି ପରିଡ଼ା, ଭୁବନାନନ୍ଦ ଓ ଜ୍ଞାନେନ୍ଦ୍ର ପଣ୍ଡା ପ୍ରମୁଖଙ୍କର ନାମ ଉଲ୍ଲେଖଯୋଗ୍ୟ।

## ଡି.ଏ.ଭି କଳିଙ୍ଗ ନଗରରେ ମେଧାବୀ ସମ୍ବର୍ଦ୍ଧନା: ୩୨୫ ବିଭାଗରେ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ପୁରସ୍କୃତ




ଭୁବନେଶ୍ୱର ,(ପି.ଏନ): ଡି.ଏ.ଭି କଳିଙ୍ଗ ନଗର ପରିସରରେ ଶିକ୍ଷାବର୍ଷ ୨୦୧୯-୨୦ ଏବଂ ଶିକ୍ଷାବର୍ଷ ୨୦୨୦-୨୧ର ଦଶମ ଏବଂ ଦ୍ୱାଦଶ ଶ୍ରେଣୀର କୃତୀ ଛାତ୍ରଛାତ୍ରୀ ମାନଙ୍କୁ ଏକ ଭବ୍ୟ ସମ୍ବର୍ଦ୍ଧନା ଉତ୍ସବରେ ପୁରସ୍କୃତ କରାଯାଇଛି । କୋଭିଡ୍ ମହାମାରୀ ପାଇଁ ବିଳମ୍ବ କିନ୍ତୁ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିବାର ଲକ୍ଷ୍ୟ ନେଇ ଆୟୋଜିତ ଏହି ବର୍ଣ୍ଣାଢ୍ୟ ଉତ୍ସବରେ ଦୈତନଗରୀ ସ୍ଥିତ ଶ୍ରୀ ଶ୍ରୀ ବିଶ୍ୱ ବିଦ୍ୟାଳୟରର ରେଜିଷ୍ଟ୍ରାର ଡକ୍ଟର ଦେବୀ ପ୍ରସାଦ ସାହୁ ଯୋଗ ଦେଇ ପରୀକ୍ଷାରେ ଶୀର୍ଷସ୍ଥାନ ଅଧିକାର କରିଥିବା କୃତୀ ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣପତ୍ର ଓ ଫଳକ ପ୍ରଦାନ କରି ଉତ୍ସାହିତ କରିବା ସହ ଏହି ସଫଳତାକୁ ଜୀବନର ଏକ ଅଂଶଭାବେ ଗ୍ରହଣ କରି ଆଗକୁ ବଢିବା ପାଇଁ ପରାମର୍ଶ ଦେଇଥିଲେ । ଉତ୍ସବରେ ବିଦ୍ୟାଳୟର ଚେୟାରମ୍ୟାନ୍ ଶ୍ରୀଯୁକ୍ତ ମଦନ ମୋହନ ପଣ୍ଡା ଏବଂ ମ୍ୟାନେଜର ଡକ୍ଟର ଭାଗ୍ୟବତୀ ନାୟକ ଯୋଗ ଦେଇ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ତଥା ପ୍ରତ୍ୟେକ ବିଷୟରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରିବା ସହ ରାଷ୍ଟ୍ରଗଠନରେ ଜଣେ ସଚ୍ଚୋଟ ଏବଂ ନିଷ୍ଠାପର ନାଗରିକର ଦାୟିତ୍ୱ ସମ୍ପାଦନ କରିବା ପାଇଁ ଆହ୍ୱାନ ଦେଇଥିଲେ । କାର୍ଯ୍ୟକ୍ରମର ଆରମ୍ଭରେ ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ବିପିନ କୁମାର ସାହୁ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିବା ସହ ପରୀକ୍ଷାରେ ବିଦ୍ୟାଳୟରସଫଳତା ଉପରେ ଆଲୋକପାତ କରିଥିଲେ । ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏହି ଉତ୍ସବରେ ଯୋଗ ଦେଇ ୩୨୫ଟି ବିଭାଗରେ ପୁରସ୍କୃତ ହୋଇଥିଲେ । ବିଦ୍ୟାଳୟର ପର୍ଯ୍ୟବେକ୍ଷକ, ପର୍ଯ୍ୟବେକ୍ଷିକା ତଥା ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ମିଳିତ ଉଦ୍ୟମରେ କାର୍ଯ୍ୟକ୍ରମଟି ସୂଚାରୁରୁପେ ସମ୍ପାଦିତ ହୋଇଥିଲା । ବିଦ୍ୟାଳୟର ଏହି ଉଦ୍ୟମକୁ ଅଭିଭାବକ ମହଲରେ ଉଚ୍ଚପ୍ରଶଂସା କରାଯାଇଥିଲ ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray